

ଟେନିସ୍ ହଲ୍ ଅଫ୍ ଫେମ୍‌ରେ ଫେଡେରର୍
▶ପୃଷ୍ଠା ୧୦ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-144 ◆THURSDAY ◆20 NOVEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୪୪ ◆ଗୁରୁବାର ◆୨୦ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ବିପଦରେ ୩୫୦ କୋଟି ହ୍ୱାଟ୍ସଆପ୍ ୟୁଜର୍ସଙ୍କ ଡାଟା

■ ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ବିପଦରେ ବିଶ୍ୱର ୩.୫ ବିଲିୟନ ଅର୍ଥାତ୍ ୩୫୦ କୋଟିରୁ ଅଧିକ ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ। ଏଥିରେ କେବଳ ଭାରତର ସର୍ବାଧିକ ୭୪.୯ କୋଟି ବ୍ୟବହାରକାରୀଙ୍କ ଆକାଉଣ୍ଟ ରହିଛି। ସୁରକ୍ଷାରେ ବଡ଼ ତ୍ରୁଟି ଯୋଗୁ ହ୍ୱାଟ୍ସଆପ୍‌ରେ ବ୍ୟବହାରକାରୀଙ୍କ ପ୍ରୋଫାଇଲ୍ ପିକ୍ଚର ଏବଂ ଷ୍ଟାଟସ୍ ଆଦିରେ ଥିବା ତଥ୍ୟ ଲିକ୍ ହୋଇଯାଇପାରେ।ଭିଏନା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହି ତ୍ରୁଟିକୁ ଧରିଛନ୍ତି। ଗବେଷକଙ୍କ ଅନୁଯାୟୀ, ଏହି ଦୁର୍ବଳତା ଯେକୌଣସି ବ୍ୟକ୍ତିଙ୍କୁ ଯାଞ୍ଚ କରିବାକୁ ଅନୁମତି ଦିଏ ଯେ ଜଣେ ବ୍ୟକ୍ତି ହ୍ୱାଟ୍ସଆପ୍‌ରେ ସକ୍ରିୟ ଅଛନ୍ତି କି ନାହିଁ।



**ଭାରତର ୭୪.୯ କୋଟି ବ୍ୟବହାରକାରୀ**

**ପ୍ରୋଫାଇଲ ପିକ୍ଚର ଷ୍ଟାଟସ୍ ପ୍ରଘଟ ହୋଇପାରେ**

ତା'ପରେ ସେମାନଙ୍କ ପ୍ରୋଫାଇଲ୍ ପିକ୍ଚର ଓ ଷ୍ଟାଟସ୍‌ର ବିବରଣୀ ସହଜରେ ବାହାର କରାଯାଇପାରିବ। ପରେଏହାର ସମ୍ଭାବ୍ୟ ଅପବ୍ୟବହାର କରାଯାଇପାରେ ବୋଲି ଗବେଷକମାନେ କହିଛନ୍ତି। ଏହି ସମସ୍ୟାଟି ହ୍ୱାଟ୍ସଆପ୍‌ର କନେକ୍ଟ ଡିସ୍‌କଭରି ଫିଚରର ବୈଶିଷ୍ଟ୍ୟରେ ରହିଛି। ଏହା ବ୍ୟବହାରକାରୀଙ୍କ ଫୋନ୍ ଠିକଣା ପୁସ୍ତିକାକୁ ସିଙ୍କ୍ କରି ଲୋକଙ୍କୁ ସର୍ଚ୍ଚ ସହଜ କରିବା ପାଇଁ ଡିଜାଇନ୍ କରାଯାଇଥିଲା, କିନ୍ତୁ ଏହା ଅଜାଣତରେ ୟୁଜରଙ୍କ ଡାଟାର ବଡ଼ ପରିମାଣରେ ଚୋରି ପାଇଁ ଦ୍ୱାର ଖୋଲି ଦେଇଥିଲା। ଗବେଷକମାନେ ରିପୋର୍ଟ କରିଛନ୍ତି ଯେ ଏଥିରେ ବିଶ୍ୱର ୩୫୦ କୋଟି ବ୍ୟବହାରକାରୀଙ୍କ ମଧ୍ୟରୁ ଭାରତର ୭୪.୯ କୋଟି (୨୧.୬୭%), ଇଣ୍ଡୋନେସିଆର ୨୩୫ନିୟୁତ (୬.୮୧%), ବ୍ରାଜିଲର ୨୦୭ ନିୟୁତ ▶ପୃଷ୍ଠା-୭

## ଟ୍ରିବ୍ୟୁନାଲ ସଂସ୍କାର ଆଇନ ରଦ୍ଦ କଲେ ସୁପ୍ରିମ୍‌କୋର୍ଟ

■ ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଟ୍ରିବ୍ୟୁନାଲ ସଂସ୍କାର ଆଇନ, ୨୦୨୧କୁ ଆଜି ରଦ୍ଦ କରିଦେଇଛନ୍ତି ସୁପ୍ରିମ କୋର୍ଟ। ଏହି ଆଇନକୁ ଅସାମ୍ବିଧାନିକ ବର୍ଣ୍ଣନା କରି ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ସଂସଦରେ ଗୃହୀତ ଏହି ଆଇନ କ୍ଷମତାର ପୃଥକୀକରଣ ଏବଂ ବିଚାର ବିଭାଗର ନିରପେକ୍ଷତା ସଂକ୍ରାନ୍ତ ନିୟମରର ଉଲ୍ଲଂଘନ କରୁଛି। ବିଚାର ବିଭାଗର ସ୍ୱୟଂଶାସନ ପାଇଁ ସମ୍ବିଧାନରେ ଯେଉଁ ବ୍ୟବସ୍ଥା ରହିଛି, ସେଥିରେ କୌଣସି ପ୍ରକାର ହସ୍ତକ୍ଷେପ ନକରିବା ଲାଗି କେନ୍ଦ୍ର ସରକାରଙ୍କୁ କୋର୍ଟ ଚେତାବନୀ ଶୁଣାଇଛନ୍ତି। ସଂପୃକ୍ତ

**ବିଚାର ବିଭାଗର କ୍ଷମତାରେ ହସ୍ତକ୍ଷେପ ନକରିବାକୁ ଚେତାବନୀ**



ଟ୍ରିବ୍ୟୁନାଲ ଆଇନକୁ ଚାଲେଞ୍ଜ କରି ଆଗତ ଏକାଧିକ ପିଟିସନର ବିଚାର କରି ଆଜି ଏହି ରାୟ ଶୁଣାଇଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର. ଗଭାଇ ଏବଂ ଜଷ୍ଟିସ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ବେଞ୍ଚ। ରାୟ ଶୁଣାଇ ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ ▶ପୃଷ୍ଠା-୭

# ବିହାରରେ ପୁଣି ନୀତୀଶ ସରକାର

## ରାଜ୍ୟପାଳଙ୍କୁ ଭେଟି ଦେଲେ ଇସ୍ତଫା; ଆଜି ୧୦ମ ଥର ମୁଖ୍ୟମନ୍ତ୍ରୀ ରୂପେ ନେବେ ଶପଥ

■ ପାଟନା, ୧୯।୧୧ (ଏଜେନ୍ସି): ଯାହା ଆଶା କରାଯାଉଥିଲା, ତାହା ହିଁ ଘଟିଛି । ଆଜି ବିହାର ମୁଖ୍ୟମନ୍ତ୍ରୀ ନୀତିଶକୁମାର ରାଜ୍ୟପାଳଙ୍କୁ ଭେଟି ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି ଓ ଆସନ୍ତାକାଲି ପୁଣି ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବାକୁ ଯାଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହା, ବିଜେପି ଜାତୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାଣ, ୧୧ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ୧୫୦ ବିଶିଷ୍ଟ ଅତିଥିଙ୍କ ଉପସ୍ଥିତିରେ ନୀତିଶ ୧୦ମଥର ବିହାରର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବେ ବୋଲି ସୂଚନା ମିଳିଛି ।

ଆଜି ସକାଳେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଦଳୀୟ ପର୍ଯ୍ୟବେକ୍ଷକ ତଥା ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ



**ଯୋଗ ଦେବେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, କୃଷିମନ୍ତ୍ରୀ**

**ଶପଥ ଉତ୍ସବରେ ଉପସ୍ଥିତ ରହିବେ ୧୧ ମୁଖ୍ୟମନ୍ତ୍ରୀ**

ମୌର୍ଯ୍ୟ, ସହ ପର୍ଯ୍ୟବେକ୍ଷକ ଅର୍ଜୁନରାମ ମେଘୱାଲ ଓ ସାଧ୍ୱୀ ନିରଞ୍ଜନ ଜ୍ୟୋତିଙ୍କ ଉପସ୍ଥିତିରେ ସମ୍ରାଟ ଚୌଧୁରୀଙ୍କୁ ବିଜେପି ବିଧାୟକ ଦଳ ନେତା ଓ ବିଜୟ ସିହ୍ନାଙ୍କୁ ବିଧାୟକ ଦଳ ଉପନେତା ମନୋନୟନ କରାଯାଇଥିଲା। ଅନ୍ୟପକ୍ଷରେ ଜେଡିୟୁ ବିଧାୟକ ଦଳ ବୈଠକରେ ନୀତିଶକୁମାର ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିଲେ। ପରେ ଏନ୍‌ଡ଼ିଏ ବିଧାୟକ ଦଳ ବୈଠକ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା ଏବଂ ନୀତିଶକୁମାର ସର୍ବସମ୍ମତିକ୍ରମେ ନେତା ନିର୍ବାଚିତ ହୋଇଥିଲେ। ତେଣୁ ଆସନ୍ତାକାଲି ନୀତିଶ ମୁଖ୍ୟମନ୍ତ୍ରୀ ଏବଂ ସମ୍ରାଟ ଚୌଧୁରୀ ଓ ବିଜୟ ସିହ୍ନା ଉପମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବା ପ୍ରାୟ ଚୂଡ଼ାନ୍ତ ହୋଇଛି । ବିଧାୟକ ଦଳ ନେତା ନିର୍ବାଚନର ଔପଚାରିକତା ଶେଷ ପରେ ନୀତିଶକୁମାର ରାଜ୍ୟପାଳଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ।

ଆସନ୍ତାକାଲି ନୀତିଶଙ୍କ ସହ ଶପଥ ନେବାକୁ ଥିବା ସମ୍ଭାବ୍ୟ ମନ୍ତ୍ରୀମାନଙ୍କର ନାମ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିଲେ ହେଁ ତାହା ଚୂଡ଼ାନ୍ତ ହୋଇପାରି ନାହିଁ । ଆଜି ରାତିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ପାଟନାରେ ପହଞ୍ଚିବା ପରେ ନୀତିଶକୁମାରଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବେ। ଏହି ବୈଠକରେ ମନ୍ତ୍ରୀମାନଙ୍କ ସୂଚୀ ଚୂଡ଼ାନ୍ତ ହେବ ବୋଲି ▶ପୃଷ୍ଠା-୭

**ଆସୁଛି ଲଘୁଚାପ**

## ପୁଣି ବାତ୍ୟା ଭୟ

■ ଭୁବନେଶ୍ୱର, ୧୯ ।୧୧ (ସମିସ): ଚଳିତ ମାସ ଶେଷ ବେଳକୁ ରାଜ୍ୟକୁ ଆସୁଛି ବଡ଼ ବର୍ଷା । ରାଜ୍ୟର ସମଗ୍ର ଉପକୂଳବର୍ତ୍ତୀ ଜିଲ୍ଲା ସମେତ ଅଧିକାଂଶ ଆଭ୍ୟନ୍ତରୀଣ ଜିଲ୍ଲା ପାଇଁ ସୃଷ୍ଟି ହୋଇଛି ବର୍ଷା ବିପଦ। ସମ୍ଭାବ୍ୟ ଲଘୁଚାପ ଓ ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହେବାର ପୂର୍ବାନୁମାନକୁ ଆଧାର କରି ଆଉ ଏକ ସମ୍ଭାବ୍ୟ ବାତ୍ୟାର ମଧ୍ୟ ଆକଳନ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି ଯେ ଆସନ୍ତା ୨୨ତାରିଖ ବେଳକୁ ଦକ୍ଷିଣ-

■ **ଆନ୍ଧ୍ର-ଓଡ଼ିଶା ପ୍ରତି ରହୁଛି ବିପଦ**

■ **ଉଜାଡ଼ି ଦେବ ଉପକୂଳର ଚାଷ**

ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତିକରି ଘନୀଭୂତ ହୋଇ ୨୪ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଅଞ୍ଚଳରେ ଏକ ଅବପାତରେ ପରିଣତ ହେବ। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ସମାନ ଦିଗରେ ଗତି ବଜାୟ ରଖିବା ସହ ଦକ୍ଷିଣ- ▶ପୃଷ୍ଠା-୭

**ଲଜ୍ଜା!**

## ଦାଦନ ଫେରନ୍ତା ମହିଳାଙ୍କୁ ବସ୍‌ଷ୍ଟାଣ୍ଡରୁ ଟେକିନେଇ ଦୁଷ୍କର୍ମ !

■ ରାୟଗଡ଼ା,୧୯।୧୧(ସମିସ): ଜଣେ ଦାଦନ ଫେରନ୍ତା ବିବାହିତ ମହିଳାଙ୍କୁ ରାୟଗଡ଼ାରେ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୀଡିତା ମହିଳାଙ୍କ ଏତଲା ପ୍ରକାରେ ରାୟଗଡ଼ା ଥାନା ପୋଲିସ ଜଣକୁ ଅଟକ ରଖି ତଦନ୍ତ ଜାରି ରଖିଛି। ସୂଚନା ଯୋଗ୍ୟ ଯେ, ବିବାହିତ ମହିଳା ଜଣକ ନିଜ ସ୍ୱାମୀ ସହିତ ଗତକାଲି ଏ ନେଇ ବିଳମ୍ବିତ ରାତିରେ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଏସଡିପିଓ ଗୌରହରି ସାହୁଙ୍କ ନେତୃତ୍ୱରେ ପୋଲିସ ତଦନ୍ତ ଆରମ୍ଭ କରି ବଳାତ୍କାର କରିଥିବା ସନ୍ଦେହରେ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି। ତେବେ ପୀଡ଼ିତାଙ୍କ ସ୍ୱାମୀଙ୍କ କହିବାନୁସାରେ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକରୁ ସେମାନେ ତାମିଲନାଡୁ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ଗତକାଲି ରାୟଗଡ଼ାକୁ ଟ୍ରେନ ଯୋଗେ ଫେରିଥିଲେ। ରାତି ୮ଟା ସମୟରେ ନିଜ ଗାଁକୁ ଫେରିବା ପାଇଁ ରାୟଗଡ଼ା ବସଷ୍ଟାଣ୍ଡରେ ବସକୁ ଅପେକ୍ଷା କରିଥିଲେ। ଏହି ସମୟରେ ▶ପୃଷ୍ଠା-୭

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ କୁମାରସ୍ୱାମୀ

## ସଂପ୍ରସାରଣ ହେବ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ



**ସମସ୍ତ ସହଯୋଗ ଯୋଗାଇଦେବେ ରାଜ୍ୟ ସରକାର**

**ଲୋକଙ୍କ ସମସ୍ୟାର ସମାଧାନ କରି ସହମତି ଭିତ୍ତିରେ ସମ୍ପ୍ରସାରଣ ପାଇଁ ଜମି ଯୋଗାଇ ଦିଆଯିବ: ମୁଖ୍ୟମନ୍ତ୍ରୀ**

■ ଭୁବନେଶ୍ୱର, ୧୯।୧୧ (ସମିସ): କେନ୍ଦ୍ର ଭାରୀ ଶିଳ୍ପ ତଥା ଇସ୍ପାତ ମନ୍ତ୍ରୀ ଏଚ୍. ଡି କୁମାରସ୍ୱାମୀ ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ଅବସରରେ ଉଭୟେ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନାରୁ ଜଣାଯାଇଛି ଯେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ଉଦ୍ୟମ ଜାରି ରହିଛି। ଆଧୁନିକୀକରଣ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ବେଳେ, ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣକୁ ସୁରୁଖୁରୁରେ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା।

ବୈଠକରେ ଏ ସମ୍ପର୍କରେ ସମାଧାନ ପାଇଁ ବିସ୍ତୃତ ଆଲୋଚନା ▶ପୃଷ୍ଠା-୭

## ଚୋରକୁ ପିଟିପିଟି ମାରିଦେଲେ ଗ୍ରାମବାସୀ

■ ଉଦଳା, ୧୯।୧୧ (ସମିସ): ଗାଁକୁ ରାତିରେ ଚୋରି କରିବାକୁ ଆସିଥିଲେ ଦୁଇ ଲୁଟେରା; ହେଲୋ ଗ୍ୟାସ୍ ସିଲିଣ୍ଡର ଚୋରି କରିବା ପଡିଛି ମହଙ୍ଗା। ଗାଁ ଲୋକେ ଜଣେ ଚୋରକୁ ପିଟିପିଟି ମାରିଦେଇଛନ୍ତି। ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି ଉଦଳା ଥାନା ବିସିପୁର ଗ୍ରାମରେ। ମଙ୍ଗଳବାର ବିଳମ୍ବିତ ରାତିରେ ଖୁଣ୍ଟା ଥାନା ଦେଉଳା ଗ୍ରାମର ବାପି କୋହ୍ଲାର ଏବଂ କାହ୍ନୁ ମଢେଇ ବିସିପୁର ଗ୍ରାମକୁ ଚୋରି କରିବା ନିମନ୍ତେ ଯାଇଥିଲେ। ସେଠାରୁ ଦୁଇଟି ଗ୍ୟାସ୍ ସିଲିଣ୍ଡର ଚୋରି କରି ଗ୍ରାମରୁ ବାହାରି ଆସିବା ସମୟରେ ଲୋକଙ୍କ ହାବୁଡରେ ପଡିଯାଇଥିଲେ। ପରେ ଉଭୟଙ୍କୁ ନିର୍ଘାତ ପିଟିପିଟି

**୧୦ରୁ ଊର୍ଦ୍ଧ୍ୱ ଅଟକ**


ଗୁରୁତର କରିଦେଇଥିଲେ। ଖବରପାଇ ଉଦଳା ପୁଲିସ ପହଞ୍ଚି ଗ୍ରାମବାସୀଙ୍କ କବଳରେ ଥିବା ଦୁଇ ଲୁଟେରାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା; ହେଲେ ବାପି କୋହ୍ଲାରର ଅବସ୍ଥା ଗୁରୁତର ଥିବାରୁ କିଛି ସମୟ ପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ପୁଲିସ ମୃତକ ବାପି କୋହ୍ଲାରର ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ମେଡିକାଲରେ ରଖିଥିବା ବେଳେ ଅନ୍ୟ ଜଣେ ଲୁଟେରା କାହ୍ନୁକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହି ଘଟଣାରେ ପୁଲିସ ଗ୍ରାମର ୧୦ରୁ ଅଧିକ ଲୋକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ▶ପୃଷ୍ଠା-୭

## ଟଳିଲେ ଆଉ ୭ ମାଓବାଦୀ, ୫୦ ଗିରଫ

■ ମାଲକାନଗିରି, ୧୯ ।୧୧ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶର ଆଲୁରି ସୀତାରାମ ରାଜୁ ଜିଲ୍ଲାରେ ଆଜି ପୁଣି ସୁରକ୍ଷା ବଳକୁ ମିଳିଛି ବଡ଼ ସଫଳତା। ଗତକାଲି ଏହି ଜିଲ୍ଲାରେ ଗୁଳି ବିନିମୟ ଘଟି କୁଖ୍ୟାତ ମାଓ ନେତା ହିଡମା ସହ ୬ ଜଣ ମାଓବାଦୀ ନିହତ ହୋଇଥଲେ। ଆଜି ପୁଣି ସେହି ଅଞ୍ଚଳରେ ଚାଲିଥିବା ତଲାସି ଅଭିଯାନ ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଯେଉଁଥିରେ ୭ ଜଣ ମାଓବାଦୀ ମୃତ୍ୟୁବରଣ



କରିଥିବା ଜଣାପଡ଼ିଛି। ଗତକାଲିର ଗୁଳି ବିନିମୟ ପରେ ଏହି ଜଙ୍ଗଲରେ ମାଓ କ୍ୟାମ୍ପ ଚାଲିଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇବା ପରେ ଗ୍ରେ-ହାଉଣ୍ଡ ଯବାନ ସେହି ଅଞ୍ଚଳରେ କ୍ରମାଗତ ତଲାସି ଅଭିଯାନକୁ ଜାରି ରଖିଥିଲେ। ଭୋରରେ ମାଓବାଦୀ ଏବଂ ଯବାନ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ମାଓବାଦୀ ଛତ୍ରଭଙ୍ଗ ଦେବା ପରେ ଅଞ୍ଚଳରେ ଯବାନଙ୍କ ପକ୍ଷରୁ ତଲାସି ଅଭିଯାନ ବେଳେ ଘଟଣାସ୍ଥଳରୁ ୭ ଜଣ ମାଓବାଦୀଙ୍କ ଶବ ମିଳିଛି। ମୃତ ମାଓବାଦୀ ମଧ୍ୟରେ ଆନ୍ଧ୍ର-ଓଡ଼ିଶା ବର୍ଡର ଡିଭିଜନାଲ କମିଟି ମେମ୍ବର ଏମ୍ ଜଗା ରାଓ ଓରଫ ଟେକ ଶଙ୍କର, ଡିଭିଜନାଲ କମିଟି ମେମ୍ବର ସୀତା ଓରଫ ଜ୍ୟୋତି, ତିରୁପତିଙ୍କ ଶବ ରହିଛି। ମୃତ ମାଓବାଦୀଙ୍କ ମଧ୍ୟରେ ୫ ଜଣ ▶ପୃଷ୍ଠା-୭




ସକାଳ
THE SAKALA
www.sakalaepaper.com

## ଭାରତ ଫେରିଲା ଗ୍ୟାଙ୍ଗଷ୍ଟର ଲରେନ୍ସର ଭାଇ ଅନ୍‌ମୋଲ



ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଭାଇ ଅନ୍‌ମୋଲ ବିଷ୍ଣୋଇକୁ ପ୍ରତ୍ୟର୍ପଣ କରି ବୁଧବାର ଦିଲ୍ଲୀ ଅଣାଯାଇଛି। ବିମାନବନ୍ଦରରେ ପହଞ୍ଚିବା ପରେ ଏନ୍‌ଆଇଏ ତାକୁ ହେପାଜତକୁ ନେଇ ପଟିଆଲା ହାଉସ କୋର୍ଟରେ ଉପସ୍ଥାପନ କରିଛି। କୋର୍ଟ ତାକୁ ୧୧ ଦିନ ପାଇଁ ଏନଆଇଏ ହେପାଜତକୁ ପଠାଇ ଦେଇଛନ୍ତି। ଆମେରିକାରୁ ଆଜି ମୋଟ ୨୦୦ ଲୋକଙ୍କୁ ପ୍ରତ୍ୟର୍ପଣ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଭାରତର ତିନି ଜଣ ସାମିଲ ଥିଲେ। ଆଉ ଦୁଇ ପଞ୍ଜାବର ବାସିନ୍ଦା। ତେବେ ଏହି ଦୁଇ ଜଣଙ୍କ ବିଷୟରେ କୌଣସି ସୂଚନା ବାହାରକୁ ଆସି ନାହିଁ।

ଗ୍ୟାଙ୍ଗଷ୍ଟର ଅନମୋଲ ଭାରତରେ ଅନେକ ମାମଲାରେ ୱାଣ୍ଟେଡ ଥିଲା। ୨୦୨୪ ଏପ୍ରିଲରେ ବଲିଉଡ ଅଭିନେତା ସଲ୍‌ମାନ ଖାନଙ୍କ ଘର ଉପରେ ଗୁଳିମାଡ଼ ମାମଲାରେ ସେ ଅଭିଯୁକ୍ତ ଥିଲା। ସେହିପରି ଗତ ବର୍ଷ ମୁମ୍ବଇରେ ଏନ୍‌ସିପି ନେତା ବାବା ସିଦ୍ଦିକି ହତ୍ୟା ମାମଲାର ମଧ୍ୟ ସେ ମୁଖ୍ୟ ଅଭିଯୁକ୍ତ। ୨୦୨୨ରେ ପଞ୍ଜାବୀ ଗୀତିକାର ସିଦ୍ଧୁ ମୁସେୱାଲା ହତ୍ୟା ମାମଲାରେ ମଧ୍ୟ ଅନମୋଲର ନାମ ସାମ୍ନାକୁ ଆସିଥିଲା। ରିପୋର୍ଟ ଅନୁଯାୟୀ, ଆମେରିକାରେ ବେଆଇନ ଭାବେ ପ୍ରବେଶ କରିବା ମାମଲାରେ ଅନମୋଲକୁ ଗିରଫ କରାଯାଇଥିଲା। ସେ ଭାରତର ଜାଲ୍‌ପାସପୋର୍ଟରେ ଆମେରିକା ଯାଇଥିଲା। ଏହି ପାସୋପର୍ଟ ଭାନୁ ପ୍ରତାପ ନାମରେ ଥିଲା। ଏନଆଇଏର ୱାଣ୍ଟେଡ ତାଲିକାରେ ରହିଛି। ତା' ଉପରେ ୧୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି।

## ଇମ୍ରାନ ଖାନଙ୍କ ୩ ଭଉଣୀଙ୍କୁ ଘୋଷାଡ଼ି ନେଲା ପୁଲିସ



ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଲ୍‌ରେ ବନ୍ଦୀ ଇମ୍ରାନ ଖାନଙ୍କ ଭଉଣୀଙ୍କୁ ରାୱଲପିଣ୍ଡି ପୁଲିସ ଖରାପ ବ୍ୟବହାର କରିଛି। ଅଦିଆଲା ଜେଲ ବାହାରେ ବିକ୍ଷୋଭ କରୁଥିବା ପୁଲିସ ତାଙ୍କ ଭଉଣୀଙ୍କୁ ରାସ୍ତା ଘୋଷାଡ଼ି ଘୋଷାଡ଼ି ନେଇ ହେପାଜତରେ ରଖିଛି। ଏହାର କରୁଣ ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁଯାୟୀ ଇମ୍ରାନଙ୍କୁ ଭେଟିବା ପାଇଁ ଭଉଣୀ ଅଲିମା, ଉଜମା ଏବଂ ନୌରିନ ଖାନ ଜେଲ୍‌କୁ ଯାଇଥିଲେ। ମାତ୍ର ପୁଲିସ ତାଙ୍କୁ ଭାଇକୁ ଭେଟିବାକୁ ଦେଇ ନ ଥିଲା। ଏହାକୁ ପ୍ରତିବାଦ କରି ଭଉଣୀମାନେ ବିକ୍ଷୋଫ କରିଥିଲେ। ଏହି ସମୟରେ ଇମ୍ରାନଙ୍କ ଭଉଣୀ ନୌରିନଙ୍କୁ ପୁଲିସ ଘୋଷାଡ଼ି ଘୋଷାଡ଼ି ନେଇଥିଲେ। ଏହି ସମୟରେ ତାଙ୍କ ଭଉଣୀମାନେ ଭୟରେ ଥରୁଥିବା ଦେଖାଯାଉଛି। ନୌରିନ୍ କହିଛନ୍ତି ଯେ ଜେଲ୍ ବାହାରେ ମୁଁ ୨ଭଉଣୀଙ୍କ ସହ ଠିଆ ହୋଇଥିଲି। ଜଣେ ମହିଳା ପୁଲିସ ଆସି ମୋତେ ଧରି ତଳେ ପକାଇ ଦେଲେ। ଏପରି କାହିଁକି କରୁଛନ୍ତି ତାହା ମୁଁ ବୁଝି ପାରି ନ ଥିଲି। ଏହା ପରେ ସେ ମୋତେ ଘୋଷାଡ଼ିବା ଆରମ୍ଭ କଲେ। ସେମାନେ ଏତେ ତଳସ୍ତରକୁ ଖସିବା ଦୁଃଖଦାୟକ। ପଞ୍ଜାବ ପୁଲିସକୁ ସେ ସବୁଠୁ ନିଷ୍ଠୁର କହିଛନ୍ତି। ଇମ୍ରାନ ଖାନଙ୍କ ଦଳ ପାକିସ୍ତାନ ତେହେରିକ୍-ଇ-ଇନସାଫ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି।

# ଅଲ୍-ଫଲାହ ୟୁନିଭର୍ସିଟିରୁ ୧୦ ନିଖୋଜ




ନୂଆଦିଲ୍ଲୀ: ଲାଲ୍‌କିଲ୍ଲା ବିସ୍ଫୋରଣକୁ ନେଇ ହରିୟାଣା ଫରିଦାବାଦରେ ଥିବା ଅଲ-ଫଲାହ ୟୁନିଭର୍ସିଟି ପୁଣିଥରେ ସନ୍ଦେହ ଘେରକୁ ଆସିଛି। ଏହି ୟୁନିଭର୍ସିଟି ସହ ଜଡ଼ିତ ୧୦ ଜଣ ବ୍ୟକ୍ତି ବିସ୍ଫୋରଣ ପରଠାରୁ

**■ ଅଭିଯୁକ୍ତଙ୍କ ମୋବାଇଲରୁ ମିଳିଲା ୭୦ ଉତ୍ତେଜନା ସୃଷ୍ଟିକାରୀ ଭିଡିଓ**

ନିଖୋଜ ଅଛନ୍ତି। ଏମାନଙ୍କ ଫୋନ ବନ୍ଦ ରହିଛି। ସମସ୍ତେ ବିସ୍ଫୋରଣରେ ସାମିଲ ଥିବା ସନ୍ଦେହ କରାଯାଉଛି। ଏହି ନିଖୋଜ ବ୍ୟକ୍ତି ଓଭରଗ୍ରାଉଣ୍ଡ ୱାର୍କର ଭାବେ କାମ କରୁଥିଲେ। ସେହିପରି ଯାଞ୍ଚ ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ମୃତ ଆତଙ୍କବାଦୀ ଡ. ଉମର ନବି ଆହୁରି ଅଧିକ ଆତ୍ମଘାତୀଙ୍କୁ ପ୍ରସ୍ତୁତ କରିବାକୁ ଚାହୁଁଥିଲା। ସେଥିପାଇଁ ସେ ନିଜେ ଭିଡିଓ ପ୍ରସ୍ତୁତ କରି ଯୁବକଙ୍କ ପାଖକୁ ପଠାଉ ଥିଲା। ବ୍ରେନ ୱାସ୍ କରିବା ଏହାର ଉଦ୍ଦେଶ୍ୟ ଥିଲା।


ଏନ୍‌ଆଇଏ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗିରଫ ଅଭିଯୁକ୍ତଙ୍କ ମୋବାଇଲ ଫୋନରୁ ଉମର ପଠାଇଥିବା ୧୨ଟି ସମେତ ୭୦ରୁ ଅଧିକ ଭିଡିଓ ମିଳିଛି। ଏହି ଭିଡିଓ ୧୧ ଜଣଙ୍କୁ ପଠା ଯାଇଥିଲା। ଏମାନଙ୍କ ମଧ୍ୟରେ କଶ୍ମୀରର ୭ ଜଣ ଯୁବକ ସାମିଲ ଥିଲେ। ଅଲ-ଫଲାହ ବିଶ୍ୱବିଦ୍ୟାଳୟ ସହ ସମସ୍ତଙ୍କ ଲିଙ୍କ୍ ରହିଛି। ଅନ୍ୟ ୪ ଯୁବକ ଉତ୍ତର ପ୍ରଦେଶ, କେରଳ ଏବଂ କର୍ଣ୍ଣାଟକର ବାସିନ୍ଦା। ଯାଞ୍ଚରୁ ଜଣାପଡ଼ିଛି ଯେ ଉମରକୁ ଆଇ-୨୦ କାର୍ ଦେଇଥିବା ଆମିର ରସିଦ ଅଲ୍ଲି ନିଜେ ଆତ୍ମଘାତୀ ବୋମା ହେବାକୁ ପ୍ରସ୍ତୁତ ନ ଥିଲା। ତାକୁ ମଧ୍ୟ ଉମର ଉତ୍ତେଜନା ସୃଷ୍ଟିକାରୀ ଭିଡିଓ ପଠାଇ ଥିଲା। ଉମର ଆତ୍ମଘାତୀଙ୍କ ଏକ ଟିମ୍ ପ୍ରସ୍ତୁତ କରୁଥିଲା। ଅନେକ ରାଜ୍ୟର ଯୁବ ବର୍ଗ ତା ନିଶାଣରେ ଥିଲେ।

## ପଦାକୁ ଆସିଲା ପାକିସ୍ତାନର ଆତଙ୍କୀ ଚେହେରା

### 'କଶ୍ମୀରରୁ ଲାଲକିଲ୍ଲା ପର୍ଯ୍ୟନ୍ତ ଆକ୍ରମଣ ଆମେ କରିଛୁ'

ଇସଲାମାବାଦ, ୧୯।୧୧ (ଏଜେନ୍ସି): ଯାହା ଆଶା କରାଯାଉଥିଲା ତାହା ହିଁ ସତ ହୋଇଛି। ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣକୁ ନେଇ ପାକିସ୍ତାନ ନିଜକୁ ଦାୟୀ କରିଛି। ପୁଣିଥରେ ପାକିସ୍ତାନ ନିଜ ଭୂମିକୁ ଭାରତରେ ଆକ୍ରମଣ ପାଇଁ ବ୍ୟବହାର କରିଛି। ପାକିସ୍ତାନୀ ନେତା ଚୌଧୁରୀ ଅନୱରଉଲ ହକ୍ ଏହା ସ୍ୱୀକାର କରିଛନ୍ତି। ସୀମାପାର ଆତଙ୍କବାଦରେ ପାକିସ୍ତାନ ସାମିଲ ରହିଛି। କଶ୍ମୀର ଜଙ୍ଗଲଠାରୁ ଲାଲକିଲ୍ଲା ପର୍ଯ୍ୟନ୍ତ ହୋଇଥିବା ବିସ୍ଫୋରଣରେ ପାକିସ୍ତାନ ସାମିଲ ରହିଛି ବୋଲି ସେ କହିଛନ୍ତି। ପିଓକେ ବିଧାନସଭାରେ ସେ ଏହି ଟିପ୍ପଣୀ ଦେଇଛନ୍ତି। ପାକିସ୍ତାନୀ ନେତାଙ୍କ ଏହି ଦାବି ଉପରେ ଭାରତ ସରକାର କି ପଦକ୍ଷେପ ନେଉଛନ୍ତି ତାହା ଦେଖିବା ବାକି ରହିଲା। ପହଲଗାମ ଆକ୍ରମଣ ପରେ ଭାରତ ଉପରେ ଆତଙ୍କବାଦୀ ଆକ୍ରମଣ ହେଲେ ତାହାକୁ ଯୁଦ୍ଧ ଧରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏବେ ସମସ୍ତେ ଭାରତ ସରକାରଙ୍କ ଆଭିମୁଖ୍ୟକୁ ଚାହିଁ ବସିଛନ୍ତି।

ପାକିସ୍ତାନୀ ନେତା ଅନୱରଉଲ ହକ୍ ସୋମବାର ପିଓକେ ବିଧାନସଭାରେ କହିଥିଲେ ଯେ ଯଦି ଭାରତ ବଲୁଚିସ୍ତାନକୁ ଲହୁଲୁହାଣ କରିବ ତେବେ ଭାରତ ଉପରେ ଆକ୍ରମଣ କରିବୁ ବୋଲି ପୂର୍ବରୁ କହିଥିଲି। ଲାଲକିଲ୍ଲାଠାରୁ କଶ୍ମୀର ଜଙ୍ଗଲ ପର୍ଯ୍ୟନ୍ତ ଆକ୍ରମଣ କରାଯାଇଛି। ଆମର ସାହିନୀ ଏହା କରି ଦେଖାଇଛନ୍ତି। ଭାରତ ଏବେ ବି ମୃତଦେହର ଗଣତି କରିପାରି ନାହିଁ। ତେବେ ହକ୍‌ଙ୍କ ବୟାନରୁ ପାକିସ୍ତାନ ସରକାର ନିଜକୁ ଦୂରେଇ ରଖିଛନ୍ତି। ଅନାସ୍ଥା ପ୍ରସ୍ତାବ ଆଣି ପିଓକେ ପ୍ରଧାନମନ୍ତ୍ରୀ ପଦରୁ ତାଙ୍କୁ ହଟାଇ ଦିଆଯାଇଥିବାରୁ ଏଭଳି ବୟାନ ଦେଇ ହକ୍ ରାଜନୀତି କରୁଥିବା କୁହାଯାଇଛି। କିନ୍ତୁ ହକ୍‌ଙ୍କ ବୟାନ ଭାରତୀୟ ସୁରକ୍ଷା ଏଜେନ୍ସିଗୁଡିକ କରୁଥିବା ଦାବିକୁ ବଳ ଯୋଗାଇଛି। ଭାରତର ସୁରକ୍ଷା ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ଆତଙ୍କବାଦୀଙ୍କ ସହ ମିଶି ପାକିସ୍ତାନ ସୁରକ୍ଷା ଏଜେନ୍ସିଗୁଡିକ କାମ କରୁଛନ୍ତି।



ପାକିସ୍ତାନ ଭାରତରେ ଆତଙ୍କବାଦୀ ଆକ୍ରମଣ କରାଉଛି। ସୂଚନାଯୋଗ୍ୟ ଯେ ୨୯୦୦ କେଜି ବିସ୍ଫୋରକ ଜବତ ହେବା ପରେ ଦିଲ୍ଲୀରେ ବିସ୍ଫୋରଣ ହୋଇଥିଲା। ଏହି ମାମଲାରେ 'ହ୍ୱାଇଟ କଲାର ଟେରର ମଡ୍ୟୁଲୋ' ସାମ୍ନାକୁ ଆସିଥିଲା। ତେବେ ପୂର୍ବରୁ ଲାଲକିଲ୍ଲା ବିସ୍ଫୋରଣ ମାମଲାରେ ଦେଶର ହାତ ନ ଥିବା ପାକିସ୍ତାନ ସରକାରଙ୍କ ପକ୍ଷରୁ କୁହାଯାଇଥିଲା।

## ପାଲେଷ୍ଟିନୀୟ ଶରଣାର୍ଥୀ ଶିବିରରେ ଇସ୍ରାଏଲ ଆକ୍ରମଣ; ୧୪ ମୃତ

ବେରୁତ, ୧୯।୧୧ (ଏଜେନ୍ସି):ଦକ୍ଷିଣ ଲେବାନନ ସ୍ଥିତ ପାଲେଷ୍ଟିନୀୟ ଶରଣାର୍ଥୀ ଶିବିରରେ ଇସ୍ରାଏଲ ଆକାଶ ମାର୍ଗରୁ ଜୋରଦାର ଆକ୍ରମଣ କରିଛି। ଏଥିରେ ୧୩ ଜଣ ପ୍ରାଣ ହରାଇଥିବାବେଳେ ୪ ଜଣ ଆହତ ହୋଇଛନ୍ତି। ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ହମାସ ଆତଙ୍କବାଦୀଙ୍କୁ ନିଶାଣ କରି ଏଇନ ଇଲ-ହିଲୱେ ଅଞ୍ଚଳରେ ଏହି ଆକ୍ରମଣ କରାଯାଇଥିଲା। ଏଠାରୁ ଯୋଜନା କରେ ଇସ୍ରାଏଲ ଉପରେ ହମାସ ଆକ୍ରମଣ କରୁଥିଲା। ତେବେ ଇସ୍ରାଏଲର ଏଭଳି ଦାବିକୁ ହମାସ ଖଣ୍ଡନ କରିଦେଇଛି। ଏହି ଆକ୍ରମଣକୁ ନିନ୍ଦା କରି ହମାସ ପକ୍ଷରୁ କୁହାଯାଇଛି ଯେ ଏକ ଖେଳ ପଡ଼ିଆରେ ଆକ୍ରମଣ ହୋଇଛି। ଏହା କୌଣସି ତାଲିମ କେନ୍ଦ୍ର ନୁହେଁ। ଏହି ଇହୁଦୀ ଦେଶ ମିଛ ଏବଂ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଥିବା ଅଭିଯୋଗ କରାଯାଇଛି। ଇରାନ ସମର୍ଥିତ ହିଜବୁଲ୍ଲା ସହ ଯୁଦ୍ଧ ବନ୍ଦ ପାଇଁ ଅସ୍ତ୍ରବିରତି କରିବା ପରଠାରୁ ଇସ୍ରାଏଲ ନିୟମିତ ଭାବେ ଲେବାନନର ବିଭିନ୍ନ ଠିକଣା ଏବଂ ଲୋକଙ୍କ ଉପରେ ଆକ୍ରମଣ ଜାରି ରଖିଛି। ଅଧିକାଂଶ ଆକ୍ରମଣ ହିଜବୁଲ୍ଲାକୁ ଦେଖି କରାଯାଉଛି। ଏହା ସହିତ ହମାସ ଆତଙ୍କବାଦୀ ଠିକଣାରେ ମଧ୍ୟ ଇସ୍ରାଏଲ ଆକ୍ରମଣ ଜାରି ରଖିଛି।

## ତିନି ତଲାକକୁ ଆଧୁନିକ ସମାଜ କେମିତି ଅନୁମତି ଦେଲା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ତିନି ତଲାକର ଆଉ ଏକ ରୂପ ତଲାକ-ଇ-ହସନର ବୈଧତା ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଏହା ଅଧିନରେ ମୁସଲମାନ ଯୁବକ ମାସକୁ ଥରେ ଲେଖାଏଁ ତିନି ମାସ ପର୍ଯ୍ୟନ୍ତ କହି ନିଜ ପତ୍ନୀଙ୍କୁ ତଲାକ କହି ଛାଡ଼ପତ୍ର ଦେଇପାରିବେ। ସୁପ୍ରିମକୋର୍ଟ ଏହି ମାମଲାର ପୁନର୍ବିଚାର ପାଇଁ ଗ୍ରହଣ କରିଛନ୍ତି। ଆଧୁନିକ ସମାଜ କେମିତି ତିନି ତଲାକକୁ ଅନୁମତି ଦେଲା ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପଚାରିଛନ୍ତି। ଆଠ ବର୍ଷ ତଳେ ତୁରନ୍ତ ତିନି ତଲାକ ତଥା ତଲାକ-ଇ-ବିଦାତ ଦେବାକୁ ଉଚ୍ଛେଦ କରିଥିଲେ। ଏହାକୁ ଆଇନର ଅପବ୍ୟବହାର ବୋଲି କହିଥିଲେ। ତଲାକ-ଇ-ହସନ ହେଉଛି ଏହାର ଅନ୍ୟ ଏକ ରୂପ। ଏହା ମାଧ୍ୟମରେ ତୁରନ୍ତ ଛାଡ଼ପତ୍ର ଦେଇ ହେବ। ଏହାର ବୈଧତାକୁ ନେଇ ଦାଏର ଅନେକ ଆବେଦନ ଉପରେ ବିଚାର କରି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଉଜ୍ଜ୍ୱଲ ଭୂଇଁଆ ଏବଂ ଜଷ୍ଟିସ ଏନକେ ସିହ୍ନାଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଦେଇଥିବା ୧୧ ପୃଷ୍ଠାର ନୋଟିସରେ ସ୍ୱାକ୍ଷର କରି ନ ଥିଲେ। ତାଙ୍କ ଓକିଲ ତଲାକ କହି ଛାଡ଼ପତ୍ର ଦେଇଥିଲେ। ଏହା ଉପରେ ସୁପ୍ରିମକୋର୍ଟ କହିଥିଲେ ଯେ ଏହା କ'ଣ ଏକ ଅଭ୍ୟାସ? ଏଭଳି ନୂତନ ଚିନ୍ତାଧାରା କେମିତି ଉଦ୍ଭାବନା ହୋଇଥିଲା? ପ୍ରତ୍ୟକ୍ଷ ଭାବେ ସ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ସ୍ୱାମୀଙ୍କୁ କିଏ ମନା କଲା? ଏହାକୁ ଆଧୁନିକ ସମାଜରେ କେମିତି ପ୍ରୋତ୍ସାହନ ଦେଉଛନ୍ତି? ଏହା ଜଣେ ମହିଳାଙ୍କ ସମ୍ମାନର ବିଷୟ।

## ଦିଲ୍ଲୀ ସ୍କୁଲରେ କ୍ରୀଡ଼ା କାର୍ଯ୍ୟକ୍ରମ ମନା

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ଦିଲ୍ଲୀ ସ୍କୁଲ-ଗୁଡିକରେ ନଭେମ୍ବର-ଡିସେମ୍ବରରେ ହେବାକୁ ଥିବା କ୍ରୀଡା କାର୍ଯ୍ୟକ୍ରମ ଉପରେ କଟକଣା ଲଗାଇ ଦେଇଛନ୍ତି। ବରିଷ୍ଠ ଓକିଲ ଅପରାଜିତା ସିଂହଙ୍କ ପ୍ରଶ୍ନର ଉତ୍ତରରେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଅପରାଜିତା ସିଂହ କହିଥିଲେ ଯେ ଦିଲ୍ଲୀରେ ପ୍ରଦୂଷଣର ସ୍ତର ବଢିବାରେ ଲାଗିଛି। ଏପରି ସମୟରେ ପିଲାମାନଙ୍କୁ କ୍ରୀଡ଼ାରେ ସାମିଲ କରିବା ଗ୍ୟାସ ଚାମ୍ବରରେ ପକାଇବା ଭଳି ହେବ। ଏହି ମାମଲାର ଶୁଣାଣି କରି ସିଜେଆଇ ବି.ଆର. ଗଭାଇ, ଜଷ୍ଟିସ କେ. ବିନୋଦ ଚନ୍ଦ୍ରନ ଏବଂ ଜଷ୍ଟିସ ଏନ.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଥିଲେ ଯେ ପ୍ରତି ମାସରେ ପ୍ରଦୂଷଣ ଉପରେ ଶୁଣାଣି ହେବ। ଏହା ଦ୍ୱାରା ଏକ ସ୍ଥାୟୀ ସମାଧାନ ମିଳିପାରିବ। ଏହା ସହିତ ଗ୍ରାପ-୩ କଟକଣା ଯୋଗୁଁ ବେକାର ହୋଇଥିବା ନିର୍ମାଣ ଶ୍ରମିକମାନଙ୍କୁ ଭତ୍ତା/ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସିଜେଆଇ କହିଛନ୍ତି ଯେ ପ୍ରଦୂଷଣକୁ କମ୍ କରିବା ପାଇଁ କୌଣସି ଉପାୟ ଅବଲମ୍ବନ କରିବା ପୂର୍ବରୁ ସବୁ କାରକ ଏବଂ ଅଂଶୀଦାରଙ୍କ ସ୍ୱାର୍ଥର ଧ୍ୟାନ ରଖିବା ଜରୁରୀ।

## ବିନା ବୀମାରେ ଉଡ଼ିଲା ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର

ଭୋପାଳ, ୧୯।୧୧ (ଏଜେନ୍ସି): ନିୟମ ପାଳନ ପାଇଁ କହୁଥିବା ସରକାର ନିଜେ ଏହାକୁ ଉଲ୍ଲଙ୍ଘନ କରୁଛନ୍ତି। ମଧ୍ୟପ୍ରଦେଶରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ହେଲିକପ୍ଟର ବିନା ବୀମାରେ ଉଡ଼ାଣ କରୁଛି। ମୁଖ୍ୟମନ୍ତ୍ରୀ ଏହି ହେଲିକପ୍ଟରକୁ ରାଜ୍ୟ ରାଜଧାନୀ ସମେତ ବିଭିନ୍ନ ଜିଲ୍ଲାକୁ ଯାତ୍ରା କରିବା ପାଇଁ ବ୍ୟବହାର କରନ୍ତି। ଏକ ଫ୍ରାନ୍ସ କମ୍ପାନୀଠାରୁ କିଣାଯାଇଥିବା ଏହି ହେଲିକପ୍ଟରକୁ ବୀମା କରିବା ପାଇଁ ସରକାର ବୀମା କମ୍ପାନୀଗୁଡ଼ିକଠାରୁ ୭୦ କୋଟିର ପ୍ରସ୍ତାବ ମାଗିଥିଲେ। କିନ୍ତୁ କୌଣସି କମ୍ପାନୀ ଆଗକୁ ଆସି ନଥିଲା। ଅନ୍ୟପକ୍ଷରେ ଏ ବିଷୟରେ କୌଣସି ସୂଚନା ନାହିଁ ବୋଲି ମୁଖ୍ୟ ସଚିବ ସଞ୍ଜୟ କୁମାର ଶୁକ୍ଳ କହିଛନ୍ତି।

## 'ନିର୍ବାଚନ କମିସନଙ୍କୁ ବଦନାମ କରାଯାଉଛି'

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ନିର୍ବାଚନ କମିଶନ (ଇସି)ଙ୍କ ବିରୋଧରେ ଭୋଟ ଚୋରି ଅଭିଯୋଗକୁ ନେଇ ସାରା ଦେଶର ୨୭୨ ଅବସରପ୍ରାପ୍ତ ବିଚାରପତି ଏବଂ ଅମଲାତାନ୍ତ୍ରିକ ଅଧିକାରୀମାନେ ଖୋଲା ଚିଠି ଜାରି କରିଛନ୍ତି। ଏଥିରେ ଲୋକସଭା ବିରୋଧୀ ଦଳ ନେତା ଏବଂ କଂଗ୍ରେସ ଦଳକୁ ସମାଲୋଚନା କରାଯାଇଛି। ଏହି ଚିଠିରେ

**■ ରାହୁଲଙ୍କ ବିରୋଧରେ ୨୭୨ ଅବସରପ୍ରାପ୍ତ ବିଚାରପତି-ଅଧିକାରୀଙ୍କ ଚିଠି**

୧୬ ଜଣ ପୂର୍ବତନ ବିଚାରପତି, ୧୨୩ ଜଣ ପୂର୍ବତନ ଅମଲା (୧୪ ଜଣ ପୂର୍ବତନ ରାଷ୍ଟ୍ରଦୂତ ସାମିଲ) ଏବଂ ୧୩୩ ଅବସରପ୍ରାପ୍ତ ସୈନ୍ୟ ଅଧିକାରୀଙ୍କ ସ୍ୱାକ୍ଷର ରହିଛି। ଏମାନେ ଅଭିଯୋଗ ଲଗାଇଛନ୍ତି ଯେ କ୍ରମାଗତ ଭାବେ ଅଭିଯୋଗ ଲଗାଇ କଂଗ୍ରେସ ନିର୍ବାଚନ କମିଶନ ଭଳି ସାମ୍ବିଧାନିକ ସଂସ୍ଥାକୁ ଦୁର୍ବଳ କରିବାକୁ ପ୍ରୟାସ କରୁଛି। ଏହା ଦ୍ୱାରା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅନାବଶ୍ୟକ ଭାବେ ବିଶ୍ୱାସହୀନତାର ପ୍ରଚାରପ୍ରସାର ହେଉଛି।

ଚିଠିରେ କୁହାଯାଇଛି ଯେ ଇସି ହେଉଛନ୍ତି ଭାରତୀୟ ନିର୍ବାଚନୀ ପ୍ରଣାଳୀ ପ୍ରମୁଖ ଅଙ୍ଗ। ଏହା ଉପରେ ବାରମ୍ବାର ପ୍ରଶ୍ନ ଉଠାଇବାରୁ ଜନତାଙ୍କ ବିଶ୍ୱାସ ଦୁର୍ବଳ ହେଉଛି। ଗଣତନ୍ତ୍ରର ମଧ୍ୟ କ୍ଷତି ହେଉଛି। ରାଜନୈତିକ ମତଭେଦ ଜରୁରୀ, କିନ୍ତୁ ସାମ୍ବିଧାନିକ ସଂସ୍ଥା ଉପରେ କ୍ରମାଗତ ଅଭିଯୋଗ ଲଗାଇବା ଦେଶହିତର ବିରୋଧୀ। ସୂଚନାଯୋଗ୍ୟ ଯେ ଭୋଟ ଚୋରି ଅଭିଯୋଗକୁ ନେଇ ରାହୁଲ ତିନି ଥର ସାମ୍ବାଦିକ ସମ୍ମିଳନୀ କରି ସାରିଲେଣି। ସେ ନିର୍ବାଚନ କମିଶନଙ୍କୁ ମୋଦୀ ସରକାରର 'ବି' ଟିମ୍ କହିଛନ୍ତି। ବିଜେପି ସହ ମିଶି ଇସି ଭୋଟ ଚୋରି କରୁଥିବା ସେ ଅଭିଯୋଗ ଲଗାଇଛନ୍ତି।

ଚିଠିରେ କୁହାଯାଇଛି ଯେ ପ୍ରଥମେ ସେନା, ତା'ପରେ ନ୍ୟାୟପାଳିକା ଏବଂ ସଂସଦ ଉପରେ ପ୍ରଶ୍ନ ଉଠା ଯାଇଥିଲା। ଏବେ ଇସିଙ୍କୁ ଟାର୍ଗେଟ କରାଯାଉଛି। ଏହା ଏକ 'ବିପଜ୍ଜନକ ଧାରା' ପାଲଟିଛି, ଯେଉଁଥିରେ ନିର୍ବାଚନୀ ପରାଜୟକୁ ଲୁଚାଇବା ପାଇଁ ପ୍ରତିଷ୍ଠାନଗୁଡ଼ିକର ବିଶ୍ୱସନୀୟତା ଉପରେ ଆକ୍ରମଣ କରାଯାଉଛି। ରାହୁଲ ଗାନ୍ଧୀ ଇସିଙ୍କୁ 'ଭୋଟ ଚୋରି' ଅଭିଯୋଗ କରିଥିଲେ। ତାଙ୍କୁ ବିଶ୍ୱାସଘାତକ ମଧ୍ୟ କହିଥିଲେ।

## ଭାରତ ବିରୋଧରେ ଜୈସ୍‌ର ଆତ୍ମଘାତୀ ସ୍କ୍ୱାଡ୍

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି):ଦିଲ୍ଲୀ ବିସ୍ଫୋରଣର ତଦନ୍ତରୁ ଗୋଟିଏ ପରେ ଗୋଟିଏ ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଭାରତ ବିରୋଧରେ ଏକ 'ଆତ୍ମଘାତୀ ସ୍କ୍ୱାଡ୍' ପ୍ରସ୍ତୁତ କରିବା ପାଇଁ ଜୈସ୍-ଇ-ମହମ୍ମଦ (ଜେଇଏମ) ପାଣ୍ଠି ସଂଗ୍ରହ କରୁଥିବା ଜଣାପଡ଼ିଛି। ଜେଇଏମ ପକ୍ଷରୁ ଘୋଷଣା କରାଯାଇଛି ଯେ ଦାନ ଗ୍ରହଣ ଏବଂ ଡିଜିଟାଲ ହାୱାଲା କାରବାରକୁ ସରଳ କରିବା ପାଇଁ ପାକିସ୍ତାନୀ ଡିଜିଟାଲ ଆପ୍ 'ସଦାପେ' ଭଳି ୱାଲେଟ୍ ମାଧ୍ୟମରେ ପାଣ୍ଠି ସଂଗ୍ରହ କରାଯିବ। ଲାଲକିଲ୍ଲା ବିସ୍ଫୋରଣର ତଦନ୍ତରୁ ଜଣାପଡ଼ିଛି ଯେ ଚଳିତ ବର୍ଷ ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଲାଲକିଲ୍ଲା ବିସ୍ଫୋରଣର ୧୫ ଦିନ ପୂର୍ବରୁ ଅକ୍ଟୋବର ଶେଷ ସପ୍ତାହରେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜେଇଏମ 'ତୁହଫତ ଉଲ-ମୋମିନାତ' ନାମକ ଏକ ଅନଲାଇନ୍ କୋର୍ସ ଆରମ୍ଭ କରିଥିଲା। ଏହା କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଧାର୍ମିକ ଏବଂ ଜିହାଦୀ ତାଲିମ ପ୍ରଦାନ କରିବା ସହିତ ସଂଗଠନର କାର୍ଯ୍ୟକଳାପ ପାଇଁ ପାଣ୍ଠି ସଂଗ୍ରହ ଏହାର ଉଦ୍ଦେଶ୍ୟ ଥିଲା। ଆତଙ୍କବାଦୀମାନଙ୍କୁ ସହାୟତା ଦେବାକୁ ଚାହୁଁଥିବା ବ୍ୟକ୍ତିଙ୍କଠାରୁ ଜୈସ ପାଣ୍ଠି ସଂଗ୍ରହ କରିଥିଲା। ଏ ବାବଦକୁ ୨୦ ହଜାର ପାକିସ୍ତାନୀ ଟଙ୍କା ତଥା ୬,୪୦୦ ଟଙ୍କା ମଗା ଯାଇଥିଲା। ଆକ୍ରମଣ ପାଇଁ ଯାଉଥିବା ଜିହାଦୀ ପାଇଁ ଜୋତା, ଟେଣ୍ଟ ଆଦି ଉପକରଣ କିଣିବାକୁ ଏହାକୁ ବ୍ୟବହାର କରାଯିବ ବୋଲି କୁହାଯାଇଥିଲା। ଦିଲ୍ଲୀ ବିସ୍ଫୋରଣରେ ସାମିଲ ୧୦ ଜଣିଆ ଡାକ୍ତରୀ ଆତଙ୍କବାଦୀଙ୍କ ଦଳ ପାଖକୁ ପାଣ୍ଠି ମଧ୍ୟ ଟ୍ରାନ୍ସଫର କରାଯାଇଥିବା କୁହାଯାଉଛି। ଏବେ ଏହି ଡିଜିଟାଲ ଫଣ୍ଡିଂ ନେଟ୍‌ୱର୍କକୁ ନେଇ ସ୍ୱତନ୍ତ୍ର ଯାଞ୍ଚ କରାଯାଉଛି।

## ଫଳାଫଳ ପରଠାରୁ ନିଦ ନାହିଁ:ପିକେ

ପାଟନା, ୧୯।୧୧ (ଏଜେନ୍ସି): ବିହାର ନିର୍ବାଚନକୁ ନେଇ ବଡ଼ ବଡ଼ ଦାବି କରିଥିବା ରଣନୀତିକାର ପ୍ରଶାନ୍ତ କିଶୋର ନିର୍ବାଚନୀ ରଣରେ ପରାସ୍ତ ହୋଇଛନ୍ତି। ତାଙ୍କ ଦଳ ଜନ ସୁରାଜ ପାର୍ଟି ଗୋଟିଏ ହେଲେ ବି ଆସନ ଜିତିପାରି ନାହିଁ। ଏହି ଫଳାଫଳ ଆସିବା ପରଠାରୁ ପ୍ରଶାନ୍ତ କିଶୋରଙ୍କୁ ନିଦ ନାହିଁ ବୋଲି ସେ କହିଛନ୍ତି। ବିଭିନ୍ନ ଦଳ ପାଇଁ ନିର୍ବାଚନ ରଣନୀତିକାର ଭାବେ ବେଶ୍ ସଫଳତା ପାଇଥିବା ପ୍ରଶାନ୍ତ କିଶୋର ନିଜ ପାଇଁ ଲଢ଼ି ପରାଜିତ ହୋଇଛନ୍ତି। ତାଙ୍କ ଦଳର ଅବସ୍ଥା ଏଭଳି ହେବ ବୋଲି କେହି କଳ୍ପନା କରି ନ ଥିଲେ। ନିର୍ବାଚନ ପୂର୍ବରୁ ଏକ ସାକ୍ଷାତକାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ୨୫ରୁ ଅଧିକ ଆସନ ଜିତିଲେ ରାଜନୀତି ଛାଡ଼ିଦେବା କଥା କହିଥିବା ପ୍ରଶାନ୍ତ, କିନ୍ତୁ ଏବେ ପଲଟି ଯାଇଛନ୍ତି। ଆରଥରକୁ ପୁଣି ପ୍ରୟାସ କରିବୁ ବୋଲି ସେ କହିଛନ୍ତି।

ଏକ ସାକ୍ଷାତକାରରେ ପ୍ରଶାନ୍ତ କହିଛନ୍ତି ଯେ 'ଯେପର୍ଯ୍ୟନ୍ତ ନିଜେ ହାର୍ ନ ମାନିଛନ୍ତି ସେ ପର୍ଯ୍ୟନ୍ତ ଆପଣ ହାରିବେନି। ଦଳକୁ ନିର୍ବାଚନରେ ସଫଳତା ମିଳି ନ ଥିଲେ ମଧ୍ୟ ଆମେ ବିହାରରେ ଜାତି ଏବଂ ଧର୍ମକୁ ନେଇ ହେଉଥିବା ରାଜନୈତିକ ଆଲୋଚନାରେ ପରିବର୍ତ୍ତନ ଆଣି ନିଯୁକ୍ତି ଏବଂ ଆପ୍ରବାସନ ଭଳି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବାଧ୍ୟ କରିଥିଲୁ।

## ୧୧୩୫ କୋଟିର ଜମି ଦୁର୍ନୀତିରେ ବିଜେପି ବିଧାୟକଙ୍କ ନାମ


ଭୋପାଳ, ୧୯।୧୧ (ଏଜେନ୍ସି): ମଧ୍ୟ ପ୍ରଦେଶ କଟନୀ ଅନ୍ତର୍ଗତ ବିଜୟ ରାଘବଗଡ଼ର ବିଜେପି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ସତ୍ୟେନ୍ଦ୍ର ପାଠକଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଲାଗିଛି। ୧୧୩୫ କୋଟିର ଜମି କ୍ରୟ ଦୁର୍ନୀତିରେ ସେ ସାମିଲ ଥିବା କୁହାଯାଉଛି। ଆଦିବାସୀ କଂଗ୍ରେସ, ଗୋଣ୍ଡୱାନା ଗଣତନ୍ତ୍ର ପାର୍ଟି ସମେତ ଅନେକ ଆଦିବାସୀ ସଂଗଠନ ଏହି ଅଭିଯୋଗ ଲଗାଇଛନ୍ତି। ଏହା ବିରୋଧରେ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଆଦିବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯେଉଁ ଚାରି ଆଦିବାସୀଙ୍କ ନାମରେ ବିଧାୟକ ଜମି କ୍ରୟ କରିଥିଲେ, ଏବେ ସେମାନେ ନିଖୋଜ ଥିବା କହିଛନ୍ତି। ତାଙ୍କ ସୁରକ୍ଷା ଦାବି କରାଯାଇଛି। ବିକ୍ଷୋଭକାରୀମାନେ ସରକାର ଏବଂ ବିଜେପି ବିରୋଧରେ ସ୍ଲୋଗାନ ଦେଇଛନ୍ତି। ଏହି ସମୟରେ ପୁଲିସ ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା।

ଆନ୍ଦୋଳନରେ ସାମିଲ ଦିବ୍ୟାଂଶୁ ମିଶ୍ରା କହିଛନ୍ତି ଯେ ଆଦିବାସୀ ଜମି ଦୁର୍ନୀତି ମାମଲାରେ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଉଛି। ବିଧାୟକ ନିଜର ଚାରି କର୍ମଚାରୀ ନଥୁ କୋଲ, ପ୍ରହ୍ଲାଦ କୋଲ, ରାକେଶ ସିଂହ ଗୌଡ଼ ଏବଂ ରଘୁରାଜ ସିଂହଙ୍କ ନାମରେ ପ୍ରାୟ ୧୧୩୫ କୋଟିର ଜମି କ୍ରୟ କରିଥିଲେ। ଦିଲ୍ଲୀରୁ ଆଦିବାସୀ କମିଶନ ଏ ସମ୍ବନ୍ଧରେ ରିପୋର୍ଟ ମାଗିଛନ୍ତି। ଏହି ଆଦିବାସୀଙ୍କ ନାମରେ ଜମି କେବେ ଏବଂ କେମିତି ଆସିଲା ତାହାର ସୂଚନା ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜିଲ୍ଲାପାଳ ଏ ପର୍ଯ୍ୟନ୍ତ ଏହାର ଜବାବ ଦେଇନାହାନ୍ତି।

## ଏସ୍‌ଆଇଆର୍ ଚାପ: ବିଏଲ୍‌ଓଙ୍କ ମଧ୍ୟରେ ବଢୁଛି ଆତ୍ମହତ୍ୟା ପ୍ରବଣତା

କୋଲକାତା, ୧୯।୧୧ (ଏଜେନ୍ସି): ଦେଶରେ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ସ୍ୱତନ୍ତ୍ର ଯାଞ୍ଚ ତଥା ଏସଆଇଆର ଜାରି ରହିଛି। ଏବେ ଏହି ପ୍ରକ୍ରିୟାକୁ ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ବଡ଼ ଟିପ୍ପଣୀ ଦିଆଯାଇଛି। ଏସ୍‌ଆଇଆର ପ୍ରକ୍ରିୟାରେ କୌଣସି ପ୍ରକାରର ତ୍ରୁଟି ହେଲେ ଅଧିକାରୀଙ୍କୁ ଦାୟୀ କରାଯିବ ବୋଲି କୁହାଯାଇଛି। କୋଲକାତାରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଉପ-ନିର୍ବାଚନ କମିଶନର ଜ୍ଞାନେଶ ଭାରତୀ ଏହି ଟିପ୍ପଣୀ ଦେଇଛନ୍ତି। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ କୁମାର ଅଗ୍ରୱାଲ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ଏଠାରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ରାଜ୍ୟରେ ୭.୬୩ କୋଟି ଏସଆଇଆର ଫର୍ମ ବଣ୍ଟା ଯାଇଥିବା କୁହାଯାଇଥିଲା। ମୋ ୧.୦୯ କୋଟି ଫର୍ମକୁ ଡିଜିଟାଲ କରାଯାଇଛି।

ଅନ୍ୟପକ୍ଷରେ ବୁଥ ଲେଭୁଲ ଅଫିସରଙ୍କ ଉପରେ ଏସଆଇଆରକୁ ନେଇ ଚାପ ବଢ଼ିବାରେ ଲାଗିଛି।ଏଥିଯୋଗୁଁ କେରଳ, ରାଜସ୍ଥାନ, ମଧ୍ୟପ୍ରଦେଶରେ ଜଣେ ଲେଖାଏଁ ବିଏଲଓ ଆତ୍ମହତ୍ୟା କଲେଣି। ପଶ୍ଚିମବଙ୍ଗରେ ଜଣେ ବିଏଲଓ ଆତ୍ମହତ୍ୟା ପାଇଁ ଧମକ ଦେଇଛନ୍ତି। ସେହିପରି ଗତ କାଲି ତାମିଲନାଡୁ ତଞ୍ଜାଉରର ଜଣେ ଅଙ୍ଗନୱାଡି ସେବିକା ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏମାନଙ୍କ ପରିବାର ସଦସ୍ୟ ଏବଂ ଅନ୍ୟ ଅଧିକାରୀମାନେ ଅତ୍ୟଧିକ ଚାପରେ କାମ କରୁଥିବା ଅଭିଯୋଗ ଲଗାଇ ଥିଲେ। ଅନେକ ବିଏଲଓ ଅଭିଯୋଗ କରିଛନ୍ତି ଯେ ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ କାମ କରିବାକୁ ପଡୁଛି। ଡିସେମ୍ବର ସୁଦ୍ଧା କାମ ସାରିବାକୁ କଣ୍ଟ ଦିଆଯାଇଛି।



ଅନେକ ରାଜ୍ୟରେ ବିଏଲଓ ଏହାକୁ ବହିଷ୍କାର କରିଛନ୍ତି। ଏବେ ନିର୍ବାଚନ କମିଶନ ଅଧିକାରୀଙ୍କ କାର୍ଯ୍ୟଭାର ଏବଂ ଦାୟୀ କରିବାକୁ ନେଇ ପ୍ରଶ୍ନବାଣର ସମ୍ମୁଖୀନ ହେଉଛନ୍ତି।

ଇସିଙ୍କ ପକ୍ଷରୁ ମଙ୍ଗଳବାର କୁହାଯାଇଥିଲା ଯେ ୯ ରାଜ୍ୟ ଏବଂ ୩ କେନ୍ଦ୍ରଶାସିତ ଅଞ୍ଚଳର ଭୋଟରଙ୍କୁ ୫୦.୨୫ କୋଟିରୁ ଅଧିକ ଏସ୍‌ଆଇଆର ଫର୍ମ ବଣ୍ଟା ଯାଇଛି। ଲୋକ ଫର୍ମ ପୂରଣ କରି ତାହାକୁ ଜମା କରୁଛନ୍ତି। ଏହା ପରେ ଡିଜିଟାଲାଇଜେସନ କାମ ହେବ। ଏ ପର୍ଯ୍ୟନ୍ତ କେରଳରେ ସବୁଠୁ କମ୍ ଏବଂ ରାଜସ୍ଥାନରେ ସବୁଠୁ ଅଧିକ ଫର୍ମ ଡିଜିଟାଲାଇଜେସନ ପାଇଁ ଫେରି ଆସିଛି। ତେବେ ମଧ୍ୟ ପ୍ରଦେଶରେ ଇସିଙ୍କ ଆପ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଉଥିବାରୁ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ରାଜସ୍ଥାନରେ ବିଏଲଓକୁ ଟାର୍ଗେଟ ସହିତ ଦୁଇ ଘଣ୍ଟାରେ ରିପୋର୍ଟ ଦେବାର ଚାପ ରହିଛି। ଏଥିପାଇଁ ଦିନକୁ ବିଏଲଓ ୧୮ ଘଣ୍ଟା ଲେଖାଏଁ କାମ କରୁଛନ୍ତି। ଛତିଶଗଡ଼ରେ ଶିକ୍ଷକମାନେ ଡବଲ୍ ଡ୍ୟୁଟି କରୁଥିବାରୁ ସମସ୍ୟା ସୃଷ୍ଟି ହେଉଛି। କିଛି କେନ୍ଦ୍ର ୧୨-୧୩ କିମି ଦୂରରେ ରହିଛି। ତେଣୁ ବିଦ୍ୟାଳୟରୁ ପାଠ ପଢ଼ାଇବା ସାରି ଯିବାକୁ କଷ୍ଟ ହେଉଛି।



କୋରାପୁଟିଆ ଶୀତରେ ହସୁଛି ଅଳସୀ ଫୁଲ

# ୧୦ ଲକ୍ଷକୁ ବଢ଼ିପାରେ ସାପ କାମୁଡ଼ା ମୃତ୍ୟୁ ସହାୟତା ରାଶି

ଭୁବନେଶ୍ୱର,୧୯।୧୧(ସମିସ): ସାପ କାମୁଡା ମୃତ୍ୟୁ କ୍ଷେତ୍ରରେ ମିଳୁଥିବା ଅନୁକମ୍ପାମୂଳକ ରାଶି ବୃଦ୍ଧି ହୋଇପାରେ। ପୂର୍ବରୁ ସାପ କାମୁଡ଼ା ବାବଦକୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ମିଳୁଥିବା ବେଳେ ଏବେ ଏହାକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇପାରେ। ଦୁଇ ଦିନ ତଳେ ସୁପ୍ରିମକୋର୍ଟ ବନ୍ୟପ୍ରାଣୀ ଜନିତ ମୃତ୍ୟୁକୁ ପ୍ରାକୃତିକ ବିପର୍ଯ୍ୟୟରେ ସାମିଲ କରିବା ଓ ଏବାବଦକୁ ମୃତକଙ୍କ ପରିବାକୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ସାରା ଦେଶରେ ଲାଗୁ କରିବାକୁ କୁହାଯାଇଛି। ଏହାକୁ ଆଧାର କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କ୍ଷତିପୂରଣ ବୃଦ୍ଧି ବାବଦରେ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, କ୍ଷତିପୂରଣ ରାଶି ବୃଦ୍ଧି ପ୍ରସ୍ତାବକୁ ରାଜ୍ୟ ସରକାର ସମୀକ୍ଷା କରୁଛନ୍ତି। ଏହି କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ରାଜ୍ୟ ସରକାର ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ସୁପାରିଶ କରିଥିଲେ। କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଏବାବାଦରେ ରାସ୍ତା ଖୋଲିଛି। ତେଣୁ ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଆବଶ୍ୟକରୀୟ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ମୃତ୍ୟୁ ବ୍ୟତୀତ ପାଣିରେ ବୁଡ଼ିବା ଜନିତ ମୃତ୍ୟୁ ଓ ବଜ୍ରପାତରେ ହେଉଥିବା ମୃତ୍ୟୁ ପାଇଁ ମିଳୁଥିବା ୪ ଲକ୍ଷର ସହାୟତା ରାଶିରେ ମଧ୍ୟ ବୃଦ୍ଧି ହୋଇପାରେ ବୋଲି ସେ କହିଛନ୍ତି।

# ପିତାନାଉରେ ମାଈ ହାତୀର ମୃତ୍ୟୁ



ଆନନ୍ଦପୁର,୧୯।୧୧(ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ହାଦଗଡ଼ ହସ୍ତୀ ଅଭୟାରଣ୍ୟ ପିତାନାଉ ଜଙ୍ଗଲରେ ଗୋଟିଏ ମାଈ ହାତୀର ମୃତ୍ୟୁ ହୋଇଯାଇଛି। କାଠକଟା ପିତାନାଉ ରାସ୍ତାର ଜୁଆଳି କଟା ଘାଟି ନିକଟରେ ଏହି ହାତୀଟିର ମୃତ୍ୟୁ ପରେ କାଠକଟା ବନପାଳ ଘଟଣାସ୍ଥଳରେ ପହଞ୍ଚି ବନବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ଆନନ୍ଦପୁର ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡା, ପ୍ରାଣୀ ସମ୍ପଦ ବିଭାଗ ଚିକିତ୍ସା ଟିମ ଅନୁଧ୍ୟାନ କରିଥିଲେ। ପରେ ଡାକ୍ତରୀ ଦଳଙ୍କ ଦ୍ୱାରା ହାତୀର ବ୍ୟବଚ୍ଛେଦ କରାଯାଇ ପିତାନାଉ ଜଙ୍ଗଲରେ ପୋତି ଦିଆଯାଇଛି। ମୃତ୍ୟୁ ମାଈ ହାତୀର ବୟସ ପାଖାପାଖି ୪ ବର୍ଷ ହୋଇଥିବା ବେଳେ କୌଣସି ପ୍ରକାର ସଂକ୍ରମଣଜନିତ ମୃତ୍ୟୁ ହୋଇଥାଇପାରେ ବୋଲି ଡାକ୍ତରୀ ଦଳ ସୂଚନା ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ଅବକାରୀ ଅଧୀକ୍ଷକ ଓ ଏଏସଆଇ

କେନ୍ଦୁଝର/ଚମ୍ପୁଆ,୧୯।୧୧(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅବକାରୀ ବିଭାଗ ଅଧୀକ୍ଷକ ସୀତାରାଣୀ ପଟ୍ଟାୟତ ଏବଂ କାର୍ଯ୍ୟରତ ଭାରପ୍ରାପ୍ତ ଅବକାରୀ ଅଧିକାରୀ ତଥା ଏଏସ୍ଆଇ ବିଜୟ କୁମାର ମହାନ୍ତ ଏକ ବିଦେଶୀ ମଦ ଦୋକାନୀଠାରୁ ୪୦ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ପୂର୍ବ ସୂଚନା ଅନୁସାରେ, ଭିଭିଲାନ୍ସ ଟିମ୍ ଘଟଣାସ୍ଥଳରେ ମାଡ଼ି ବସିଥିଲା। କରଞ୍ଜିଆଠାରେ



**୪୦ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ**

ଥିବା ବିଦେଶୀ ମଦ ଦୋକାନର ମାଲିକ ତଥା ଅଭିଯୋଗକାରୀ ବିଦୁଭୂଷଣ ପତିଙ୍କ କହିବା ଅନୁଯାୟୀ, ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମାସିକ ୧୦ ହଜାର ଟଙ୍କା ଲାଞ୍ଚ ବାବଦକୁ ୪ ମାସର ୪୦ ହଜାର ଟଙ୍କା ଚମ୍ପୁଆ ଅବକାରୀ ବିଭାଗର ଏଏସ୍ଆଇ ବିଜୟ କୁମାର ମହାନ୍ତଙ୍କୁ ଦେଉଥିଲେ। ବିଜୟ କୁମାର ମହାନ୍ତ ଉକ୍ତ ଅର୍ଥ ଥିବା ଖାମ ଗ୍ରହଣ କରିବା ପରେ ଛକି ରହିଥିବା ଭିଜିଲାନ୍ସ ବିଭାଗର ଟିମ୍ ଯାଞ୍ଚ କରିଥିଲେ। ଡିଏସ୍ପି ସୁଧାଂଶୁ ଶେଖର ପୂଜାରୀ, ସବଇନସପେକ୍ଟର ଏସ୍ ସେଠୀ ଓ କର୍ମଚାରୀ ଦେବେନ୍ଦ୍ର ପାତ୍ର, ସର୍ବେଶ୍ୱର ସାହୁ ପ୍ରମୁଖ ହଠାତ୍ ଚଢ଼ଉ କାରିଥିଲେ। ୪୦ ହଜାର ନଗଦ ଟଙ୍କା ସହ ଖାମ୍‌କୁ ଜବତ କରାଯାଇଛି। ଏନେଇ ବାଲେଶ୍ୱର ଭିଜିଲାନ୍ସ ପକ୍ଷରୁ ରୁଜୁ ମାମଲା ଅନୁଯାୟୀ, ଭିଜିଲାନ୍ସ ଟିମ୍ ଆବଶ୍ୟକ ଯାଞ୍ଚ କରିଛି। ଏଥିସହ ଅଧୀକ୍ଷକ ଶ୍ରୀମତୀ ପଟ୍ଟାୟତଙ୍କ କେନ୍ଦୁଝର ଭଡ଼ା ଘର, ବାରିପଦାସ୍ଥିତ ଏବଂ ଭଦ୍ରକ ଜିଲ୍ଲା ଧାମନଗରଠାରେ ରହିଥିବା ଏକ ଘରେ ଯାଞ୍ଚ ଜାରି ରହିଛି। ସେହିପରି ଶ୍ରୀ ମହାନ୍ତଙ୍କ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଏବଂ ତାଙ୍କ ନିଜ ଅଫିସ ପ୍ରକୋଷ୍ଠକୁ ସିଲ୍ କରି ଭିଜିଲାନ୍ସ ଟିମ୍ ଯାଞ୍ଚ ଜାରି ରଖିଥିବା ଜଣାପଡ଼ିଛି।

# ଚିପ୍ସ ପ୍ୟାକେଟରେ ଥିବା ଖେଳଣା ଗିଳି ଶିଶୁ ମୃତ



ଦାରିଙ୍ଗବାଡି,୧୯।୧୧(ସମିସ): ଚିପ୍ସ ପ୍ୟାକେଟରେ ଥିବା ଖେଳଣା ଗିଳି ଶ୍ୱାସରୁଦ୍ଧ ହୋଇ ଜଣେ ୪ ବର୍ଷ ଶିଶୁର ମୃତ୍ୟୁ ହୋଇଛି। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ତାଜୁଙ୍ଗିଆ ପଞ୍ଚାୟତ ସିକରମାହା ଗ୍ରାମର ମୃଷି ମାହାପଡ଼ାରେ ଘଟିଛି ଏପରି ଅଭାବନୀୟ ଘଟଣା। ମୃଷିମାହାପଡ଼ାର ରଞ୍ଜିତ ପ୍ରଧାନ ଓ ତାଙ୍କ ସ୍ତ୍ରୀ ୪ ବର୍ଷର ଶିଶୁପୁତ୍ରକୁ ଧରି ମକା କ୍ଷେତକୁ ଯାଇଥିଲେ। ସ୍ୱାମୀ-ସ୍ତ୍ରୀ କାମ କରୁଥିବା ବେଳେ ବିଲ ମୁଣ୍ଡରେ ଶିଶୁପୁତ୍ରକୁ ବସାଇଦେଇ ରଞ୍ଜିତ ନେଇଥିବା ଏକ ଚିପ୍ସ ପ୍ୟାକେଟ ଧରାଇ ଦେଇଥିଲେ। ଶିଶୁ ଚିପ୍ସ ଖାଇସାରି ପ୍ୟାକେଟରେ ଥିବା ଏକ ବନ୍ଧୁକ ଖେଳଣାକୁ ଧରି ଖେଳୁଥିବାବେଳେ ଗିଳି ଦେଇଥିଲେ। ଖେଳଣାଟି ତଣ୍ଟିରେ ଅଟକି ଯିବା ସହ ଶିଶୁଟି ଶ୍ୱାସରୁଦ୍ଧ ହୋଇ ଛଟପଟ ହୋଇଥିଲା। ଖେଳଣାଟିକୁ ପୁଅର ତଣ୍ଟିରୁ ବାହାର କରିବାକୁ ବାପା ରଞ୍ଜିତ ବହୁ ଉଦ୍ୟମ କରିଥିଲେ। କିନ୍ତୁ ବିଫଳ ହୋଇ ବାପା-ମା ଶିଶୁକୁ ଦାରିଙ୍ଗିବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ଗ୍ରାମରେ କୌଣସି ଟେଲିଫୋନ ନେଟ୍‌ୱାକ ନଥିବାରୁ ହଠାତ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚିପ୍ସ ପ୍ୟାକେଟରେ ପିଲାଙ୍କୁ ଆକର୍ଷିତ କରିବାକୁ ଆଜିକାଲି ଯେଉଁଭଳି ଖେଳଣା ରଖାଯାଉଛି ତାହା ଯେ କେତେ ବିପଦପୂର୍ଣ୍ଣ ଏହି ଘଟଣା ବୟାନ କରୁଛି। ଏହାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ୩୭ତମ ସଂସଦୀୟ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ

# ଓଡ଼ିଶା ବିଧାନସଭାର କାର୍ଯ୍ୟପ୍ରଣାଳୀ ଦେଶରେ ସର୍ବଶ୍ରେଷ୍ଠ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୯।୧୧(ସମିସ): ୩୭ତମ ସଂସଦୀୟ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଅବସରରେ ନୂଆଦିଲ୍ଲୀସ୍ଥିତ ସଂସଦ ସଚିବାଳୟର ସଂସଦୀୟ ଲୋକତନ୍ତ୍ର ଗବେଷଣା ଏବଂ ପ୍ରଶିକ୍ଷଣ ସଂସ୍ଥାନ(ପ୍ରାଇଡ୍) ପକ୍ଷରୁ ୧୨ଟି ଦେଶର ୪୦ଜଣ ପ୍ରତିନିଧି ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ଓଡ଼ିଶାର ଦୃଢ଼ ଗଣତାନ୍ତ୍ରିକ ପରମ୍ପରା ଏବଂ ବିଧାନସଭାର ୮୯ ବର୍ଷର ଉତ୍ସର୍ଗୀକୃତ ଜନସେବାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ବିଧାନସଭାର ସଂସଦୀୟ କାର୍ଯ୍ୟପ୍ରଣାଳୀ ଦେଶରେ ଅନ୍ୟତମ ଓ ସର୍ବଶ୍ରେଷ୍ଠ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ନିଜ ପ୍ରତିକ୍ରିୟାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜୁନ୍ ୨୦୨୪ ରୁ ଜୁନ୍ ୨୦୨୫ ମଧ୍ୟରେ ଓଡିଶା ବିଧାନସଭା ୬୨ଟି ବୈଠକ ପରିଚାଳନା କରିଛି। ସେହିପରି ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍, ୨୦୨୪ ଉପରେ ରେକର୍ଡ ୧୨ ଘଣ୍ଟା ୨୫ ମିନିଟ୍ ବିତର୍କ ହୋଇଛି। ବିଧାନସଭାରେ ଜାତୀୟ ଇ-ବିଧାନ ଆପ୍ଲିକେସନ୍‌ର ପୂର୍ଣ୍ଣ କାର୍ଯ୍ୟାନ୍ୱୟନ, ଇ-ପ୍ରଶାସନ ପାଇଁ ଓ୍ୱାସ, ସମ୍ପୂର୍ଣ୍ଣ ଡିଜିଟାଲ୍ ଗୃହ, ଗବେଷଣା ଏବଂ ସୂଚୀକରଣ ପାଇଁ କୃତ୍ରିମ ବୁଦ୍ଧିମତାର ବ୍ୟବହାର ଆଦି ଅନେକ ପଦକ୍ଷେପ ନିଆଯାଇଛି। ଡିଜିଟାଲ୍ ପ୍ରୟୋଗ କ୍ଷେତ୍ରରେ ଉତ୍କର୍ଷ ପାଇଁ ଓଡ଼ିଶା ବିଧାନସଭା ଜାତୀୟ ପୁରସ୍କାର ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।

ବିଭିନ୍ନ ସଂସଦୀୟ କମିଟି ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ୧୦ଟି ବିଭାଗୀୟ ସ୍ଥାୟୀ କମିଟି ସମେତ ୨୫ଟି କମିଟି ଗଠନ କରାଯାଇଛି। ଉନ୍ନତ ପ୍ରଶାସନ ସୁନିଶ୍ଚିତ କରିବା ପାଇଁ ଏହି କମିଟିଗୁଡିକ 'ମିନି-ପାର୍ଲିଆମେଣ୍ଟ' ଭାବରେ କାର୍ଯ୍ୟ କରୁଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଓଡ଼ିଶାର ସାଂସ୍କୃତିକ ସମୃଦ୍ଧି ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ, ରାଜ୍ୟକୁ ପୂର୍ବ ଭାରତର ସାଂସ୍କୃତିକ କେନ୍ଦ୍ର ଭାବରେ ବର୍ଣ୍ଣନା କରିଥିଲେ। ଏହି ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମକୁ ପ୍ରତିନିଧିତ୍ୱ କରୁଥିବା

**ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ୧୨ ଦେଶର ୪୦ ପ୍ରତିନିଧି**

ତୁର୍କମେନିସ୍ତାନର ମଜଲିସ୍ (ସଂସଦ) ସଦସ୍ୟ କରିମଗୁଲି ଗୁରବାଙ୍ଗୁଲିଭିଚ୍ ଗେଲ୍‌ଡିଯେଭ ଗଣତନ୍ତ୍ରରେ ସ୍ୱଚ୍ଛତା ଏବଂ ଡିଜିଟାଲ୍ ସଂସ୍କାର ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ସଂସଦୀୟ ବ୍ୟାପାର) ଶ୍ରୀ ସୁରେନ୍ଦ୍ର କୁମାର, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମେନ୍ଦ୍ରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲା ହାଇକୋର୍ଟରେ ଖାରଜ

କଟକ,୧୯।୧୧(ସମିସ): ସମ୍ବଲପୁର ସଂସଦୀୟ କ୍ଷେତ୍ର ନିର୍ବାଚନୀ ଅନିୟମିତତା ତଥା ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ ଅଭିଯୋଗରେ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ରୁଜୁ ମାମଲାକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ଡ. ସୁବାସ ମହାପାତ୍ରଙ୍କ ପକ୍ଷରୁ ଦାୟର ମୂଳ ମାମଲାକୁ ଜଷ୍ଟିସ ସଂଜୟ କୁମାର ମିଶ୍ର ଖାରଜ କରିଛନ୍ତି। ମାମଲାଟି ଭିତ୍ତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ତଥା ଭାରତୀୟ ଜନପ୍ରତିନିଧି ଆଇନର ଧାରା ୮୩(୧) ରେ ରହିଥିବା ଆବଶ୍ୟକତାକୁ ପୂରଣ କରୁ ନଥିବାରୁ ଏହାକୁ ଖାରଜ କରିବା ପାଇଁ ପ୍ରତିପକ୍ଷ ଶ୍ରୀ ପ୍ରଧାନଙ୍କ ପକ୍ଷରୁ ଏକ ଅନ୍ତରୀଣ ଆବେଦନ ଦାୟର କରାଯାଇଥିଲା। ଅପରପକ୍ଷରେ, ଆବେଦନକାରୀ ଆଣିଥିବା ଅନିୟମିତତା ଅଭିଯୋଗ ସମ୍ପର୍କିତ ତଥ୍ୟ ପ୍ରମାଣ ଓ ସତ୍ୟପାଠ ଦେଇପାରି ନଥିବାରୁ ମାମଲା ଖାରଜ କରାଯାଇଥିବା କହିଛନ୍ତି ହାଇକୋର୍ଟ। ପ୍ରକାଶଥାଉକି, ଗତ ୨୦୨୪ସାଧାରଣ ନିର୍ବାଚନରେ ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ବିଜେପି ପ୍ରାର୍ଥୀ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ୫୯୨୧୬୨ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ପ୍ରଣବପ୍ରକାଶ ଦାସଙ୍କୁ ୪୭୨୩୨୬ଭୋଟ ମିଳିଥିଲା। ଆବେଦନକାରୀ ଶ୍ରୀ ମହାପାତ୍ରଙ୍କୁ ମିଳିଥିଲା ୧୬୯୩ଖଣ୍ଡ ଭୋଟ।

## ମଗୁଶୁରରେ ବି ଖସୁନି ପରିବା ଦର

# ସପ୍ତାହକ ମଧ୍ୟରେ ଟମାଟୋ ଦର ଦୁଇଗୁଣା

ଭୁବନେଶ୍ୱର,୧୯।୧୧(ସମିସ): ଆଳୁ କିଲୋ ୨୫, ପିଆଜ କିଲୋ ୩୦। ବିନ୍‌ସ ୮୦ରୁ ଖସୁନି, କେଇଦିନ ତଳେ ଫୁଲକୋବି ୩୦ରୁ ୪୦ ଟଙ୍କାରେ ବିକ୍ରି ହେଉଥିବାବେଳେ ପୁଣି ଉପରମୁହାଁ ହୋଇ ୫୦ରୁ ୬୦ରେ ବିକ୍ରି ହେଉଛି। ଗତ ସପ୍ତାହରେ ଟମାଟୋ ୩୦ ଟଙ୍କାରୁ ୪୦ ଟଙ୍କା ଥିବାବେଳେ ଏବେ କେଉଁଠି ୬୦ ତ କେଉଁଠି ଅଶୀ। ୬୦ ଗ୍ରାମରୁ ୭୦ ଗ୍ରାମ ଶାଗ ବିଡ଼ା ୧୦ ଟଙ୍କାରେ ବିକ୍ରି ହେଉଛି । କାର୍ତ୍ତିକ ଯାଇ ମାର୍ଗଶିର ଅଧା ହୋଇ ସାରିଥିଲେ ବି ପରିବା ଦର ଖସିବାର ନାଁ ଧରୁନାହିଁ। ବିଶେଷ କରି ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ପରିବା ଦର ଅତିଷ୍ଠ କରିଛି ।

କାର୍ତ୍ତିକ ମାସରେ ଅନେକ ଆମିଷ ଖାଉନଥିବାରୁ ସାଧାରଣତଃ ପରିବା ଦର ବୃଦ୍ଧି ପାଇଥାଏ। ହେଲେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ମୂଳା ବିଡ଼ା (୩ଟି)କୁ ୪୦ଟଙ୍କାରେ ବିକ୍ରି ହେବା ସହ ଶାଗ ବିଡ଼ା ୧୦ରୁ ୧୫ଟଙ୍କା। ଅନ୍ୟ ପରିବାର କିଲୋପିଛା ୬୦ ଓ ୮୦ଟଙ୍କାରୁ ଖସୁନି। ଦୀର୍ଘଦିନ ଯାଏ ବର୍ଷା ଲାଗି ରହିବାଯୋଗୁଁ ଚଳିତ ବର୍ଷ ବିଭିନ୍ନ ପନିପରିବା ଅମଳ ବିଳମ୍ବିତ ହୋଇଥିବାରୁ ଏପରି ସମସ୍ୟା ଉପୁଜିଥିବା କୁହାଯାଉଛି। ଏହି ସମୟରେ ଆଠଗଡ଼, କଟକ, ବଡ଼ମ୍ବା, ନରସିଂହପୁର, ବରଗଡ଼, କୋରାପୁଟ, ବଲାଙ୍ଗିର, ପିପିଲି, ବଳଙ୍ଗା, ବାଲିପାଟଣା,

**ଅନ୍ୟ ରାଜ୍ୟରୁ ଆମଦାନୀରେ ବାଧା; ୬୦ ତଳକୁ ଖସୁନି ଦର**

ତେଇସପୁର ଆଦିରୁ ପରିବା ଉତ୍ପାଦନ ହୋଇଥାଏ ଏବଂ ପରିବାର ଦର ହ୍ରାସ ପାଇଥାଏ। ବର୍ଷ ସାରା ମହାରାଷ୍ଟ୍ର, କର୍ଣ୍ଣାଟକ, ରାଞ୍ଚି, ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ କଖାରୁ, ଟମାଟୋ, କ୍ୟାପ୍‌ସିକମ୍, କୋବି, ବିନସ୍, ଗାଜର, ବିଟ୍ ଆଦି ଆମଦାନୀ ହେଉଥିବାବେଳେ ନଭେମ୍ବରରୁ ଫେବୃଆରୀ ମାସ ଯାଏ ଓଡ଼ିଶାରୁ କୋବି, ବିନସ୍, ଟମାଟୋ, ଶିମ୍ବ, ପୋଟଳ, କଖାରୁ, କଲରା ଆଦି ଅମଳ ହୋଇଥାଏ। ମାତ୍ର ଚଳିତ ବର୍ଷ ରାଜ୍ୟରୁ ଉତ୍ପାଦନ ବିଳମ୍ବିତ ହେବା ଯୋଗୁଁ ପରିବା ଦର କମୁନାହିଁ ବୋଲି କୁହାଯାଉଛି। ଏପରିକି ଏହି ସମସ୍ୟା ଆହୁରି ୧୫ରୁ ୨୦ ଦିନ ଯାଏ ରହିପାରେ ବୋଲି ପରିବା ବ୍ୟବସାୟୀ ଆଶଙ୍କା କରିଛନ୍ତି।

କଞ୍ଚା ପରିବା ବ୍ୟବସାୟୀ ସଂଘ ସଭାପତି କବିରାଜ ସ୍ୱାଇଁ କହିଛନ୍ତି ଯେ ଓଡ଼ିଶାରେ ଏତେବେଳକୁ କୋବି ଗୋଟାକ ୫ରୁ ୧୦ଟଙ୍କା ମଧ୍ୟରେ ବିକ୍ରି ହେବା କଥା, କିନ୍ତୁ କୋବି ଅମଳ ହୋଇପାରି ନଥିବାରୁ ବାହାର ରାଜ୍ୟରୁ ଆସୁଥିବା କୋବି ଦର ଅଧିକ ରହୁଛି। ସେହିପରି ଲକ୍ଷ୍ମୀ ପୂଜା ପରେ କୋବି ଓ ଟମାଟୋ ଶସ୍ତାରେ ବିକ୍ରି ହୁଏ, ମାତ୍ର ଏଯାଏ ଟମାଟୋ, ବାଇଗଣ, ଭେଣ୍ଡି ଭଳି ଅନ୍ୟ ପରିବା ଓଡ଼ିଶାରୁ ବାହାରିନାହିଁ। ଅନ୍ୟ ରାଜ୍ୟରୁ ଯେତିକି ଆସୁଛି ତାହା ଓଡ଼ିଶା ବଜାରରେ ବିକ୍ରି ହେଉଛି। ଓଡ଼ିଶାରେ ପରିବା ଅମଳ ହେବାକୁ ଆହୁରି ଦୁଇ ସପ୍ତାହ ଲାଗିବ, ଏହାପରେ ପରିବାର ଦର କମିବ ବୋଲି ସେ କହିଛନ୍ତି।

# ଶିମିଳିପାଳରେ କଳା ବାଘ ବିଚରଣ ଦୃଶ୍ୟ ଭାଇରାଲ



ବାରିପଦା, ୧୯।୧୧(ସମିସ): ଏସିଆ ମହାଦେଶର ଦ୍ୱିତୀୟ ବୃହତ ଜୈବମଣ୍ଡଳ ଭାବେ ପ୍ରସିଦ୍ଧ ଲାଭ କରିଥିବା ଶିମିଳିପାଳ ଅଭୟାରଣ୍ୟରେ କଳାବାଘ ତଥା ମେଲାନାଷ୍ଟିକ ବାଘଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି। ଏପରି ଏକ କଳା ବାଘ ଅଭୟାରଣ୍ୟର ନାଳ ପାରହେବା ଦୃଶ୍ୟ ସମ୍ମୁଖକୁ ଆସିଛି। ପୂର୍ବତନ ପିସିସିଏଫ ଡ. ସୁଶାନ୍ତ କୁମାର ନନ୍ଦ ନିଜ ଏକ୍ସ'ରେ ପୋଷ୍ଟ କରିବା ପରେ ସେହି ଦୃଶ୍ୟକୁ ନ୍ୟାସନାଲ ଜିଓଗ୍ରାଫି ଚାନେଲ ନିଜର ସୋସିଆଲ ମିଡିଆ ପେଜରେ ପୁନଃ ପୋଷ୍ଟ ପରେ ଏହା ସାରା ବିଶ୍ୱରେ ଭାଇରାଲ ହେବାରେ ଲାଗିଛି। ଶିମିଳିପାଳ ଅଭୟାରଣ୍ୟରେ କଳାବାଘର ଉପସ୍ଥିତି ନେଇ ଶିମିଳିପାଳର ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିବା ପାଇଁ ଲାଗିଥିବା କ୍ୟାମେରାରେ ଏହି ଦୃଶ୍ୟ କଏଦ ହୋଇଛି। ଭାରତର ସମସ୍ତ ୧୦ଟି କଳାବାଘ ଶିମିଳିପାଳ ଅଭୟାରଣ୍ୟରେ ଅଛନ୍ତି। ମେଲାନିଷ୍ଟିକ ପ୍ରଜାତିର ବିରଳ କଳା ବାଘ ଶିମିଳିପାଳ ଅଭୟାରଣ୍ୟର ବିଚରଣ କରୁଥିବାର ଦୃଶ୍ୟ ସେମାନଙ୍କ ଉପସ୍ଥିତି ସହ ବଂଶ ବୃଦ୍ଧିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କିଛି ଦିନ ପୂର୍ବେ ଦୁଇ ବାଘ ଛୁଆ ଖେଳୁଥିବା ଏକ ଭିଡିଓ ମଧ୍ୟ ପିସିସିଏଫ ସେୟାର କରିଥିଲେ। ଶିମିଳିପାଳର ସୁରକ୍ଷା ବ୍ୟବସ୍ଥା କଡାକଡି ହେବା ପରେ କାଠ ମାଫିଆ ଓ ଶିକାରୀଙ୍କ ଦୃଷ୍ଟିରୁ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଯୁଗ୍ମ ଟାସ୍କଫୋର୍ସ ସଶସ୍ତ୍ର ବାହିନୀ ନିୟୋଜିତ ରହି ପାଟ୍ରୋଲିଂ କରୁଛନ୍ତି। ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି। ଏହାର ଏକ ଦୃଶ୍ୟ ସମ୍ମୁଖକୁ ଆସିଛି। ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏ ନେଇ ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂସଦରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପାଇଁ ଏକ ଉପଯୁକ୍ତ ସ୍ଥାନ ବୋଲି ପୂର୍ବରୁ ଏନଟିସିଏ ଘୋଷଣା କରିସାରିଛି। କଳାବାଘ ପାଇଁ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱ ଦରବାରରେ ପ୍ରଶଂସା ସାଉଁଟିଥିବା ବେଳେ ଏହାର ବଂଶବୃଦ୍ଧି ଓ ସୁରକ୍ଷାକୁ ନେଇ ଅଧିକରୁ ଅଧିକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଅପରପକ୍ଷରେ ଏନଟିସଏର ଅନୁମତି ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦାର ମଞ୍ଚାବନ୍ଧା ନିକଟରେ ବିଶ୍ୱର ପ୍ରଥମ କଳାବାଘ ସଫାରୀ ନିର୍ମାଣକୁ ଅନୁମୋଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩ କୋଟି ୫୦ଲକ୍ଷ ଟଙ୍କା ମଧ୍ୟ ପ୍ରଦାନ କରିଥିଲେ। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ (ସିଜେଏଡ)ଙ୍କ ସବୁଜ ସଙ୍କେତ ପରେ ୧୮ ନଂ ଜାତୀୟ ରାଜପଥ ପାଶ୍ୱର୍ ୧୦୦ହେକ୍ଟର ଜମିରେ ସଫାରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୫ରୁ ୨୦କୋଟି ଟଙ୍କା ବ୍ୟ ଅଟକଳରେ ଏହାର ନିର୍ମାଣ ଗତ ଅକ୍ଟୋବର ମାସରେ ସମ୍ପୂର୍ଣ୍ଣ ହୋଇଥାନ୍ତା। ତେବେ ସରକାର ବଦଳିବା ଓ ସୁପ୍ରିମକୋର୍ଟ ଅନୁମତି ବିଳମ୍ବିତ ଯୋଗୁଁ ତାହା ଅଗ୍ରଗତି ହୋଇପାରୁନି।



ସକାଳ
THE SAKALA



## ଜିଲ୍ଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ

# ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିଛି ସମବାୟ

ଯାଜପୁର, ୧୯।୧୧(ସମିସ)




ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ଉପଲକ୍ଷେ ଜିଲ୍ଲାସ୍ତରୀୟ ୭୨ତମ ଅଖିଳ ଭାରତ ସମବାୟ ସପ୍ତାହ ଗୌତମ ବୁଦ୍ଧ ସଂସ୍କୃତି ଭବନ ଯାଜପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ କହିଲେ ସମବାୟ ହେଉଛି ଗ୍ରାମ ଅର୍ଥନୀତିର ମୂଳ ଭିତ୍ତି, ଯାହା ମାଧ୍ୟମରେ ଚାଷୀ, ମହିଳା ଗୋଷ୍ଠୀ, ଉଦ୍ୟୋଗୀ ଏବଂ ଛୋଟ ଉତ୍ପାଦକମାନେ ସୁଦୃଢ଼ ଭାବେ ଆଗେଇଯାଇପାରନ୍ତି। ସେ କହିଥିଲେ ଯେ ଜିଲ୍ଲା ପ୍ରଶାସନ ସହକାରୀ ସଂଘମାନଙ୍କ ଶକ୍ତିକରଣ ପାଇଁ ନିରନ୍ତର ଭାବରେ ସହଯୋଗ କରି ଆସୁଛି। ଅର୍ଥନୀତି ସୁଦୃଢୀକରଣରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ ଓ ସଶକ୍ତ କରିବାରେ ସମବାୟ ସମିତିର ଭୂମିକା ସର୍ବଦା ଗୁରୁତ୍ୱ ବହନ କରି ଆସିଛି। କୃଷକମାନଙ୍କୁ ବିବିଧ ସରକାରୀ ଯୋଜନାରେ ସାମିଲ କରିବା, ସେମାନଙ୍କ ଆବଶ୍ୟକତା ଅନୁସାରେ କମ ସୁଧରେ ଋଣ ପ୍ରଦାନ, ସେମାନଙ୍କ ଉତ୍ପାଦର ସଠିକ ବିକ୍ରି ବ୍ୟବସ୍ଥା ଉପରେ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ମଧୁସୂଦନ ଇନଷ୍ଟିଚ୍ୟୁଟ ଅଫ କୋପରେଟିଭ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ଦିଲୀପ କୁମାର ଦାସ ଯୋଗଦେଇଥିବା ବେଳେ ଜିଲ୍ଲା ଉପ ନିବନ୍ଧକ ସମବାୟ ସମିତି ସମୂହ ଅମୂଲ୍ୟ କୁମାର ସେଠୀ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ କଟକ ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କର ପରିଚାଳକ ଦୁଃଶାସନ ସାହୁ, କେଶବ ଚନ୍ଦ୍ର ସେଠୀ, ଶରତ ଚନ୍ଦ୍ର ସାହୁ ଏବଂ ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମବାୟ ସମିତିର ପରିଚାଳକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମବାୟ ସପ୍ତାହ ପାଳନ ଅବସରରେ ଆୟୋଜିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ପ୍ରଥମଖଣ୍ଡି ପାକ୍ସ, ପାଣିକୋଇଲି ପାକ୍ସ ଓ ନାଥସାହି ପାକ୍ସର ସଭାପତି ସମ୍ପାଦକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ସମ୍ପାଦକ, ଏଆର୍‌ସିଏସ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

## ବାଲି ଗାଡ଼ି ଅଟକାଇ ଡ୍ରାଇଭରକୁ ମାଡ଼

ପାଣିକୋଇଲି, ୧୯।୧୧(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ବାଲି ଗାଡି ଅଟକାଇ ଡ୍ରାଇଭରକୁ ମାଡ ମାରିବା ସହ ମାଲିକ ଓ ତା'ଙ୍କ ଭାଇକୁ ମାଡ଼ ମାରି ୧ଲକ୍ଷ ୩୫ ହଜାର ଟଙ୍କା ଓ ମୋବାଇଲ ଛଡ଼ାଇନେବା ନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ପ୍ରକାଶଯେ କୋରେଇ ଥାନା ଅନ୍ତର୍ଗତ ବରୁଣ୍ଡାଇ ଗ୍ରାମର ଅଜିତ ସାହୁଙ୍କ ପୁଅ ସୁନିତଙ୍କ ଥାନାରେ କରିଥିବା ଅଭିଯୋଗ ମୁତାବକ ବାଲି ବୋଝେଇ କରି ମଙ୍ଗଳବାର ରାତିରେ ତାଙ୍କ ହାଇୱା ଅମୃତିଆ ରାସ୍ତାରେ ଯାଉଥିଲା। ଅମୃତିଆ ପ୍ରଭୁ ଟେଡର୍ସ ନିକଟରେ ଅମୃତିଆ ଗ୍ରାମର ଅନନ୍ତ ପରିଡ଼ା, ଅମର ପରିଡ଼ା, ସୁମା ପରିଡ଼ା ଓ ତାଙ୍କ ଦୁଇପୁଅ ମିଶି ଗାଡି ଅଟକାଇ ଡ୍ରାଇଭରକୁ ମାଡ ମାରିଥିଲେ। ଗାଡିରେ ଥିବା ୧ଲକ୍ଷ ୩୫ ହଜାର ଟଙ୍କା ଓ ମୋବାଇଲ ଛଡାଇ ନେଇଥିଲେ। ଏହି ଖବର ପାଇ ସୁନିତ ଓ ତାଙ୍କ ସାନ ପହଞ୍ଚିବାରୁ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇଥିଲେ। ଡାକ୍ତରଖାନାରେ ଚିକିତ୍ସିତ ହୋଇ ଥାନାରେ ଅଭିଯୋଗ କରିଛନ୍ତି।

## ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଜୟନ୍ତୀ

ଯାଜପୁର, ୧୯।୧୧(ସମିସ): ଯାଜପୁର ନଗର କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ୧୦୮ ତମ ଜୟନ୍ତୀ ସଭାପତି ନାରାୟଣ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗରିଆପୁର ଏବଂ ବାରୁଣୀ ପଡ଼ିଆସ୍ଥିତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପୂର୍ବତନ କଂଗ୍ରେସ ଜିଲ୍ଲା ସଭାପତି ମନୋଜ କୁମାର ରାଉତ, ବିଷ୍ଣୁ ଚରଣ ରାଉତ, ସନ୍ତୋଷ ନନ୍ଦ, ସୁଦିପ କର, ଦୁର୍ଯ୍ୟୋଧନ ବେହେରା, ଦିଲ୍ଲୀପ ଦାସ, ବିଭୂତି ମହାପାତ୍ର, ନିକୁଞ୍ଜ ସାମଲ, ହୃଷୀକେଶ ପତି, ନକୁଳଦେବ ସାହୁ, ପ୍ରମିଳା ସାହୁ, ଗଦାଧର ଦାସ, କନକଲତା ରାଉତ, ସଂଗ୍ରାମ ଜେନା, କୁମାର ଆଶୁତୋଷ, ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାଣିଚିକିତ୍ସା ଶିବିର

ବରୀ, ୧୯।୧୧(ସମିସ): ବରୀ ବ୍ଲକ ଅନ୍ତର୍ଗତ ବୋଦୁଅ ପଞ୍ଚାୟତ ଯଜ୍ଞେଶ୍ୱର ପଡ଼ିଆ ଠାରେ ଏକ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହେଇଯାଇଛି। ଏଥିରେ ଫାଟୁଆର ଟିକାକରଣ, କୃମି ନିରାକରଣ ଓ ଭିଟାମିନ ଆଦି ପ୍ରଦାନ କରାଯାଇଥିଲା। ବରୀ ମଣ୍ଡଳ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ପ୍ରାଣିଧନ ନିରୀକ୍ଷକ ନିର୍ମଳ ପଣ୍ଡା, ମୈତ୍ରୀ ଅମୂଲ୍ୟ କୁମାର ଜେନା ଚିକିତ୍ସା କରିଥିବା ବେଳେ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ବିଶ୍ୱଭୂଷଣ ଜେନା, କାଶୀନାଥ ପଲାଇ, ରାକେଶ ରୋଶନ ଜେନା ସହଯୋଗ କରିଥିଲେ।

## ଶିଶୁ କଳାକାରଙ୍କୁ ସମ୍ବର୍ଦ୍ଧନା

ବରୀ, ୧୯।୧୧(ସମିସ): ବରୀ ବ୍ଲକ ଅନ୍ତର୍ଗତ କିମ୍ବିରିଆପାଳ ପଞ୍ଚାୟତ ମାଳଦା ଗ୍ରାମରେ ଥିବା 'ରିମ୍‌ଝିମ୍ ଡାନ୍ସ ଏକାଡେମୀ'ର ଶିଶୁ କଳାକାରମାନେ ପୁରୀ ଅନ୍ନପୂର୍ଣ୍ଣା ଥିଏଟର ଠାରେ 'ଓଡ଼ିଶା ଟ୍ରେଣ୍ଡିଂ ଟାଲେଣ୍ଟ' କାର୍ଯ୍ୟକ୍ରମରେ ଭାଗ ନେଇ ସମ୍ବର୍ଦ୍ଧିତ ହୋଇଛନ୍ତି। ଏକାଡେମୀର କୁନି କଳାକାର ଅଭିଳାଷ ବେହେରା ଓ ଅନ୍ୟ କୁନି କଳାକାରଙ୍କୁ ସମ୍ମାନିତ କରାଯାଇଛି। ନୃତ୍ୟଗୁରୁ ସୁରେଶ କୁମାର ମଲ୍ଲିକ, ସଂଗ୍ରାମ କୁମାର ମଲ୍ଲିକ, ସଭାପତି ମଙ୍ଗଳ ପ୍ରସାଦ ପଣ୍ଡା ଓ ସୁଶ୍ରୀସଙ୍ଗୀତା ସେଠୀ ପିଲା ମାନଙ୍କୁ ନେଇ ତିନି ଦିନ ଧରି ବହୁ କାର୍ଯ୍ୟକ୍ରମରେ ଭାଗ ନେଇ ବେଶ ପ୍ରଶଂସିତ ହୋଇଛନ୍ତି।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

ପ୍ରୀତିପୁର, ୧୯।୧୧(ସମିସ): ବିଞ୍ଝାରପୁର ବ୍ଲକର ରଣପୁର ପଞ୍ଚାୟତ ତଥା କଣ୍ଟିପୁର ଗ୍ରାମର ଆଦର୍ଶ ଶିକ୍ଷକ ବିଜୟ କୁମାର ରାୟଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସିଂହପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେଶ ବାରିକ, ଶିକ୍ଷାବିତ୍ ଗଣେଶ ପ୍ରସାଦ ସାମଲ, ଶିକ୍ଷକ ସଙ୍ଘ ପ୍ରାକ୍ତନ ଉପସଭାନେତ୍ରୀ ଟିକିଲତା ବେହେରା, ଶିକ୍ଷକ ସଙ୍ଘ ସଭାପତି ରବିନାରାୟଣ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ସ୍ୱର୍ଗତ ଶିକ୍ଷକଙ୍କ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶୋକ ସଭାରେ ହୃଦାନନ୍ଦ ଧଳ, ରତନଲାଲ ଭୂୟାଁ, ବିଚିତ୍ରାନନ୍ଦ ବେହେରା, ବିଶ୍ୱନାଥ ସାମଲ, ଉମେଶ ସାମଲ, ରବୀନ୍ଦ୍ର ମଲ୍ଲିକ, କେଦାର ଦାସ, ମନୋଜ ସାମଲ, ରମେଶ ଧଳ, ପୂର୍ବତନ ସରପଞ୍ଚ ଅଟଳ ବିହାରୀ ନାୟକ, ଏବିଓ ବଳରାମ ପତି, ବିଦ୍ୟାସାଗର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଭାରୋତ୍ତୋଳନରେ ଚିନ୍ମୟଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ

ସୁକିନ୍ଦା, ୧୯।୧୧(ସମିସ): ରାଜ୍ୟସ୍ତରୀୟ ଭାରୋତ୍ତୋଳନ (ପାୱାର ଲିଫ୍ଟିଂ) ପ୍ରତିଯୋଗିତାରେ ସୁକିନ୍ଦାର ଦୁଇ ଯୁବକ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ଇଣ୍ଡିଆନ ପାୱାର ଲିଫ୍ଟିଂ ଫେଡରେସନ ପକ୍ଷରୁ ଗତ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ମାଲକାନାଗିରିର ନୂଆଗୁଡ଼ା ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଶତାଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର ସବ୍ ଜୁନିଅର ପ୍ରତିଯୋଗିତାରେ ସୁକିନ୍ଦା ସଦର ମହକୁମା ସନ୍ତୋଷ କୁମାର ରଣାଙ୍କ ପୁଅ ଚିନ୍ମୟ ରଣା ୧୦୦କେଜି ବେଞ୍ଚପ୍ରେସ ଲିଫ୍ଟିଂରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୪୨୦କେଜି ଓଭରାଲ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ସୁକିନ୍ଦାର ସଲିମ୍ ଖାନଙ୍କ ପୁଅ ଅଫଜଲ୍ ଖାନ ମାଷ୍ଟର ୱାନ ବିଭାଗର ୩୪୫କେଜି ବେଞ୍ଚପ୍ରେସ ପ୍ରତିଯୋଗିତାରେ ଦ୍ୱିତୀୟ ଓ ଓଭରାଲରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ଉଭୟ ଯୁବକ ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ନିଜର ଓ ସୁକିନ୍ଦା ଅଞ୍ଚଳ ଓ ଯାଜପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଚିନ୍ମୟ ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିବା ପରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ଜଣାପଡ଼ିଛି।



## ବରୁଆଁ -ବାଲିଚନ୍ଦ୍ରପୁର ରାସ୍ତା ମରଣଯନ୍ତା

ବରୁଆଁ, ୧୯।୧୧(ସମିସ): ପୂର୍ତ୍ତ ବିଭାଗ ଅଧୀନରେ ଥିବା ବରୁଆଁ ବାଲିଚନ୍ଦ୍ରପୁର ୨୨ କିଲୋମିଟର ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି। ଫଳରେ ଦିନକୁ ଦିନ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଥିବା ଜଣାପଡ଼ିଛି। ଏହି ରାସ୍ତା ଉପରେ ୪ ଗୋଟି ନିର୍ବାଚନ ମଣ୍ଡଳୀ ଯଥା ଯାଜପୁର, ବରୀ, ଧର୍ମଶାଳା ଓ ବଡଚଣାର ପ୍ରାୟ ୨୦ ଗୋଟି ପଞ୍ଚାୟତର ଲକ୍ଷାଧିକ ଲୋକ ନିର୍ଭରଶୀଳ। କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ସତେ ଯେମିତି ଏହି ରାସ୍ତା ପ୍ରତି କାହାର ନଜର ନାହିଁ। ୨୦ ନମ୍ବର ରାଜପଥକୁ ସଂଯୋଗ କରୁଥିବା ଏହି ରାସ୍ତା ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ଭାବେ ସ୍ଥାନ ପାଇଥିବା ରତ୍ନଗିରି, ଉଦୟଗିରି, ଲଳିତଗିରି ଓ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ସ୍ଥଳ ଓଳାଶୁଣି ଗୁମ୍ଫା ଅବସ୍ଥିତ। ଆଗକୁ ଆସୁଛି ନୂଆବର୍ଷ। ଏଥିପାଇଁ ପର୍ଯ୍ୟଟନସ୍ଥଳୀକୁ ଦୈନନ୍ଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଗାଡ଼ି ମଟର ଯୋଗେ ଏହି ରାସ୍ତା ଦେଇ ଯାତାୟତ କରିବେ। ଏହି ରାସ୍ତାର ପିଚୁ ଉଠି ଯିବାଯୋଗୁଁ ସମ୍ପୂର୍ଣ୍ଣ ରାସ୍ତାରେ ଖାଲ ଖମା ଓ ଏକାଧିକ ସ୍ଥାନରେ ୩ ଫୁଟରୁ ୫ ଫୁଟ ଯାଏ ବଡ଼ ବଡ଼ ଗର୍ତ୍ତ ମାନ ସୃଷ୍ଟି ହୋଇଛି ଯାହାକି କିଛି ଦୂରରୁ ଏହି ଗର୍ତ୍ତ ଜଣାପଡୁନାହିଁ। ଏଣୁ ପୂର୍ତ୍ତବିଭାଗର ଅଧିକାରୀ ତୁରନ୍ତ ଏହି ରାସ୍ତାର ଅବସ୍ଥା ନିରୀକ୍ଷଣ କରି ସ୍ଥାୟୀ ଭାବେ ମରାମତି କରି ଦୁର୍ଘଟଣା ଏଡ଼ାଇବାକୁ ସାଧାରଣରେ ଦାବି ହେଉଛି।



## ମା' ଜାଗୁଳାଇଙ୍କ ମନ୍ଦିରରେ ଦଧିନଉତି ସ୍ଥାପନ



ପାଣିକୋଇଲି, ୧୯।୧୧(ସମିସ): ପାଣିକୋଇଲି ପଞ୍ଚାୟତର ଅଳତିରି ଗ୍ରାମରେ ଅବସ୍ଥିତ ଗ୍ରାମ ଦେବତୀ ମା' ଜାଗୁଳାଇଙ୍କ ନୂତନ ମନ୍ଦିରର ଦଧିନଉତି ବୁଧବାର ଦିନ ସ୍ଥାପନ ହୋଇଯାଇଛି। କିମ୍ବଦନ୍ତୀ ଅନୁସାରେ ପ୍ରାୟ ପାଞ୍ଚଶହ ବର୍ଷ ପୁରାତନ ମା' ଜାଗୁଳାଇଙ୍କ ମନ୍ଦିର ଭାଙ୍ଗିରୁଜି ଯାଇଥିଲା। ତେବେ ଗ୍ରାମବାସୀ ଓ ସ୍ଥାନୀୟ ଆଦର୍ଶ ୟୁଥ କ୍ଲବର ସଦସ୍ୟମାନଙ୍କର ସହଯୋଗରେ ମା'ଙ୍କର ନୂତନ ମନ୍ଦିରର ନିର୍ମାଣ କାର୍ଯ୍ୟ ଚାଲୁରହିଛି। ସ୍ଥାନୀୟ ଅଞ୍ଚଳର ବେଦଜ୍ଞ ବ୍ରାହ୍ମଣ ଅକ୍ଷୟ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୂଜା ପାଠରେ ଗ୍ରାମର କଳ୍ପତରୁ ମହାପାତ୍ର ଓ ସାବିତ୍ରୀ ମହାପାତ୍ର ସଂକଳ୍ପ କରିଥିଲେ। ହୋମଯଜ୍ଞ ପରେ ଶଙ୍ଖ ଘଣ୍ଟ ହୁଳହୁଳି ଓ ନାମ ସଂକୀର୍ତ୍ତନ ସହିତ ମା'ଙ୍କର ଦଧିନଉତି ଉଠିଥିଲା। ଶ୍ରଦ୍ଧାଳୁ ମାନେ ଧାନ, କଉଡ଼ି, ପଞ୍ଚ ଧାତୁ ଆଦି ମା'ଙ୍କର ଦଧିନଉତି ହୁଣ୍ଡିରେ ପକାଇ ମା'ଙ୍କର ଆଶୀଷ ଭିକ୍ଷା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ନରୋତ୍ତମ ନାୟକ, ଚୈତନ୍ୟ ମଲ୍ଲିକଙ୍କ ମାର୍ଗଦର୍ଶନରେ ସ୍ଥାନୀୟ ଗ୍ରାମବାସୀ ଓ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ପାଣିକୋଇଲି, ୧୯।୧୧(ସମିସ): ପାଣିକୋଇଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥିବା ବିଷ୍ଣୁଚରଣ ରାଉତଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, କୋରେଇ ବିଧାୟକ ଆକାଶ ଦାସ ନାୟକ, ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ସମେତ ବରିଷ୍ଠ ବିଜେପି ନେତା ପିନକୀ ରଞ୍ଜନ ଦାସ, ଯୁବ ନେତା ପ୍ରୀତିରଞ୍ଜନ ସାହୁ, କଳ୍ପତରୁ ମହାପାତ୍ର, ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ସୂର୍ଯ୍ୟମଣୀ ପଣ୍ଡା, ଅଦୈତ୍ୟ ଚରଣ ଦାଶ, ବଳରାମ ସାହୁ, ଜୟନ୍ତୀ ସାହୁ, ଦିପ୍ତୀମୟୀ କୁଅଁର, ଧନେଶ୍ୱର ବାରିକ, କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ନିମାଇଁ ମଲ୍ଲିକ, ଶିକ୍ଷାବିତ ବନୋଜ ଜେନା ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତି ଓ ବିଷ୍ଣୁଚରଣ ରାଉତ ଫାଉଣ୍ଡେସନକୁ ଉନ୍ମୋଚନ କରିଥିଲେ। ଫାଉଣ୍ଡେସନ ତରଫରୁ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ପାଣିକୋଇଲି ବଜାର ଉପରେ ଚାରି ଗୋଟି, ଶେଷ ପରିଚୟର ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ନିମନ୍ତେ ଦୁଇ ଗୋଟି ସିମେଣ୍ଟ ଚେୟାର ପ୍ରଦାନ କରାଯାଇଥିଲା।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ସମସ୍ୟା ଘେରରେ ବିଞ୍ଝାରପୁର ଆର୍‌ଆଇଙ୍କ କାର୍ଯ୍ୟାଳୟ

ପ୍ରୀତିପୁର, ୧୯।୧୧(ସମିସ): ବିଞ୍ଝାରପୁର ବ୍ଲକ ତଥା ତହସିଲ ଅନ୍ତର୍ଗତ ବିଞ୍ଝାରପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। କାର୍ଯ୍ୟାଳୟ ଭିତରେ ରହୁଥିବା ରେକର୍ଡ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପାଣିରେ ଜଡି ଯାଉଥିବାରୁ କର୍ମଚାରୀ ମାନେ ଏହି କାର୍ଯ୍ୟାଳୟଟିରେ ଗୁରୁତ୍ୱପୂର୍ଣ୍ଣ କାଗଜ ସୁରକ୍ଷିତ ନୁହେଁ ବୋଲି କହିଛନ୍ତି।

ପ୍ରକାଶ ଯେ ବିଞ୍ଝାରପୁର ତହସିଲ ଆରମ୍ଭ ହେବା ଠାରୁ ଆଜିଯାଏ ଏକ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ସର୍କଲ ଭାବରେ ବିଞ୍ଝାରପୁର ପଞ୍ଚାୟତର ନାମ ଉଲ୍ଲେଖ କରାଯାଇ ପାରେ। ପ୍ରାରମ୍ଭିକ ଅବସ୍ଥାରେ ୭ଟି ପଞ୍ଚାୟତର ରାଜସ୍ୱ ଗ୍ରାମମାନଙ୍କୁ ନେଇ ଗଠିତ ହୋଇଥିବା ଏହି ରାଜସ୍ୱ ସର୍କଲଟି ବହୁ ବିଭାଜିତ ହୋଇଛି। ଏବେ ରାଜସ୍ୱ ସର୍କଲର ରାଜସ୍ୱ. ଗ୍ରାମସଂଖ୍ୟା ୯ରେ ପହଞ୍ଚିଛି। ଏହି ନଅଟି ଗ୍ରାମର ପ୍ରଜା ମାନଙ୍କର ସେବା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟାଳୟ ଆଜି ଭଗ୍ନସ୍ତୁପରେ ପରିଣତ ହୋଇଛି। ଛାତରୁ ଗଳୁଛି ପାଣି। କାନ୍ଥ, ଚଟାଣ ପାଣିରେ ଜଡ଼ସଡ଼ ହୋଇଯାଉଛି। କର୍ମଚାରୀଙ୍କ କଥା ତ ଯାହା ହେଉଛି ତାହା ଛାଡ଼, ସେମାନେ ସାଇତି ରଖିଥିବା ମୂଲ୍ୟବାନ ରେକର୍ଡ ପାଣିରେ ନଷ୍ଟ ହୋଇଯାଉଛି। ବିଞ୍ଝାରପୁର ପଞ୍ଚାୟତରେ ସରକାରୀ ଜମିର ଅଭାବ ଯୋଗୁଁ ମାଁସଡ଼ା ପଞ୍ଚାୟତର ଗୌଡ଼ସାହି ଓ ଦଧିବାମନପୁର ପଞ୍ଚାୟତ ସୀମାନ୍ତରେ ବିଞ୍ଝାରପୁର ରାଜସ୍ୱ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିଲା। ନିମ୍ନମାନର ନିର୍ମାଣ ଯୋଗୁଁ ଏହା ଭଙ୍ଗିରୁଜିବଗଲାଣି। ଏହାର ମରାମତି ପାଇଁ ବାରମ୍ବାର ଆର୍‌ଆଇ ବିଭାଗୀୟ ଅଧିକାର ତହସିଲଦାରଙ୍କୁ ଓ ତହସିଲଦାର ୱାର୍କ୍ସ ଡିପାର୍ଟମେଣ୍ଟକୁ ଚିଠି ଲେଖିବା ସତ୍ତ୍ୱେ ମରାମତି କାମ କରରାଯାଉନାହିଁ। ବିଞ୍ଝାରପୁର ରାଜସ୍ୱ କାର୍ଯ୍ୟାଳୟର ମରାମତି ସମ୍ପର୍କରେ କାର୍ଯ୍ୟରତ ଆର୍‌ଆଇ ବିଶ୍ୱରଞ୍ଜନ ନାୟକଙ୍କୁ ପଚାରିବାରୁ ସେ ଏହି ଦୁରବସ୍ଥା ସମ୍ପର୍କରେ ତହସିଲଦାରଙ୍କୁ ଚିଠି ଦ୍ୱାରା ଅବଗତ କରିବା ସହିତ ଆବଶ୍ୟକ ମରାମତି ପାଇଁ ଜଣାଇଛନ୍ତି ବୋଲି କହିଥିଲେ। ଏ ନେଇ ତହସିଲଦାର ଭାରପ୍ରାପ୍ତ ପ୍ରଦୀପ୍ତ କୁମାର ସେଠୀଙ୍କୁ ପଚାରିବାରୁ ଏହି ସମସ୍ୟା ପୁରୁଣା ହୋଇଥିବାରୁ ପୂର୍ବତନ ତହସିଲଦାର ୱାର୍କ୍ସ ଡିପାର୍ଟମେଣ୍ଟକୁ ଜଣାଇଛନ୍ତି କି ନାହିଁ ତାହା ଲେଟର ଇସ୍ୟୁ ରେଜିଷ୍ଟରର ଦେଖିବା ପରେ ଜଣା ପଡ଼ିପାରେ। ମାତ୍ର ସେ କିନ୍ତୁ ଏପରି ଚିଠିୱାର୍କ୍ସ ଡିପାର୍ଟମେଣ୍ଟକୁ କରିନାହାନ୍ତି। ତେବେ ଜନସାଧାରଣଙ୍କ ସେବା ପାଇଁ କାର୍ଯ୍ୟ କରୁଥିବା ରାଜସ୍ୱ କାର୍ଯ୍ୟାଳୟର ତୁରନ୍ତ ମରାମତି ପାଇଁ ସମାଜସେବୀ ଅଧାପକ ବିଜୟ ମହାନ୍ତି, କଲ୍ୟାଣେଶ୍ୱର ବଜାର କମିଟି ସଭାପତି ରବୀନ୍ଦ୍ର କୁମାର ବେହେରା ପ୍ରମୁଖ ଦାବି କରିଛନ୍ତି।



## ଜବରଦଖଲ ଉଚ୍ଛେଦ ପାଇଁ ଦାବିପତ୍ର

ଧର୍ମଶାଳା, ୧୯।୧୧(ସମିସ): ଧର୍ମଶାଳା ତହସିଲ ଅଧୀନ ଉତ୍ତରପ୍ରତାପ ଗ୍ରାମର ଗ୍ରାମବାସୀ ଗତକାଲି ପୂର୍ବାହ୍ନରେ ତହସିଲଦାର ସମୀର ରଞ୍ଜନ ଦାସଙ୍କୁ ଭେଟି ଗ୍ରାମରୁ ଜବରଦଖଲ ଉଚ୍ଛେଦ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ ଓ ଯାଜପୁର ଜିଲ୍ଲାପାଳଙ୍କୁ ପ୍ରେରଣ କରିଥିବା ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ସୂଚନା ମୁତାବକ, ଉକ୍ତ ଗ୍ରାମର ସରକାରୀ ଜମି ଯଥା ସର୍ବସାଧାରଣ, ଆବାଦଯୋଗ୍ୟ ଅନାବାଦୀ, ରକ୍ଷିତ ଓ ଜଳସେଚନ ବିଭାଗ ରାସ୍ତା ଆଦି ଏ ୬୨.୧୧ ଡି ଜମି ରହିଛି। ସେଥିମଧ୍ୟରୁ ଆବାଦଯୋଗ୍ୟ ଅନାବାଦୀ ଖାତା ନଂ ୩୯୯ - ଏ ୧୯.୧୪ ଡି., ସର୍ବସାଧାରଣ ଖାତା ନଂ ୪୦୧ -ଏ ୬.୨୩ ଡି., ରକ୍ଷିତ ଖାତା ନଂ ୪୦୨- ଏ ୩୩.୧୭ ଡି.ଓ ଜଳସେଚନ ବିଭାଗ ରାସ୍ତା ଖାତା ନଂ ୪୦୪- ଏ ୩.୫୭ ଡି.ରହିଛି। ଏହି ସରକାରୀ ଜମିକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ଫଳରେ ଯାତାୟତରେ ଅସୁବିଧା, ପିଲାମାନେ ଖେଳକୁଦରୁ ବଞ୍ଚିତ, ଗୋରୁଗାଈ ଚରାବୁଲା କରି ନପାରିବା ଓ ଫସଲ ହାନି ଘଟିବା ଭଳି ସମସ୍ୟା ଦେଖାଦେଇଥାଏ। ଦୀର୍ଘବର୍ଷ ହେବ ଏହି ସବୁ ସମସ୍ୟା ଭିତରେ ଗ୍ରାମବାସୀ ସମ୍ମୁଖୀନ ହେଉଛନ୍ତି। ଗ୍ରାମର ମାୟାଧର ରାଉତ, ପ୍ରଭାତ ରଞ୍ଜନ ରାଉତ, ଭାଗ୍ୟଧର ମହାନ୍ତି, ବୈରାଗୀ ମଲିକ, ଅନିରୁଦ୍ଧ ମଲିକ, ପିତାମ୍ବର ମଲିକ ଓ ନରୋତ୍ତମ ନାୟକ ଏହାକୁ ଉଚ୍ଛେଦ କରିବାକୁ ଦାବି କରିଛନ୍ତି।

## ପି.ଏଚ.ଡି. ଲାଭ



ଅପରେସନ ସିନ୍ଦୂର ପାଇଁ ଡ୍ରୋନ୍ ଯୋଗାଇଥିବା ଭୁବନେଶ୍ୱର ସ୍ଥିତ ଖ୍ୟାତନାମା ଡ୍ରୋନ୍ କମ୍ପାନୀ IG Dronesର ଗବେଷଣା ବିଭାଗରେ କାର୍ଯ୍ୟରତ ଶ୍ରୀ ସତ୍ୟପ୍ରକାଶ ମିଶ୍ର ସିଭିଲ ଇଞ୍ଜିନିୟରିଂ ବିଷୟରେ ଡକ୍ଟରେଟ୍ (Ph.D.) ଡିଗ୍ରୀ ଲାଭ କରିଛନ୍ତି। ସେ ଆସାମ ସ୍ଥିତ National Institute of Technology Silchar (NIT Silchar)ର Asso. Prof. Dr. Arjun Sir ଓ Asst. Prof. Dr. Amit Kumar Das ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ଶ୍ରୀମାନ ମିଶ୍ରଙ୍କ ଗବେଷଣା ସନ୍ଦର୍ଭ "Comprehensive Seismic Hazard Assessment of Odisha State with Emphasis on Bhubaneswar City and Port Areas", IIT Bombay ର ପ୍ରଫେସର ଡ଼ା ଦୀପାଙ୍କର ଚୌଧୁରୀ ଓ IISc Bangalore ର ପ୍ରଫେସର ଡା. ଜି. ମାଧବୀଲତାଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଡ଼. ସତ୍ୟପ୍ରକାଶ ମିଶ୍ର ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ସ୍ଥିତ ପଲାର ଗ୍ରାମ ନିବାସୀ କବି ସବିତା ମିଶ୍ର ଓ ଅବସରପ୍ରାପ୍ତ B S N L କର୍ମଚାରୀ ଶ୍ରୀଯୁକ୍ତ ନୃସିଂହ ଚରଣ ମିଶ୍ରଙ୍କ କନିଷ୍ଠ ପୁତ୍ର ତଥା ଧର୍ମଶାଳା ଅଞ୍ଚଳର ବିଶିଷ୍ଟ ଶିକ୍ଷକ ସ୍ୱ. ପଣ୍ଡିତ ନାରାୟଣ ମିଶ୍ରଙ୍କ ପୂତ୍ର ଅଟନ୍ତି। ସେ ତାଙ୍କର ଏହି ସଫଳତା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ, ସପରିବାର, ଶିକ୍ଷକ ଓ ବନ୍ଧୁବର୍ଗଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଦଉପୁର-ବୈଶପାନ ରାସ୍ତା ମରାମତି ନିମ୍ନମାନର

# କାର୍ଯ୍ୟ ତଦାରଖରେ ଆସୁନାହାନ୍ତି ବିଭାଗୀୟ ଯନ୍ତ୍ରୀ



ମଙ୍ଗଳପୁର, ୧୯।୧୧(ସମିସ)

ଦଶରଥପୁର ବ୍ଲକର ଦଉପୁର ଦୁଦୁରାଅନ୍ତା ପଞ୍ଚାୟତ ହେଉଛି ବନ୍ୟା ପ୍ରପୀଡ଼ିତ ଅଞ୍ଚଳ। ପ୍ରତିବର୍ଷ କାଣୀ ନଦୀରେ ବନ୍ୟା ଆସି ଘାଇ ହେବା ଫଳରେ ଦଉପୁରରୁ ବୈଶପାନ ଗ୍ରାମ୍ୟ ଉନ୍ନୟନ ରାସ୍ତା ନଷ୍ଟ ହୋଇଥାଏ। ରାସ୍ତାଟିର ଅବସ୍ଥା ଶୋଚନୀୟ ହୋଇଥିବା ବେଳେ ପ୍ରତେକ ବର୍ଷ ବିଭାଗ ପକ୍ଷରୁ ମରାମତି ପାଇଁ ବହୁ ଅର୍ଥ ଖର୍ଚ୍ଚ କରାଯାଉ ଥାଏ। ଚଳିତ ବର୍ଷ ବନ୍ୟା ପରେ ଉକ୍ତ ରାସ୍ତା ମରାମତି ପାଇଁ ପ୍ରାୟ ୪୦ଲକ୍ଷ ଟଙ୍କା ବିଭାଗ ପକ୍ଷରୁ ମଞ୍ଜୁର କରାଯାଇଥିବା ନେଇ ଜଣାପଡ଼ିଛି। ତେବେ ଉକ୍ତ ରାସ୍ତାଟିରେ ୪/୫ଗୋଟି ପଞ୍ଚାୟତର ଜନସାଧାରଣ ମାନଙ୍କ ପାଇଁ ଏକମାତ୍ର ରାସ୍ତା ହୋଇଥିବା ବେଳେ ବର୍ତ୍ତମାନ ଏହି ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା ଦେଖିବା ପାଇଁ ମିଳିଛି। ଉକ୍ତ ରାସ୍ତା ମରାମତି କାର୍ଯ୍ୟ କରୁଥିବା ଠିକାଦାର ଜଣକ ମରାମତି ଆଳରେ ଅର୍ଥ ହରିଲୁଟ କରିବା ପାଇଁ ଅତି ନିମ୍ନମାନର କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ସେହିପରି ଉକ୍ତ ଠିକାଦାର ଜଣକ ଗୁଡ଼ିଆପାଟଣା କୁଅଁରସାହି ନିକଟରେ ନିମ୍ନମାନର ମରାମତି କାର୍ଯ୍ୟ କରୁଥିବାବେଳେ ସ୍ଥାନୀୟ ଜନସାଧାରଣଙ୍କ ତୀବ୍ର ବିରୋଧର ଶିକାର ହୋଇ ସେଠାରୁ କାର୍ଯ୍ୟ ଛାଡି ପଳାଇ ଆସିବା ପରେ ଆଠମାଣିଆ ରାସ୍ତାରେ ଅତି ନିମ୍ନମାନର କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ଅଞ୍ଚଳବାସୀଙ୍କ କହିବା ଅନୁସାରେ ପତଳା ପିଚୁ ପ୍ୟାଚ ପକାଇ ଠିକାଦାର ଆଗକୁ ଆଗକୁ ମାଡି ଯାଉଛନ୍ତି। ସରକାର ବଦଳିବା ପରେ ଉନ୍ନତ ମାନର କାର୍ଯ୍ୟ ହେବ ବୋଲି ଆଶା ରଖିଥିବା ଜନସାଧାରଣ ମାନଙ୍କୁ ଏବେ ନିରାଶ ହେବା ପାଇଁ ପଡୁଛି। ବର୍ତ୍ତମାନ ମରାମତି କାର୍ଯ୍ୟ ଚାଲିଥିଲେ ମଧ କୌଣସି ବିଭାଗୀୟ ଅଧିକାରୀ କିମ୍ବା ଯନ୍ତ୍ରୀ ଅଦୌ କାର୍ଯ୍ୟ ସ୍ଥଳକୁ ଆସୁନଥିବା ବେଳେ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ବିଭାଗୀୟ ଅଧିକାରୀ ଲୋକଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁନଥିବା ନେଇ ଅଭିଯୋଗ ହୋଇଛି। ଠିକାଦାର ବିଜେପିର ବାହୁଛାୟା ତଳେ ରହି ଏମିତି ନିମ୍ନମାନର କାର୍ଯ୍ୟ କରୁଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ତେବେ ବିଭାଗୀୟ ଅଧିକାରୀ କାର୍ଯ୍ୟ ଉପରେ ନଜର ଦେବା ସହିତ କରାଯାଉଥିବା ନିମ୍ନମାନର କାର୍ଯ୍ୟର ତଦନ୍ତ କରି ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଡିକି ଭାଙ୍ଗି ସୁନା ଅଳଙ୍କାର ଓ ଟଙ୍କା ଲୁଟ୍

ବ୍ରହ୍ମବରଦା,୧୯।୧୧(ସମିସ): ଆଜି ସକାଳେ ବରୀ ଥାନା ବାଲିଆ ହରିପୁର ଗ୍ରାମର ସୁଜିତ କୁମାର ବାରିକଙ୍କ ମଟର ସାଇକଲ ଡିକି ଭାଙ୍ଗି ୧୫ ଗ୍ରାମ ସୁନା ସହିତ ୫୦ ହଜାର ଟଙ୍କା ଚୋରି ହୋଇଥିବା ମଧ୍ୟ ବ୍ରହ୍ମବରଦା ଥାନାରେ ଅଭିଯୋଗ ହୋଇଛି । ସୁଜିତ କୁମାର ବାରିକ ବ୍ରହ୍ମବରଦା ବ୍ୟାଙ୍କ ଛକ ଠାରେ ଥିବା ମଣିପୁରମ ଗୋଲ୍ଡଲୋନ କାର୍ଯ୍ୟାଳୟରୁ ୧୫ ଗ୍ରାମର ସୁନା ଗହଣା ମୁକୁଳାଇ ଘରକୁ ଫେରୁଥିବା ବେଳେ ଗାଡିକୁ ବ୍ରହ୍ମବରଦା ବ୍ୟାଙ୍କ ଅଫ ବରୋଦା ସାମ୍ନାରେ ରଖି ଦେଇ ବ୍ରହ୍ମବରଦା ବଜାରକୁ ଯାଇଥିଲେଫ କିଛି ସମୟ ମଧ୍ୟରେ ସେଠାରୁ ଫେରିବା ବେଳକୁ ଗାଡି ଡିକି ଭଙ୍ଗାଯାଇ ସେଥିରୁ ୧୫ ଗ୍ରାମ ସୁନାଗହଣା ସହିତ ନଗଦ ୫୦ ହଜାର ଟଙ୍କା ଚୋରି କରି ନେଇଥିବା ଦେଖିବାକୁ ପାଇଥିଲେଫ ଏନେଇ ସେ ମଧ୍ୟ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଥିଲେ ହେଲେ ପୋଲିସ ତୁରନ୍ତ ସେବା ଯୋଗାଇବା ବଦଳରେ ଘଟଣା ଘଟିବାର ୮ ଘଣ୍ଟା ପରେ ସନ୍ଧ୍ୟା ସମୟରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଜାଣିବାକୁ ମିଳିଛି । ଗତକାଲି ମଧ୍ୟ ବିଳମ୍ବିତ ରାତିରେ ବନ୍ଧଡିହ ପଞ୍ଚାୟତ ଆଖୁଆକୂଳ ଗ୍ରାମର ନିରଞ୍ଜନ ସାହୁ ଓ ତାଙ୍କ ପରିବାର ଲୋକେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କର ଅନ୍ୟ ଏକ ବେଡରୁମର କବାଟ ଭାଙ୍ଗି ଗଡରେଜ ଭାଙ୍ଗି ଦୁଇ ହଳ ସୁନାସାଙ୍କି, ସୁନା ଚେନ, କାନଫୁଲ,ସୁନା ଲକେଟ ଓ ଦୁଇ ହଳ ନାକଫୁଲ ମୋଟ ୨ ଭରିରୁ ଊର୍ଦ୍ଧ୍ୱ ସୁନା ଗହଣା ସହିତ ନଗଦ ୩ ହଜାର ଟଙ୍କା ଚୋରି କରି ନେଇଥିବା ନେଇ ବ୍ରହ୍ମବରଦା ଥାନାରେ ଅଭିଯୋଗ ହୋଇଛି ।

# ମୁଥୁଟ୍ ଫିନକର୍ପ ନୂତନ ଶାଖା ଉଦ୍‌ଘାଟିତ



ଯାଜପୁର,୧୯।୧୧(ସମିସ): ଯାଜପୁର ସହରର ଶୀତଳେଶ୍ୱରରେ ମୁଥୁଟ୍ ଫିନକର୍ପର ଏକ ଶାଖା ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ବିଜେଡି ନେତା ଭବପ୍ରସାଦ ଦାସ, ବଳଭଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟାଳୟ ମାଧ୍ୟମରେ ଉପଭୋକ୍ତାମାନେ ସୁନା ବନ୍ଧକ, ଦୁଇଚକିଆ, ଚାରିଚକିଆ ଋଣ, ଗୃହ ଋଣ, ଆଦି ନେଇ ପାରିବେ । ଅତି କମ ସୁଧରେ ଅତି ଶୀଘ୍ର ଏହି ସୁବିଧା ଯୋଗାଇ ଦିଆଯିବ ବୋଲି ମୁଥୁଟ୍ ଫିନକର୍ପର ଏରିଆ ମ୍ୟାନେଜର ମଥୁରାନନ୍ଦ ଲେଙ୍କା ସୂଚନା ଦେଇଛନ୍ତି । ଏହି ଶାଖା ଯାଜପୁର ଜିଲ୍ଲାରେ ଦ୍ୱିତୀୟ ଶାଖାରେ ଉପଭୋକ୍ତା ମାନଙ୍କ ପାଇଁ ସବୁ ପ୍ରକାର ଋଣ ଓ ବୀମା ସେବା ଯୋଗାଇ ଦିଆଯିବ ବୋଲି ଜଣାପଡିଛି । ଗ୍ରାହକ ମାନଙ୍କ ପାଇଁ ସୁନା ଋଣରେ ସ୍ୱତନ୍ତ୍ର ରିହାତିର ବ୍ୟବସ୍ଥା ରହିଥିବା ଘୋଷଣା କରାଯାଇଥିଲା । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ଏରିଆ ମ୍ୟାନେଜର ପ୍ରଭାତ ସାହୁ, ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କାଉନସିଲର ରୁନୁ ବେହେରା, ଯୁବ ସମାଜସେବୀ ଭରତ ଚନ୍ଦ୍ର ବେହେରା, ବିଜୟ ମହାନ୍ତି, ହରିହର ମହାପାତ୍ର, ନିକୁଞ୍ଜ ସାମଲ, ଅନନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବାଂଲାଦେଶୀ ରୋହିଙ୍ଗିଆଙ୍କ କବ୍‌ଜାରେ ଦାନଗଦି ଅଞ୍ଚଳ

ଦାନଗଦି, ୧୯।୧୧ (ସମିସ):

କଳିଙ୍ଗନଗର ଶିଳ୍ପାଞ୍ଚଳରେ ରାଜ୍ୟ ବାହାରରୁ ବିବିଧ ଭାଷାଭାଷୀ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି । ତେବେ ଏମାନଙ୍କ ମଧ୍ୟରେ ସର୍ବାଧିକ ବାଂଲାଦେଶୀ ଏବଂ ରୋହିଙ୍ଗିଆ ମୁସଲିମ୍ ଲୋକ ଅଛନ୍ତି । ରୋଜଗାର କରିବା ଲକ୍ଷ୍ୟ ନେଇ ସେମାନେ ଶିଳ୍ପାଞ୍ଚଳକୁ ଆସି ଏଠାରେ କିଛି ଦିନ ରହିବା ପରେ ଆସ୍ଥାନ ଜମାଇ ସ୍ଥାୟୀ ବାସିନ୍ଦା ହୋଇଯାଉଥିବା ଅଭିଯୋଗ ହେଉଛି । ଶିଳ୍ପାଞ୍ଚଳର ଦାନଗଦି ସେମାନଙ୍କ ପାଇଁ ଅଭୟ ଗଡ଼ ପାଲଟିଛି । ଶିଳ୍ପାଞ୍ଚଳ ଏବେ ଅନୁପ୍ରବେଶ କ୍ଷେତ୍ର ପାଲଟିଥିବା ବେଳେ ଶିଳ୍ପାଞ୍ଚଳର ମୁଖଶାଳା ଦାନଗଦି ଓ ଏହାର ଚତୁର୍ପାଶ୍ୱରେ ପୂରା ଛାଇ ହୋଇଗଲେଣି ଏମାନେ । ସରକାରୀ ଜମିକୁ ବେଆଇନ ଭାବେ ଜବରଦଖଲ କରି ସେଠାରେ ଅନାୟାସରେ ଘର ତୋଳି ସ୍ଥାୟୀ ବାସିନ୍ଦାଙ୍କ ପରି ଏମାନେ ଅବାଧ ଚଳପ୍ରଚଳ କରୁଛନ୍ତି । ମାତ୍ର ନା ଏମାନଙ୍କ ଉପରେ ଅଛି ପ୍ରଶାସନିକ ଅଙ୍କୁଶ ନା ଅଛି ସରକାରୀ କଳର କୌଣସି କାର୍ଯ୍ୟାନୁଷ୍ଠାନ । ଦାନଗଦିରେ ଏକାଧିକ ଗାଁ ସ୍ଥାପନ କରି ସାରିଥିବା ବାଂଲାଦେଶୀ ଏବଂ ରୋହିଙ୍ଗିଆମାନଙ୍କୁ ସରକାରଙ୍କ ପ୍ରଦତ୍ତ ରାସନ୍ କାର୍ଡ, ଆଧାର କାର୍ଡ, ସ୍ୱାସ୍ଥ୍ୟ କାର୍ଡ, ଆବାସ ଠାରୁ ଆରମ୍ଭ କରି ସବୁ ସରକାରୀ ସୁବିଧା ସୁଯୋଗ ଖଞ୍ଜି ଦିଆଯାଇଛି । ସେମାନଙ୍କୁ ସହଜରେ ବିଦ୍ୟୁତ ସଂଯୋଗ ଓ ପାନୀୟ ଜଳ ମଧ୍ୟ ଯୋଗାଇ ଦିଆଯାଇଛି । ଏପରିକି ଅନୁପ୍ରବେଶକାରୀମାନେ ରାଜନୈତିକ ଦଳର କର୍ମୀ ଭାବେ ରାଜନେତାଙ୍କ ନିକଟତର ହୋଇଥିବା ଦେଖିବାକୁ ମିଳୁଛି । ସ୍ଥାନୀୟ ଲୋକ ମାନେ କାରଖାନାରେ ନିଯୁକ୍ତି ଓ ଠିକାଦାରୀ ସୁବିଧା ପାଉ ନଥିବା ବେଳେ ଏହି ବିଦେଶୀ ବାଂଲାଦେଶୀ ଏବଂ ରୋହିଙ୍ଗିଆମାନେ ସବୁ ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି । ଶିଳ୍ପାଞ୍ଚଳର ଦାନଗଦି ଓ ଶିଙ୍ଗାଡ଼ିଆ ଛକରେ ସେମାନଙ୍କର ସ୍ୱତନ୍ତ୍ର ବ୍ୟବସାୟିକ ସାମ୍ରାଜ୍ୟ ମଧ୍ୟ ରହିଛି । ଏଠାରେ ସେମାନଙ୍କ ଉପଦ୍ରବ ଏମିତି ଯେ ସ୍ଥାନୀୟ ଓଡିଆ ଲୋକେଟିଏ ଏଠାରେ କଥା ପଦେ କହିବାକୁ ଡରନ୍ତି । ପ୍ରତି ସନ୍ଧ୍ୟାରେ ଅନ୍ୟୁନ ୧୦ ହଜାର ଲୋକଙ୍କ ସମାଗମ ଏଠାରେ ଦେଖିବାକୁ ମିଳୁଛି । ଡିଜିଟାଲ ଗ୍ରୁପ ମାଧ୍ୟମରେ ସଦାସର୍ବଦା ଏମାନେ ଏକାଠି ହୋଇ କଥା କଥା କେ ସେମାନଙ୍କ ବଳ ଦେଖାଇବାକୁ ପଛାଉନାହାଁନ୍ତି । ଏମାନଙ୍କ ସଂଖ୍ୟା ଦିନକୁ ଦିନ ପଙ୍ଗପାଳ ଦଳ ପରି ବଢି ଚାଲିଲାଣି । ଯାହାକି ବଗ ବେକ ବଢିଲେ ମୀନକୁ ବିପଦ ପରି ଏଠାକାର ସ୍ଥାନୀୟ ବାସିନ୍ଦାଙ୍କ ପ୍ରତି ବିପଦ ସୃଷ୍ଟି କରିଛି ।

ଦାନଗଦି ତହସିଲ ଅଞ୍ଚଳରେ ବହୁ ଏକର ମୂଲ୍ୟବାନ ସରକାରୀ ଜମିକୁ ଦଖଲ ରେ ରଖିଥିବା ବାଂଲାଦେଶୀ ଏବଂ ରୋହିଙ୍ଗିଆ ମାନେ ଉକ୍ତ ଜମିକୁ ଅନ୍ୟମାନଙ୍କୁ ଗୁଣ୍ଠ ପ୍ରତି ଲକ୍ଷାଧିକ ଟଙ୍କାରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି । ଶିଳ୍ପାଞ୍ଚଳର ପାଶ୍ୱର୍ବର୍ତ୍ତୀ ଗାଁ ଗୁଡିକରେ ଅନୁପ୍ରବେଶକାରୀ ମାନଙ୍କ ସଂଖ୍ୟା ଏତେ ବେଶୀ ବଢ଼ି ଗଲାଣି ଯେ ସେମାନେ ଚାହିଁଲେ ଯେ କୌଣସି ସମୟରେ ମୂଳ ନିବାସୀଙ୍କ ଉପରେ ଭାରୀ ପଡିବେ ।

ଗତ ୮/୧୦ ବର୍ଷ ପୂର୍ବରୁ ତତ୍କାଳୀନ ଦାନଗଦି ତହସିଲଦାର ସୁବାସ ଚନ୍ଦ୍ର ନାଥଶର୍ମା ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଇଥିଲେ । ମାତ୍ର ଏହି ମ୍ୟାପିଂ ଶେଷ ନ ହେଉଣୁ ତାଙ୍କର ଅନ୍ୟତ୍ର ବଦଳି ହୋଇଥିଲା । ଏହାପରେ ବାଂଲାଦେଶୀ ଏବଂ ରୋହିଙ୍ଗିଆ ଗଣନା କାର୍ଯ୍ୟକ୍ରମ ନାଲି ଫିତା ଫାଇଲ ତଳେ ଚାପି ହୋଇ ରହିଗଲା । ରାଜ୍ୟରେ ସରକାର ବଦଳିବା ପରେ ପରେ ବିଭିନ୍ନ ସ୍ଥାନରେ ଅନୁପ୍ରବେଶ ଉଚ୍ଛେଦ କାର୍ଯ୍ୟକ୍ରମ ଚାଲିଥିବା ବେଳେ ବିଦେଶୀ ଦମନ ନୀତି ଏଠାରେ କାର୍ଯ୍ୟକାରୀ ନହେବା ପଛରେ କି ରହସ୍ୟ ରହିଛି ବୁଝା ପଡୁନି । ପରିସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ଜିଲା ପ୍ରଶାସନ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତର ସହିତ ଗ୍ରହଣ କରିବାକୁ ଦାବି ହେଉଛି ।

## ୧୫ ବାଂଲାଦେଶୀ ଥାନାରେ ଅଟକ



ଦାନଗଦି, ୧୯।୧୧(ସମିସ): ଆଜି ଯାଜପୁର ଏସପିଙ୍କ ନିର୍ଦ୍ଦେଶ କ୍ରମେ କଳିଙ୍ଗନଗର ଆଇଆଇସି ପ୍ରକାଶ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ କଳିଙ୍ଗନଗର ଥାନା ଇଲାକାର ଡୁବୁରୀ, ନଡ଼ିଆଭଙ୍ଗା, ବାରଗାଡ଼ିଆ, ଗୋବରଘାଟି ଆଦି ଅଞ୍ଚଳରୁ ବାଙ୍ଗଲାଦେଶୀ ସନ୍ଦେହରେ ୧୫ ଜଣଙ୍କୁ ଠାବ କରି ଥାନାରେ ଅଟକ ରଖିଛି ।

ପୁଲିସର ଯାଞ୍ଚ ପକ୍ରିୟା ପରେ ଯେଉଁମାନେ ବାଙ୍ଗଲାଦେଶୀ ପ୍ରମାଣିତ ହେବେ ସେମାନଙ୍କୁ ବାଂଲାଦେଶ ଫେରିଯିବାକୁ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ସାହୁ କହିଛନ୍ତି । ସନ୍ଦିଗ୍ଧ ବାଂଲାଦେଶୀଙ୍କ ବେଆଇନ କାର୍ଯ୍ୟକଳାପରେ ସଂପୃକ୍ତି କିଛି ନୂଆ କଥା ନୁହେଁ । ବିନା ପାସପୋର୍ଟରେ ଦେଶର ବିଭିନ୍ନ ରାଜ୍ୟରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ସରକାରଙ୍କ ନଜରକୁ ଆସିଥିଲା । ଯାହାଫଳରେ ସାରା ରାଜ୍ୟରେ ଅନୁପ୍ରବେଶକାରୀଙ୍କୁ ଠାବ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶିଳ୍ପାଞ୍ଚଳରେ ଏହାର ସଂଖ୍ୟା ହଜାର ହଜାର ଟପିଛି । କିନ୍ତୁ କାର୍ଯ୍ୟାନୁଷ୍ଠାନ ନାହିଁ ।

**ଛାତ୍ରୀଙ୍କୁ ଅସଦାଚରଣ**

# ବାଳିକା ବିଦ୍ୟାଳୟରେ ଉତ୍ତେଜନା

ସୁକିନ୍ଦା,୧୯।୧୧(ସମିସ): ସୁକିନ୍ଦା ସଦର ମହକୁମା ସ୍ଥିତ ଖଣ୍ଡୁରାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କିଛି ଶିକ୍ଷକ ଛାତ୍ରୀମାନଙ୍କୁ ଅସଦାଚରଣ କରିଥିବା ଘଟଣାକୁ ନେଇ ବିଦ୍ୟାଳୟରେ ଉତ୍ତେଜନା ସୃଷ୍ଟି ହୋଇଛି । ବାଳିକା ଉଚ୍ଚ ବିଦ୍ୟାଳୟରେ ୮ଜଣ ଶିକ୍ଷକ ଓ ୩ଜଣ ଶିକ୍ଷୟତ୍ରୀ କାର୍ଯ୍ୟରତ ଅଛନ୍ତି । ଜଣେ ଶିକ୍ଷକ ଗତ ମଙ୍ଗଳବାର ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଛାତ୍ରୀ ବିଦ୍ୟାଳୟରୁ ଫେରି ଅଭିଭାବକଙ୍କ ନିକଟରେ ଜଣାଇଥିଲେ । ଘଟଣାକୁ ନେଇ ବୁଧବାର ବିଦ୍ୟାଳୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ବିଦ୍ୟାଳୟର ସମସ୍ତ ଛାତ୍ରୀ ଶ୍ରେଣୀ ଛାଡ଼ି ହୋହାଲା କରୁଥିବା ଦେଖିବାକୁ ମିଳିଥିଲା । ଖବର ପାଇ ଅନେକ ଅଭିଭାବକ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାସୁଝା କରିବା ସହ ବ୍ଲକ ଶିକ୍ଷାଧିକାରୀ ଓ ପୁଲିସକୁ ସୂଚନା ଦେଇଥିଲେ । ସୂଚନା ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଛାତ୍ରୀମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିବା ସହ ସଂପୃକ୍ତ ଶିକ୍ଷକଙ୍କୁ ଥାନାକୁ ନେଇ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଦୀର୍ଘ ସମୟ ଧରି ଉତ୍ତେଜନା ଲାଗି ରହିଥିଲା । କିଛି ସମୟ ପରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ପ୍ରଧାନ, ପ୍ରେମାଞ୍ଜଳୀ ନାୟକ, ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ, ପରିଚାଳନା କମିଟି ସଭାପତି,ସମ୍ପାଦକ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ନେଇ ବିଦ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଘଟଣା ସମ୍ପର୍କରେ ଆଲୋଚନା ପରେ ବ୍ଲକ ଶିକ୍ଷାଧିକାରୀଙ୍କ ପରାମର୍ଶରେ ଘଟଣାର ସବିଶେଷ ତଥ୍ୟ ଜାଣିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ବ୍ଲକ ଶିକ୍ଷା ବିଭାଗର ଆଭ୍ୟନ୍ତରୀଣ ଅଭିଯୋଗ କମିଟିକୁ ଦାୟିତ୍ୱ ଦିଆଯାଇଛି । ଆସନ୍ତାକାଲି ଉଭୟ କମିଟି ବିଦ୍ୟାଳୟର ଛାତ୍ରୀ, ଅଭିଭାବକ ଓ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଭେଟି ସେମାନଙ୍କ ରିପୋର୍ଟ ଦେବା ପରେ ଜିଲ୍ଲା ଶିକ୍ଷାଧିକାରୀ ପରାମର୍ଶ କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାସ ସୂଚନା ଦେଇଛନ୍ତି । ଆସନ୍ତାକାଲି ଦଶମ ଶ୍ରେଣୀକୁ ଛୁଟି ଘୋଷଣା କରିବା ସହ ଅଭିଯୋଗ ହୋଇଥିବା ଶିକ୍ଷକମାନଙ୍କୁ କ୍ଲାସ ନ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି ।

# ଫଳ କିଣୁକିଣୁ ଟଳି ପଡ଼ିଲେ ବୃଦ୍ଧ

ବାଲିଚନ୍ଦ୍ରପୁର,୧୯।୧୧(ସମିସ): ବାଲିଚନ୍ଦ୍ରପୁର ବଜାରରେ ଏକ ଫଳ ଦୋକାନରୁ ଫଳ କିଣି ଖାଇବା ସମୟରେ ହୃଦ୍‌ଘାତ ଘଟିବାରୁ ସେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଯେ ବାଲିଚନ୍ଦ୍ରପୁର ଥାନା ନଳୀପୁର ପଞ୍ଚାୟତ ଅହେମଦନଗର ମୁସଲିମ୍ ସାହିର ଜମିରୁଦ୍ଦିନ୍ ଖାଁ (୭୦) ଆଜି ମଧ୍ୟାହ୍ନ ସମୟରେ ଘରକୁ ଫଳ ନେବା ପାଇଁ ବାଲିଚନ୍ଦ୍ରପୁର ବଜାର ଆସି ଫଳ ଦୋକାନରୁ ଫଳ କିଣି ଫଳ ଖାଇବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରି ହଠାତ୍ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ନିକଟସ୍ଥ ନଡ଼ିଆସାହାସପୁର ଡାକ୍ତରଖାନାକୁ ନେଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ଜ୍ଞାତିକୁଟୁମ୍ବ ଡ଼ାକ୍ତରଖାନାରେ ପହଞ୍ଚି ତାଙ୍କୁ ନିଜ ଘରକୁ ନେବା ପରେ ମୁସଲିମ୍ ରିତିନୀତି ଅନୁସାରେ ତାଙ୍କର କବର ସ୍ଥାନରେ ତାଙ୍କୁ କବର ଦିଆଯାଇଛି ।

# ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଧର୍ମଶାଳା,୧୯।୧୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ପରିସରରେ ଦଶମ ଦୃଷ୍ଟିବାଧିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଟ୍ରଫି ଆଜି ଉଦ୍‌ଘାଟିତ ହୋଇଯାଇଛି । ଯାଜପୁର ଲୋକସଭା ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଟ୍ରଫି ଉଦ୍‌ଘାଟନ କରିଥିଲେ । ଜିଲ୍ଲା କ୍ରିକେଟ ଟିମ୍‌ର ସଭାପତି ବାସୁବନ୍ଧୁ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ମିନତୀ ସାହୁ, ଶିଶୁ ଓ ମହିଳା ବିକାଶ ସମାଜର ଅଧ୍ୟକ୍ଷା ଡ.କଳ୍ପନା ଦାସ, ମନସ୍ୱିତା ଜେନା, ମନସୁରୀ ମଧୁସ୍ମିତା ପ୍ରମୁଖ ଯେଗଦେଇଥିଲେ । ରାଜ୍ୟ ଦୃଷ୍ଟିବାଧିତ ବିଭାଗ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା କ୍ରୀଡ଼ା ଓ ଯୁବ ପରିବେଶ ବିଭାଗ ଓ ଅଂଶୁମାନ ମେମୋରିଅଲ ଟ୍ରଷ୍ଟ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟରେ କୋରାପୁଟ, ସମ୍ବଲପୁର, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ବାଲେଶ୍ୱର, ବରଗଡ, ଭଦ୍ରକ, କଟକ, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର ଆଦି ବିଭିନ୍ନ ଜିଲ୍ଲାରୁ ୧୬ ଗୋଟି ଦଳ ଅଂଶଗ୍ରହଣ କରିଛନ୍ତି । ଆସନ୍ତାକାଲିଠାରୁ ୪ ଦିନ ବ୍ୟାପୀ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଅସନ୍ତା ୨୩ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା କ୍ରୀଡ଼ାବିତମାନଙ୍କ ମଧ୍ୟରୁ ରାଜ୍ୟ ସ୍ତରୀୟ ଟିମ ପାଇଁ ଖେଳାଳି ଚୟନ କରାଯିବ । ଚୟନ ହୋଇଥିବା ଖେଳାଳିମାନେ ଆସନ୍ତା ୧ ତାରିଖରେ ରାଜସ୍ଥାନର ଜବଲପୁରରେ ହେବାକୁ ଥିବା ରାଜ୍ୟସ୍ତରୀୟ ନାଗେଶ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ଆସୋସିଏସନର ସଭାପତି ମହମ୍ମଦ ଜାଫର ଏକବାଲ ସୂଚନା ଦେଇଛନ୍ତି ।

# ପିଏମ୍ କିଷାନର ଜିଲ୍ଲାସ୍ତରୀୟ ସମାରୋହ

ଯାଜପୁର,୧୯।୧୧(ସମିସ): ତାମିଲନାଡୁର କୋଏମ୍ବାଟୁରରୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପି.ଏମ କିଷାନର ୨୧ତମ କିସ୍ତି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଜି ଯାଜପୁରରେ ଜିଲ୍ଲାସ୍ତରୀୟ ସମାନ୍ତରାଳ ପିଏମ୍ କିଷାନ ଉତ୍ସବ ଆୟୋଜିତ ହୋଇଛି । ଉକ୍ତ ସମାରୋହ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତପନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଯାଜପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି । ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଏଥିରେ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ । ଯାଜପୁର ଜିଲ୍ଲାର ମୋଟ ୧ ଲକ୍ଷ ୬୦ ହଜାର ୩୯୦ ଜଣ କୃଷକ ଏହି ୨୧ତମ କିସ୍ତିରେ ସହାୟତା ପ୍ରାପ୍ତ କରିଛନ୍ତି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତପନ କୁମାର ମହାପାତ୍ର ତଥା କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁରଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା । ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଅଧିକାରୀ ଏହି କାର୍ଯ୍ୟକ୍ରମ ସିଧା ପ୍ରସାରଣର ଆୟୋଜନରେ ସହାୟତା କରିଥଲେ । ଉକ୍ତ ସଭାରେ ମାନ୍ୟବର ସାଂସଦଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ବିଶ୍ୱାଳ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ରମାକାନ୍ତ ପରିଡ଼ା, କୃଷି ଜିଲ୍ଲା ଅଧିକାରୀ ପୀୟୁଷ ପଲ୍ଲଭ ପରିଡ଼ା, ସବ୍‌ଡିଭିଜନଆଲ ପ୍ରାଣୀ ସମ୍ପଦ ଅଧିକାରୀ ଡା. ସୁଶାନ୍ତ କୁମାର ବେହେରା, ଅତିରିକ୍ତ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡା. ରଞ୍ଜିତ କୁମାର ସାହୁ, ବରିଷ୍ଠ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡା. ସୁନିଲ କୁମାର ମହପାତ୍ର, ସମସ୍ତ ବ୍ଲକ୍‌ସ୍ତରୀୟ ଓ ଜିଲ୍ଲାସ୍ତରୀୟ କୃଷି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।



**ଟଙ୍କା ନେଣଦେଣକୁ କେନ୍ଦ୍ର କରି ହତ୍ୟାକାଣ୍ଡ**

# ପଚାଶ ହଜାର ପାଇଁ ଯୁବକଙ୍କୁ ପିଟିପିଟି ହତ୍ୟା

ଯଖପୁରା,୧୯।୧୧(ସମିସ):

ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତରେ ଟଙ୍କା ନେଣଦେଣକୁ କେନ୍ଦ୍ର କରି ଏକ ହତ୍ୟାକାଣ୍ଡ ଘଟିଛି । ପଙ୍କପାଳ ଗ୍ରାମର ଆକାର ଦଳାଇ (୩୭)ଙ୍କୁ ଧର୍ମଶାଳା ବ୍ଲକ୍ କଣ୍ଟାପାଟଣା ଗ୍ରାମର ହରି ସେଠୀଙ୍କ ପୁଅ ଅଟଳ ସେଠୀ(୩୨) ଏକ ବାଉଁଶରେ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । ସୂଚନା ମୁତାବକ ହତ୍ୟାକାରୀ ଅଟଳ ପଙ୍କପାଳର ନିଜ ଭଉଣୀ ଘରେ ରହୁଥିବା ବେଳେ ଆକାର ସହିତ ପରିଚୟ ହୋଇଥିଲା । ଅଟଳ ଭଉଣୀ ଘରେ ରହି ସେ ରାଜମିସ୍ତ୍ରି କାମ କରିବା ସହିତ ଛୋଟ ମୋଟ ଠିକାଦାର କାର୍ଯ୍ୟ କରନ୍ତି । ଅଟଳ ସେଠୀ କିଛି ଦିନ ପୂର୍ବରୁ ମୃତ ଆକାର ଦଳାଇ ମା' ଠାରୁ ୫୦ ହଜାର ଟଙ୍କା ଉଧାର ନେଇଥିଲା । ମୃତ ଆକାର ଦଳାଇ ଟଙ୍କା ଫେରାଇବାକୁ ଅଟଳକୁ ବାରମ୍ବାର କହୁଥିଲା । ମାତ୍ର ଅଟଳ ଟଙ୍କା ଫେରାଉ ନଥିଲା । ବରଂ ସେ ଟଙ୍କା ଫେରାଇ ଦେଇଛି ବୋଲି ଓଲଟି କହୁଥିଲା । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା । ଟଙ୍କା ଫେରସ୍ତକୁ ନେଇ ମୃତ ଆକାର ଓ ଅଟଳ ମଧ୍ୟରେ ପାଟି ତୁଣ୍ଡ ଲାଗି ରହୁଥିଲା । ଗତକାଲି ଦିନ ୧୧ଟା ସମୟରେ ମୃତ ଆକାର ଦଳାଇ ପୁଣି ଅଟଳ ସେଠୀଙ୍କୁ ତାଙ୍କ ଘର ନିକଟରେ ଉଧାର ଟଙ୍କା ମାଗିଥିଲା । ନିଜ ଘର ଓ ପରିବାରକୁ ଛାଡ଼ି ମୋ ଭଉଣୀ ଘରେ କାହିଁକି ରହୁଛି ବୋଲି କହୁଥିଲା । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏମିତିକି କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା । ଉଭୟଙ୍କ ଘର ଗୋଟିଏ ଜାଗାରେ ଥିବାରୁ ଉଭୟଙ୍କ ମଧ୍ୟରେ ମାଡପିଟ୍ ହୋଇଥିଲା । ମାଡ ପିଟରେ ଅଟଳ ରାଗରେ ଗର ଗର ହୋଇ ନିକଟରେ ପଡ଼ିଥିବା ଏକ ବାଉଁଶ ସାହାଯ୍ୟରେ ଆକାରର ମୁଣ୍ଡକୁ ପିଟି ଦେଇଥିଲା । ଏଥିରେ ଆକାର ଘଟଣାସ୍ଥଳରେ ଟଳି ପଡ଼ିଥିଲା । ଏହାର ସୁଯୋଗ ନେଇ ଅଟଳ ନିଜ ମୋଟର ସାଇକଲରେ ଘଟଣା ସ୍ଥଳରୁ ଛୁ' ମାରିଥିଲା । ଅଟଳ ବାଉଁଶ ମାଡ଼ରେ ଗୁରୁତର ହୋଇଥିବା ଆକାରକୁ ପ୍ରଥମେ ଦାନଗଦି ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ତାର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ମାତ୍ର ଆଜି ଭୋରୁଭୋରୁ ଆକାର ଚିକିତ୍ସିତ ଅବସ୍ଥାରେ କଟକ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିବାର ଜଣାପଡିଛି । ଘଟଣା ସମ୍ପର୍କରେ ଖବର ପାଇ ଯଖପୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି । କେସ ନମ୍ବର ୧୭୧/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି । ତା' ସହିତ ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଅନୁସନ୍ଧାନ କରିଛନ୍ତି ।

# ତୃତୀୟ ଥର ମେଡିକାଲ ବୋର୍ଡରେ ହାଜର ହେଲେନି ଦୁଇ ଫାର୍ମାଷିଷ୍ଟ

ଯାଜପୁର,୧୯।୧୧(ସମିସ): ଯାଜପୁର ଜିଲ୍ଲାରେ ନକଲି ଭିନ୍ନକ୍ଷମ ପ୍ରମାଣ ପତ୍ର ଦେଇ ଦୁଇ ଜଣ ଫାର୍ମାସିଷ୍ଟ ଚାକିରି କରିଥିବା ବ୍ୟକ୍ତିଙ୍କ ପ୍ରତି ବିପଦ ବଢ଼ିବାରେ ଲାଗିଛି । ନିଯୁକ୍ତି ସମୟରେ ଗୋଟିଏ ପଦରେ ବେଆଇନ ଭାବେ ଦୁଇ ଜଣଙ୍କୁ ନିଯୁକ୍ତି ମିଳିବା ଏବଂ ଉଭୟ ନକଲି ଭିନ୍ନକ୍ଷମ ପ୍ରମାଣ ପତ୍ର ଚାକିରି କରିଥିବା ନେଇ ଅଭିଯୋଗ ପରେ ଏହାର ତଦନ୍ତ ଆରମ୍ଭ ହୋଇଛି । କିନ୍ତୁ ଏହି ତଦନ୍ତରେ ଉଭୟ ଫାର୍ମାସିଷ୍ଟ ସହଯୋଗ ନ କରିବା ସେମାନଙ୍କ ପାଇଁ କାଳ ହେବ ବୋଲି ଚର୍ଚ୍ଚା ହେଉଛି । ବାରମ୍ବାର ନିଜର ଭିନ୍ନକ୍ଷମତା ପ୍ରମାଣ ଦେବା ପାଇଁ ଚିଠି କରାଯାଉଥିଲେ ମଧ୍ୟ ଉଭୟ ମେଡିକାଲ ବୋର୍ଡରେ ହାଜର ହେଉନାହାଁନ୍ତି ।

ସୂଚନା ମୁତାବକ ଅମ୍ଲାନ କୁମାର ପାଣି ଏବଂ ପରେଶ କୁମାର ମଲ୍ଲିକ ଉଭୟ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଫାର୍ମାସିଷ୍ଟ ଚାକିରି କରିଥିଲେ । ଉଭୟଙ୍କ ପ୍ରମାଣପତ୍ର ନକଲି ବୋଲି ଦର୍ଶାଇ ବରୀ ଏରବାଙ୍କ ଗାଁର ତ୍ରିଲୋଚନ ପଲେଇ ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରିଥିଲେ । ସ୍ୱାସ୍ଥ୍ୟ ବିଭାଗ ଅଭିଯୋଗ ପାଇବା ପରେ ସେମାନଙ୍କ ଭିନ୍ନକ୍ଷମତାର ଯାଞ୍ଚ କରିବା ପାଇଁ କଟକ ଏସସିବିର ରାଜ୍ୟ ବୋର୍ଡକୁ ଅନୁରୋଧ କରିଥିଲା । ସେହି ଅନୁଯାୟୀ ରାଜ୍ୟ ବୋର୍ଡ ଉଭୟ ଫାର୍ମାସିଷ୍ଟଙ୍କୁ ଦୁଇ ଦୁଇ ଥର ନୋଟିସ କରି ନିଜର ଭିନ୍ନକ୍ଷମତାର ପ୍ରମାଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କେହି ହାଜର ହୋଇନଥିଲେ । ଏହା ପରେ ଯାଜପୁର ସିଡିଏମ୍‌ଓ ଉଭୟଙ୍କୁ କୈଫିୟତ ତଲବ କରିବା ସହିତ ତୃତୀୟ ତାରଖରେ ହାଜର ପାଇଁ ତାଗିଦ ମଧ୍ୟ କରିଥିଲେ । ସେହି ଅନୁଯାୟୀ ପରେଶ ମଲ୍ଲିକ ଗତ କାଲି ହାଜର ହେବା ପାଇଁ ଦିନଧାର୍ଯ୍ୟ ହୋଇ ନୋଟିସ୍ ଦିଆଯାଇଥିଲା ଏବଂ ଅମ୍ଲାନ ପାଣି ଆଜି ହାଜର ହେବା ପାଇଁ ନୋଟିସ ଦିଆଯାଇଥିଲା । କିନ୍ତୁ ଉଭୟ ତୃତୀୟ ଥର ମଧ୍ୟ ହାଜର ହୋଇନଥିବା ଜଣାପଡିଛି ।

# ସମ୍ପାଦକୀୟ



ଯେଉଁଠାରେ ବିଜୟର ପଥ ସଂଘର୍ଷପୂର୍ଣ୍ଣ ସେଠାରେ ଜିତିବାର ଆନନ୍ଦ ଅଧିକ ।
-ପେଲେ

ସକାଳ
THE SAKALA

## ପାଗ ପ୍ରତିକୂଳ

ଏବର୍ଷର ବିଳମ୍ବିତ ମୌସୁମୀ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବର୍ଷି ଚାଲିବାରୁ ଅନେକ ଆଶା କରିଥିଲେ ବେଶ ଶୀତ ଅନୁଭୂତ ହେବ । ତାହା ହିଁ ଏବେ ପରିଲକ୍ଷିତ ହୋଇଛି । ତେବେ ଏହି ବର୍ଷା ଓ ଶୀତ ମଧ୍ୟରେ ଏକ ସ୍ୱତନ୍ତ୍ର ଅନୁଭୂତି ହେଉଛି ବଜାରରେ ଶୀତଦିନିଆ ପରିବା ଉଭାନ ହୋଇଯାଇଛି । ଚାହିଦା ଅନୁଯାୟୀ ଯୋଗାଣ ହ୍ରାସ ପାଇଥିବାରୁ ପରିବା ମୂଲ୍ୟ ଆକାଶଛୁଆଁ ହୋଇଯାଉଛି । ଅଥଚ ଆମ ପରିସଂଖ୍ୟାନ କହୁଛି ଖୁଚୁରା ମୁଦ୍ରାସ୍ଫୀତି ହାର ବିଯୁକ୍ତରେ ଚାଲିଛି । ଏହା ଗତବର୍ଷର ଅକ୍ଟୋବର ସହ ତୁଳନାତ୍ମକ ବିଚାର । ଗତବର୍ଷ ତୁଳନାରେ ଆମ ଗ୍ରାମାଞ୍ଚଳର ମୁଦ୍ରାସ୍ଫୀତି ହାର ବିଯୁକ୍ତ ୧.୮୫ ପ୍ରତିଶତ । ସମଗ୍ର ଦେଶରେ ଓଡ଼ିଶାର ହାର ସର୍ବନିମ୍ନ । ସିଧାସଳଖ କହିଲେ ଏହା ଦରଦାମର ସ୍ଥିତିକୁ ସୂଚିତ କରୁଛି । ରାଜ୍ୟସ୍ତରରେ ଏହି ହାର ରହିଛି ବିଯୁକ୍ତ ୧.୩୯ ପ୍ରତିଶତ । ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ଏହି ହିସାବକୁ ଚ୍ୟାଲେଞ୍ଜ କରିବ କିଏ? ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ସ୍ଥିତି ପୂରା ଓଲଟପାଲଟ ହୋଇଯାଇଛି ।

ଆମେ ଏଠାରେ ପାଠକୀୟ ଅନୁଭବ କଥା କହୁଛୁ । ପ୍ରାୟ ପ୍ରତ୍ୟେକ ପରିବାର ନିଜର ତେଲ ଲୁଣ ସଂସାର ପାଇଁ ବଜାର କରୁଥିବେ । ତେଲ, ଡାଲି ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ମୂଲ୍ୟ କେତେ କମିଛି ନା ବଢ଼ିଛି ତାହା ସେମାନେ ଅନୁଭବ କରୁଥିବେ । ପରିବା କଥା ନ କହିବା ଭଲ । ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବର୍ଷା ଲାଗି ରହିବାରୁ ଜମି ପାଗ ଦେଲାନି । ତେଣୁ ବିଳମ୍ବରେ ଆରମ୍ଭ ହୋଇଥିବା ପରିବା ଚାଷର ସୁଫଳ ପାଇବାକୁ ଆହୁରି ଅନ୍ୟୂନ ମାସେ ଅପେକ୍ଷା କରିବାକୁ ପଡ଼ିବ । ଶୀତଦିନିଆ ପରିବା ବଜାର ଏକପ୍ରକାର ଶ୍ରୀହୀନ ହୋଇପଡ଼ିଛି । ଶୀତ ଦିନରେ ବିଲାତି କିଲୋ ଯଦି ୮୦ ଟଙ୍କା ହୁଏ ଅନ୍ୟ ପରିବା କଥା ନ କହିବା ଭଲ । ରାଜ୍ୟରୁ ମୌସୁମୀ ବିଦାୟ ନେବା ପୂର୍ବରୁ ଲଘୁଧାନକୁ ଉଜାଡ଼ି ଦେଇଥିବା ବେଳେ ବଡ଼ ଧାନ ରୋଗପୋକର ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଛି । ଇଏ ହେଲା, ଠିକେ ଠିକେ ଚାଷ ଖବର । ଏଭଳି ପରିସ୍ଥିତିରେ ଖାଉଟି ପାଇଁ ଏମିତି କେଉଁ ସୁବିଧା ସୁଯୋଗ ମିଳିଗଲା ଯେ ସେ ହାତ ଚାଟି ଖାଇବ? ତେଣୁ ପରିସଂଖ୍ୟାନରେ ଏହି ଯାଦୁକାରୀ କେବଳ ଧର୍ମକୁ ଆଖିଠାର ।

ଏ କଥା ସତ ଯେ ରାଜ୍ୟକୁ ଆସୁଥିବା ଥଣ୍ଡା ପବନ ଓ ଶୁଷ୍କ ବାୟୁର ପ୍ରଭାବରେ ତାପମାତ୍ରା ତଳମୁହାଁ ହୋଇଚାଲିଛି । କେବଳ ରାଜଧାନୀର ୨୫ ବର୍ଷର ରେକର୍ଡ ଭାଙ୍ଗିବା ବଡ଼କଥା ନୁହେଁ । ନଭେମ୍ବର ମଧ୍ୟଭାଗରେ ତାପମାତ୍ରା ଉତ୍ତର, ଦକ୍ଷିଣ, ପଶ୍ଚିମ ଓ କେନ୍ଦ୍ରାଞ୍ଚଳରେ ବେଶ ଭଲ ଶୀତ ଅନୁଭୂତ ହେଉଛି । ରାଜ୍ୟର ୬ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ କିମ୍ବା ତା'ଠାରୁ କମ୍ ରହିଛି । ଏବର୍ଷ ଜି. ଉଦୟଗିରିରେ ସବୁଠାରୁ କମ (୫.୪ଡିଗ୍ରୀ) ତାପମାତ୍ରା ରହିଥିବାର ରେକର୍ଡ କରାଯାଇଛି । ହଠାତ୍ ଶୀତର ପ୍ରକୋପ ବଢ଼ିଯିବାରୁ ସ୍ୱାଭାବିକ ଭାବେ ଥଣ୍ଡା, ସର୍ଦ୍ଦି ଓ ଗଳାରୋଗ ମଧ୍ୟ ବଢ଼ିଛି । ଆମେ ଏଠାରେ ଯେଉଁ ସମସ୍ୟା ଓ ପରିସ୍ଥିତି ସଂପର୍କରେ ଉଲ୍ଲେଖ କରିଛୁ ତାହା ପରିବେଶ ଗତ ସନ୍ତୁଳନ ବିଗିଡ଼ି ଯାଉଥିବାରୁ ପରିଲକ୍ଷିତ ହେଉଛି । ତେଣୁ ବ୍ୟବସ୍ଥାକୁ ପରିବେଶ ଅନୁକୂଳ କରିବା ପ୍ରତି ସବୁସ୍ତରକୁ ଧ୍ୟାନ ଦିଆଯିବା ଉଚିତ ।

## କୃଷି ଉତ୍ପାଦ ଶୁଳ୍କ ହ୍ରାସ

ରୁଷ ତେଲକୁ ନେଇ ଉତ୍ପନ୍ନ ସମସ୍ୟାର ସମାଧାନ ହୋଇଥିବାରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ପ୍ରତି ଆଭିମୁଖ୍ୟ ନରମ ହୋଇଛି । ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଖୁବ୍ ଶୀଘ୍ର ଘୋଷଣା କରାଯିବା ଏକପ୍ରକାର ସ୍ପଷ୍ଟ ହୋଇଛି । ତେବେ ଶେଷ ମୁହୂର୍ତ୍ତରେ କିଛି କେଁ ପଶିବା ବିଚିତ୍ର ନୁହେଁ । ଏକଥା ସତ୍ୟ ଯେ ବିଭିନ୍ନ ଦେଶ ଉପରେ ଶୁଳ୍କ ଲଗାଇବା ପରେ ଆମେରିକାକୁ ଯୋଗାଣ ବାଧାପ୍ରାପ୍ତ ହୋଇଛି । ଦେଶର ଦରଦାମ ପରିସ୍ଥିତି ନିୟନ୍ତ୍ରଣର ସୀମା ଟପି ଥିବାରୁ ନିଜେ ଟ୍ରମ୍ପ ମଧ୍ୟ ଚାପର ସମ୍ମୁଖୀନ ହୋଇଛନ୍ତି । ସର୍ବଶେଷ ଖବରରୁ ପ୍ରକାଶ ଯେ ୨୫୪ ଟି ସାମଗ୍ରୀ ଉପରୁ ସେ ଶୁଳ୍କ ହାର କମାଇଛନ୍ତି । ୨୨୯ ଟି କୃଷି ସାମଗ୍ରୀ ଏହାର ଅନ୍ତର୍ଭୁକ୍ତ । ଭାରତ ୨୦୨୪ ରେ ୫.୭ ବିଲିୟନ ଡଲାର ମୂଲ୍ୟର କୃଷି ସାମଗ୍ରୀ ରପ୍ତାନି କରିଥିଲା । ନିକଟରେ ଶୁଳ୍କ ଛାଡ଼ ବର୍ଗରେ ଥିବା କୃଷି ସାମଗ୍ରୀ ରପ୍ତାନି ପରିମାଣ ଥିଲା ୧ ବିଲିୟନ ଡଲାର । ଏଭଳି ଏକ ନିଷ୍ପତ୍ତି ବିନିମୟରେ ଆମେରିକାରୁ ଭାରତ ସୋୟାବିନ, ମକା ଓ ଦୁଗ୍ଧ ଗୁଣ୍ଡ ଆମଦାନୀ କରିବ । ପେଟ୍ରୋଲରେ ଇଥାନଲ ମିଶ୍ରଣର ଅନୁପାତ ବୃଦ୍ଧି ପାଇଥିବାରୁ ତାହାର ଚାହିଦା ବୃଦ୍ଧିପାଇଛି । ଆମେରିକାରୁ ଆମଦାନୀ ହେବାକୁ ଥିବା ମକା ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହାର କରିବାକୁ ଭାରତ ଯୋଜନା ସ୍ଥିର କରିଛି ।

ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏହି ଶୁଳ୍କ ସଂଶୋଧନ ତାଲିକା ଗତ ୧୪ ତାରିଖରେ ଜାରି କରଯାଇଛି । ନଭେମ୍ବର ୧୩ ତାରିଖରୁ ଏହାକୁ ମଧ୍ୟ କାର୍ଯ୍ୟକାରୀ କରାଯାଇଛି । ଚା', କଫି, ମସଲା ସହ ଫଳ, କାଜୁ ଓ କୋକୋଆ ପ୍ରସ୍ତୁତ ସାମଗ୍ରୀ ରପ୍ତାନି କରିବା ସକାଶେ କ୍ଷେତ୍ର ପ୍ରସ୍ତୁତ ହୋଇଛି । ଏହା ଫଳରେ ଭାରତୀୟ କୃଷି ଉତ୍ପାଦ ରପ୍ତାନିକାରୀ ଆମେରିକା ବଜାରରେ ପ୍ରତିଯୋଗୀକ୍ଷମ ହୋଇପାରିବେ । ଶ୍ରମଭିତ୍ତିକ କୃଷି କ୍ଷେତ୍ର ପାଇଁ ଏହି ନିଷ୍ପତ୍ତି ଆଶ୍ୱସ୍ତି ଆଣିଦେଇଛି । ବାଣିଜ୍ୟ ମନ୍ତ୍ରୀ ଆଲୋଚନା ପ୍ରସଙ୍ଗରେ ସୂଚନା ଦେଇଛନ୍ତି ଯେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସଂଘ ମଧ୍ୟରେ ଖୁବ୍ ଶୀଘ୍ର ଚୁକ୍ତିନାମା ଚୂଡ଼ାନ୍ତ ହେବ । ତେଣୁ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଆଗକୁ ବ୍ୟାପକ ସୁଯୋଗ ସୃଷ୍ଟି ହେବ । ଅନ୍ୟ ପକ୍ଷରେ ବୟନ ସାମଗ୍ରୀ ଓ ପୋଷାକପତ୍ର ରପ୍ତାନୀ ଏହି ବହିଃଶୁଳ୍କ ଫଳରେ ବାଧାପ୍ରାପ୍ତ ହୋଇଛି । ୨୦୨୪ ରେ ଏହି ସାମଗ୍ରୀ ରପ୍ତାନି ପରିମାଣ ୩,୦୬୧.୫୪ ନିୟୁତ ଡଲାର ଥିବା ବେଳେ ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଏହା ୨,୬୬୬.୪୧ ନିୟୁତ ଡଲାରକୁ ହ୍ରାସ ପାଇଛି । ତେଣୁ ବର୍ଷକ ମଧ୍ୟରେ ହାରାହାରି ୧୩ ପ୍ରତିଶତ ରପ୍ତାନି ବଢ଼ିଛି । ସେହିଭଳି ଆମେରିକାରେ ସବୁଠାରୁ ଅଧିକ ଚାହିଦା ଥିବା ଗାଲିଚା ରପ୍ତାନି ମଧ୍ୟ ୧୫,୮୦ ପ୍ରତିଶତ ହ୍ରାସ ପାଇଛି । ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ଚୂଡ଼ାନ୍ତ ରୂପରେଖ ଜାଣିବା ସକାଶେ ଉତ୍ସୁକତା ବୃଦ୍ଧି ପାଇଛି ।

ଆମ ଦେଶରେ ସୁନା ଓ ରୁପାର ଚାହିଦା ଦିନକୁ ଦିନ ବୃଦ୍ଧି ପାଇଥିବାରୁ ବିଦେଶରୁ ଆମଦାନୀ କରି ଆଭ୍ୟନ୍ତରୀଣ ଚାହିଦା ଭରଣା କରାଯାଇଛି । ଏ ବାବଦ ବାଣିଜ୍ୟ ନିଅଣ୍ଟ ୪୧.୬୮ ବିଲିୟନ ଡଲାରକୁ ବୃଦ୍ଧି ପାଇଛି । ଗତ ଅକ୍ଟୋବର ମାସ ସୁଦ୍ଧା ସାମଗ୍ରିକ ଭାବେ ବାଣିଜ୍ୟ ନିଅଣ୍ଟ ୨୧.୮୦ ବିଲିୟନ ଡଲାର ଅତିକ୍ରମ କରିଛି । ରପ୍ତାନୀ ଅପେକ୍ଷା ଅଧିକ ଆମଦାନୀକୁ ପ୍ରୋତ୍ସାହନ ଦିଆଯାଇଛି । ଏହି ନିଅଣ୍ଟ ପରିମାଣ ସଂକୋଚନ ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ବେଳେ ଟ୍ରମ୍ପଙ୍କ ବର୍ଦ୍ଧିତ ବହିଃଶୁଳ୍କ ନୀତି ଓ କଟକଣା ପ୍ରୟୋଗ ରପ୍ତାନୀ ବାଣିଜ୍ୟରେ ଗୁରୁତର ପ୍ରତିବନ୍ଧକ ସୃଷ୍ଟି କରିଛି । ଗତ କିଛିମାସ ଧରି ଚାଲିଥିବା ଦ୍ୱିପାକ୍ଷିକ ଆଲୋଚନାର ସୁଫଳ ନେଇ ସମସ୍ତେ ଆଶାବାଦୀ । ଏଭଳି ସ୍ଥିତିରେ ଟ୍ରମ୍ପଙ୍କ ପ୍ରାରମ୍ଭିକ ଘୋଷଣାକୁ ଏକ ଶୁଭସୂଚନା ରୂପେ ଗ୍ରହଣ କରାଯାଇପାରେ ।

# ବିହାର ନିର୍ବାଚନ: କଥା ଓ କୌଶଳ

ସୌଭାଗ୍ୟ ସୁନ୍ଦରାୟ

ସୁଚିନ୍ତିତ ରାଜନୈତିକ ଗୋଟିଚାଳନା, ସ୍ଥାନୀୟ ଅଞ୍ଚଳର ସମସ୍ୟା ଓ ବିକାଶକୁ ଆଧାର କରି ଚଳିତ ବିହାର ବିଧାନସଭା ନିର୍ବାଚନ ଫଳାଫଳକୁ ଏନଡିଏ ନିଜ ସପକ୍ଷରେ ନେବା ପାଇଁ ସଫଳ ହୋଇଛି । ଜେଡି(ୟୁ) ନେତା ତଥା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏନଡିଏର ନିର୍ବାଚନୀ ଚେହେରା ହୋଇଥିବା ବେଳେ ନେତୃତ୍ୱ ନେଇଥିଲା ବିଜେପି । ବିଜେପି କର୍ମୀ ପ୍ରାୟତଃ ବୁଥସ୍ତରରୁ ଦୂରଦୃଷ୍ଟି ସହକାରେ ନିର୍ବାଚନୀ ପରିଚାଳନା କରିଥିଲେ, ଯଦ୍ୱାରା କେବଳ ଉଚ୍ଚବର୍ଗ, ସହରାଞ୍ଚଳ ଓ ଅର୍ଦ୍ଧ-ସହରାଞ୍ଚଳ ନୁହେଁ, ମୁସଲିମ ସମ୍ପ୍ରଦାୟ ଓ ଅନ୍ୟ ସଂଖ୍ୟାଲଘୁ ବର୍ଗର ଭୋଟ ମଧ୍ୟ ଏନଡିଏ ସପକ୍ଷରେ ଆଣିବାକୁ ସମର୍ଥ ହୋଇପାରିଲା ।

ଚଳିତ ନିର୍ବାଚନରେ ନୀତୀଶ କୁମାର ବ୍ୟକ୍ତିଗତ ଭାବେ ବେଶୀ ସକ୍ରିୟ ନଥିଲେ ମଧ୍ୟ ତାଙ୍କର ଅଭିଜ୍ଞତା ଓ ରାଜନୈତିକ ଭାବମୂର୍ତ୍ତି ମେଣ୍ଟ ପାଇଁ ପୁଞ୍ଜି ହୋଇଥିଲା । ଗତ ବର୍ଷକ ମଧ୍ୟରେ ପ୍ରଧାନମନ୍ତ୍ରୀ ବିହାରକୁ ବାରମ୍ବାର ଗସ୍ତ କରିଥିଲେ । ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ । ନିଜ ବକ୍ତବ୍ୟରେ ବିକଶିତ ବିହାର ଓ ସୁଶାସନ ଉପରେ ଗୁରୁତ୍ୱ ଦେଇଥିଲେ । ଲାଲୁ ପ୍ରସାଦ ଯାଦବଙ୍କ 'ଜଙ୍ଗଲରାଜ' ବିଷୟ ମଧ୍ୟ ଉଠାଇଥିଲେ । ରାଜ୍ୟକୁ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ସଂଖ୍ୟାଲଘୁଙ୍କ ପ୍ରତି ବିଶେଷ କଟାକ୍ଷ କରିନଥିଲେ କି ଧାର୍ମିକ ବାତାବରଣ ଧ୍ରୁବୀକରଣ ପାଇଁ ଉଦ୍ୟମ କରିନଥିଲେ । କେବଳ 'ଛଟ୍' ମୟାଙ୍କ ପ୍ରତି ଅପମାନ ବିଷୟ ନିର୍ବାଚନୀ ସଭାରେ ଉଠାଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଘନଘନ ଗସ୍ତ ବିଜେପି କର୍ମୀଙ୍କ ଉତ୍ସାହକୁ ଦୀର୍ଘ ସମୟ ଧରି ବଜାୟ ରଖିବାରେ ସହାୟକ ହୋଇଥିଲା । ଜୁନ ୩୦ ତାରିଖରେ ପ୍ରଧାନମନ୍ତ୍ରୀ ସିୱାନଠାରେ ଏକ ଜନସଭାରେ ଯୋଗ ଦେଇଥିଲେ । ଏହା ମୁଖ୍ୟତଃ ଆରଜେଡି ଗଡ଼ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଚଳିତ ଥର ବିହାରରେ ଆରଜେଡି ଭୋଟ ହାର ପ୍ରାୟ ୨୩% ଥିବା ବେଳେ ଜେଡି(ୟୁ)ର ୧୯.୨୫%, ବିଜେପିର ୨୦.୦୮%, କଂଗ୍ରେସର ୮.୭୧% ଓ ଏଲଜେପିର ୪.୯୭% ରହିଛି । ବିହାର ଜନସଂଖ୍ୟାର ୮୨% ହେଉଛନ୍ତି ହିନ୍ଦୁ । ହିନ୍ଦୁ ବର୍ଗରେ ଯାଦବଙ୍କ ସଂଖ୍ୟା ସର୍ବାଧିକ ୧୪.୩% । ସେହିପରି କୁର୍ମି-ଖୁସୱାଙ୍କ ସଂଖ୍ୟା ୭.୧% । ଉଭୟ ଯାଦବ ଓ କୁର୍ମୀ-ଖୁସୱା ଓବିସି ଶ୍ରେଣୀଭୁକ୍ତ । ଯାଦବ ଓ ମୁସଲିମ ଭୋଟ ସାଧାରଣତଃ ଆରଜେଡି ନିକଟକୁ ଯାଇଥାଏ । କାରଣ ଆରଜେଡି ନେତା ଯାଦବ ସଂପ୍ରଦାୟର । ଜେଡି(ୟୁ) ନେତା ନୀତୀଶ କୁମାର କୁର୍ମୀ ସଂପ୍ରଦାୟର ହୋଇଥିବାରୁ ଏହି ଭୋଟ ଜେଡି(ୟୁ) ନିକଟକୁ ଯାଇଥାଏ । ମିଳିତ ଭାବେ ରାଜ୍ୟର ଓବିସି ଭୋଟ ହାର ୨୪.୮% ହୋଇଥିବା ବେଳେ ଉଚ୍ଚବର୍ଗର ଭୋଟ ହାର ୧୫.୫% ରହିଛି । ଏହି ବର୍ଗରେ ବ୍ରାହ୍ମଣ, କାୟସ୍ଥ, ରାଜପୁତ ଓ ଭୂମିହାର ଆସୁଛନ୍ତି । ରାଜ୍ୟର ମୋଟ ମୁସଲିମ ଜନସଂଖ୍ୟା ହେଉଛି ୧୭.୭% । ଏହି ସଂଖ୍ୟା ମଧ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଓ ଅତ୍ୟଧିକ ପଛୁଆ ବର୍ଗ (ଇବିସି) ଅନ୍ତର୍ଭୁକ୍ତ ।

ବିହାରକୁ ମୁଖ୍ୟତଃ କେତେକ ଅଞ୍ଚଳରେ ବିଭକ୍ତ କରି ଏନଡିଏ ନିଜ ପ୍ରଚାର ଅଭିଯାନ କରିଥିଲା । ଆରଜେଡି ଭୋଟବ୍ୟାଙ୍କ ଅଞ୍ଚଳକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଜନସାଧାରଣଙ୍କୁ ପ୍ରଭାବିତ କରିପାରିଥିଲା । ଏଥିରୁ ସୁଫଳ ମଧ୍ୟ ମିଳିଲା । ବିକ୍ଷିପ୍ତ ଭାବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ପଛୁଆ ବର୍ଗ ଓ ଅତିପଛୁଆ ବର୍ଗ ମୁସଲିମ ଭୋଟରଙ୍କ ସମର୍ଥନ ଏନଡିଏ ଚଳିତ ଥର ପାଇପାରିଛି । ଏଥିରେ ମହିଳା ମୁସଲିମ ଭୋଟର ଅଧିକ ସଂଖ୍ୟାରେ ରହିଛନ୍ତି । ମିଳିଥିବା ରିପୋର୍ଟ ଅନୁଯାୟୀ ମୁସଲିମବହୁଳ ଅଞ୍ଚଳରେ ଏନଡିଏ ୪୨.୨% ଭୋଟ ଦଖଲ କରିଛି । ମହାଗଠବନ୍ଧନ ୧୧.୧% ଭୋଟ ଦଖଲ କରିଛି, ଯାହା ପୂର୍ବ ନିର୍ବାଚନରେ ୩୬.୮% ଥିଲା । କମ୍ ମୁସଲିମ ଜନସଂଖ୍ୟାବିଶିଷ୍ଟ ଅଞ୍ଚଳରେ ଏନଡିଏ ୪୮% ଭୋଟ ଦଖଲ କରିଛି । ଅପରପକ୍ଷରେ ମହାଗଠବନ୍ଧନ ପାଇଛି ୩୮.୨% ଭୋଟ ।

ତେବେ କୋଶୀ, ସିମାଞ୍ଚଳ ଅଞ୍ଚଳରେ ଆଶାଉଦ୍ଦିନ ଓୱାସିଙ୍କ ଏଆଇଏମଆଇଏମ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ଏଠାରେ ମୁସଲିମ ଭୋଟ ବିଶେଷ ଭାବେ ଏନଡିଏ ନିକଟକୁ ଯାଇପାରିଲା ନାହିଁ । ପୂର୍ବ-ବିହାର ଅନ୍ତର୍ଗତ ଏହି ଅଞ୍ଚଳରେ କୋଶୀ ନଦୀ ପ୍ରବାହିତ । ଏହା ସ୍ଥାନୀୟ ଜନତାଙ୍କ ପାଇଁ ଦୁଃଖ ବୋଲି କୁହାଯାଇଥାଏ । ସୀମାଞ୍ଚଳର ୯୦% ଜନସାଧାରଣ ଗ୍ରାମାଞ୍ଚଳ ବାସିନ୍ଦା ଏବଂ ଭୂମିହୀନ ଶ୍ରମିକ । ଏଠାରୁ ଜନସାଧାରଣ ଦାଦନ ଭାବେ ପଞ୍ଜାବ ଓ ହରିୟାନାକୁ ଯାଇଥା'ନ୍ତି । ଏଠାରେ ମୁସଲିମ ଜନସାଧାରଣଙ୍କ ସଂଖ୍ୟା ଅଧିକ । କିଶନଗଞ୍ଜରେ ମୁସଲିମ ଜନସଂଖ୍ୟା ପ୍ରାୟ ୬୮% ଓ କଟିହାରରେ ୪୪% । ଚଳିତ ବିଧାନସଭା ନିର୍ବାଚନରେ ଏଆଇଏମଆଇଏମ ୨୫ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୧.୮୫% ଭୋଟ ପାଇଛି । ଦଳ ସୀମାଞ୍ଚଳ ଅଞ୍ଚଳରେ ୪୦% ମୁସଲିମ ଜନସଂଖ୍ୟା ବିଶିଷ୍ଟ ୯ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୫ଟି ଆସନରେ ବିଜୟୀ ହେଲା । ତେବେ ୪୦%ରୁ କମ୍ ମୁସଲିମ ଜନସଂଖ୍ୟା ବିଶିଷ୍ଟ ୭ଟି ନିର୍ବାଚନମଣ୍ଡଳୀରେ ଦଳ ପ୍ରାର୍ଥୀ ଦେଇଥିଲେ ମଧ୍ୟ ସମସ୍ତେ ପରାଜିତ ହୋଇଛନ୍ତି । ମିଥିଳା ସୀମାଞ୍ଚଳ ଅଞ୍ଚଳରେ ଏନଡିଏ ଫଳାଫଳ ସେତେଟା ଭଲ ହୋଇନାହିଁ । କଂଗ୍ରେସ କେବଳ ମୁସଲିମ ବହୁଳ କିଶନଗଞ୍ଜ ଆସନ ବଜାୟ ରଖିବାରେ ସମର୍ଥ ହୋଇଛି । ଏ ଅଞ୍ଚଳରେ ସାମୂହିକ ଭାବେ ମୁସଲିମ ସଂପ୍ରଦାୟ ପ୍ରାୟତଃ ଆରଜେଡିର ସମର୍ଥକ ଭାବେ ଅଦ୍ୟାବଧି ରହିଆସିଥିଲେ । ଚଳିତ ନିର୍ବାଚନରେ ଏଆଇଏମଆଇଏମ ସମସ୍ତ ଅଙ୍କ ବିଗାଡ଼ି ଦେଇଛି । ଏହି ନିର୍ବାଚନରେ ସମଗ୍ର ରାଜ୍ୟର ପ୍ରାୟତଃ କମ୍ ମୁସଲିମ ବହୁଳ ନିର୍ବାଚନମଣ୍ଡଳୀର ମୁସଲିମ ଭୋଟ ଏନଡିଏ ଖାତାକୁ ଯାଇଥିବା ଜଣାପଡୁଛି । ଫଳରେ ମହାଗଠବନ୍ଧନ କ୍ଷତିଗ୍ରସ୍ତ ହୋଇଛି ।

ତୃଣମୂଳ ସ୍ତରରେ ନିର୍ବାଚନ ପରିଚାଳନା ଏନଡିଏର ସଫଳତା ବୃଦ୍ଧିର ଅନ୍ୟତମ କାରଣ ବୋଲି ଅନୁମାନ କରାଯାଉଛି । ଉତ୍ତର-ବିହାର ବା ମିଥିଳା ଅଞ୍ଚଳର ୫ଟି ଜିଲ୍ଲା ମଧ୍ୟରୁ ମଧୁବଣି ଓ ଦରଭଙ୍ଗାରେ ମୁସଲିମ ସଂଖ୍ୟା ଅଧିକ । ତେବେ ଉଚ୍ଚ ବର୍ଗର ସଂଖ୍ୟା ମଧ୍ୟ ଏ ଅଞ୍ଚଳରେ ଅଧିକ ରହିଛି, ଯେଉଁ କାରଣରୁ ଦରଭଙ୍ଗା, ମୋତିହାରି ବେଟିଆ ଆଦି ସହରାଞ୍ଚଳ ଓ ଅର୍ଦ୍ଧ-ସହରାଞ୍ଚଳରେ ବିଜେପି ଓ ଜେଡି(ୟୁ)ର ପ୍ରଭାବ ରହିଛି । ଏ ଅଞ୍ଚଳର ୩୪ ଆସନ ମଧ୍ୟରୁ ମହାଗଠବନ୍ଧନ ପାଇଛି ମାତ୍ର ୩ଟି ଆସନ, ଯାହା ପୂର୍ବ ନିର୍ବାଚନରେ ୧୧ ଥିଲା । ଅର୍ଥାତ ମୁସଲିମ ବର୍ଗ ଭୋଟ ମହାଗଠବନ୍ଧକୁ ମିଳି ନାହିଁ ।

ପୂର୍ବ ଓ ଦକ୍ଷିଣ-ପୂର୍ବ ବିହାରରେ ଯାଦବ, ଅତି ପଛୁଆ ବର୍ଗ ଓ ମୁସଲିମ ଭୋଟର ମିଶାମିଶି ଭାବେ ରହିଛନ୍ତି । ଏ ଅଞ୍ଚଳରେ ଉଭୟ ଆରଜେଡି ଓ ଜେଡି(ୟୁ)ର ପ୍ରଭାବ ରହିଆସିଛି । ପଶ୍ଚିମ ଓ ଉତ୍ତର-ପଶ୍ଚିମ ବିହାରରେ ପଛୁଆ ବର୍ଗ ମଧ୍ୟରେ ବିଜେପିର ପ୍ରଭାବ ରହିଥିବା ବେଳେ ଯାଦବଙ୍କ ମଧ୍ୟରେ ଆରଜେଡିର ପ୍ରଭାବ ରହିଆସିଛି । ପାଟନା, ମଗଧ ଓ ଭୋଜପୁରକୁ ନେଇ ଗଣାଯାଉଥିବା କେନ୍ଦ୍ରୀୟ ବିହାରରେ ବିଜେପି, ଜାତୀୟ କଂଗ୍ରେସ ଓ ଆରଜେଡିର ପ୍ରଭାବ ପ୍ରାୟତଃ ରହିଛି । କିନ୍ତୁ ଏ ଅଞ୍ଚଳର ୬୯ ଆସନ ମଧ୍ୟରୁ ଏନଡିଏକୁ ୫୭ଟି ଆସନ ଚାଲିଗଲା, ଯାହା ପୂର୍ବ ନିର୍ବାଚନରେ ୧୯ ଥିଲା । କେବଳ ପାଟନାର ୧୪ ବିଧାନସଭା ଆସନ ମଧ୍ୟରୁ ଏନଡିଏ ୧୧ଟି ଦଖଲ କରିଛି । ଗତ ନିର୍ବାଚନରେ ଏଠାରୁ ଏନଡିଏ ମାତ୍ର ୫ ଆସନରେ ବିଜୟୀ ହୋଇଥିଲା । ଭାଗଲପୁର-ମୁଙ୍ଗେର ସାଧାରଣତଃ ସହରାଞ୍ଚଳ ହୋଇଥିବାରୁ ଏଠାରେ ଏନଡିଏ ଭଲ ଫଳାଫଳ କରିଛି ।

ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ସହ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କଲ୍ୟାଣକାରୀ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା । ତେବେ ପରବର୍ତ୍ତୀ ସମୟରେ ନିର୍ବାଚନ ଇସ୍ତାହରରେ ଆଞ୍ଚଳିକ ସମସ୍ୟାକୁ ସ୍ଥାନ ଦିଆଯାଇଥିଲା । ଆଗାମୀ ୫ ବର୍ଷ ମଧ୍ୟରେ ବିହାରକୁ ବନ୍ୟାମୁକ୍ତ କରିବାର ଯୋଜନା ଥିଲା ଅନ୍ୟତମ । ଏଥିପାଇଁ ଏକ ବନ୍ୟା ପରିଚାଳନା ବୋର୍ଡ ଗଠନ କରାଯିବା ସହ ନଦୀ ସଂଯୋଗୀକରଣ ପ୍ରକଳ୍ପ, ବନ୍ଧ ଓ କେନାଲ ନିର୍ମାଣ କରାଯିବାକୁ ପ୍ରସ୍ତାବ ରଖାଯାଇଛି । କୋଶି-ସୀମାଞ୍ଚଳ ଅଞ୍ଚଳରେ କୋଶି ଓ ମହାନନ୍ଦା ପ୍ରବାହିତ । ଉତ୍ତର ବିହାରରେ ଗଣ୍ଡକ ଓ ବାଗମତୀ ନଦୀ ପ୍ରବାହିତ । ଏହି ସମସ୍ତ ନଦୀରେ ପ୍ରାୟତଃ ବନ୍ୟା ଆସି ଜନଜୀବନ ବିପର୍ଯ୍ୟସ୍ତ କରିଥାଏ । ଏଥିପାଇଁ ଯୋଜନାବଦ୍ଧ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ଅଦ୍ୟାବଧି ହୋଇପାରି ନାହିଁ । ଏଣୁ ଏହି ଆଞ୍ଚଳିକ ସମସ୍ୟା ପ୍ରତି ଇସ୍ତାହାରରେ ଦୃଷ୍ଟି ଦିଆଯାଇଛି । ସେହିପରି ୭ଟି ଏକ୍ସପ୍ରେସ ରାଜପଥ, ୧୦ଟି ଶିଳ୍ପ ପାର୍କ ପ୍ରତିଷ୍ଠା ପାଇଁ ଇସ୍ତାହାରରେ କୁହାଯାଇଛି, ଯାହା ଗମନାଗମନ ସୁଗମ କରିବାରେ ସହାୟକ ହୋଇପାରିବ । ୱାକ୍‌ଫ ଆଇନ ସ୍ଥଗିତ ରଖିବା ପାଇଁ ଆରଜେଡିର ପ୍ରତିଶ୍ରୁତି ସତ୍ତ୍ୱେ ମୁସଲିମ ଭୋଟର ଏକ ବୃହତ୍ ଅଂଶ ଏନଡିଏ ନିକଟକୁ ଚାଲିଗଲା । ଏଣୁ ଆଞ୍ଚଳିକ ସମସ୍ୟା, ନିର୍ବାଚନ ପରିଚାଳନାର ବିକେନ୍ଦ୍ରୀକରଣ ଯୋଗୁଁ ଏନଡିଏ ଚଳିତ ଥର ବିପୁଳ ସଫଳତା ହାସଲ କରିଥିବା କୁହାଯାଇପାରେ ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

# ସୁଧାର ଗାଈର ବାଛୁରୀ ମରେ!

ଅର୍ଜୁନ ଘଡ଼େଇ

ସୁଧାର ଗାଈର ବାଛୁରୀ ମରିବା ଲୋକବାଣୀଟି ଆମ ସମାଜରେ ବେଶ୍ ପ୍ରଚଳିତ । ସୁଧାର, ଶାନ୍ତ ଗାଇଟିଏର ନିରବତା ଯୋଗୁଁ ଯେମିତି ନିଜ ସନ୍ତାନ ବି ମୃତ୍ୟୁମୁଖରେ ପଡ଼ିଥାଏ, ସେପରି ଜଣେ ଭଦ୍ର, ସରଳ, ଶାନ୍ତ ମଣିଷ ନିଜର ଆଚରଣ, ସହିଷ୍ଣୁତା ଗୁଣ ଯୋଗୁଁ ଅନେକ କିଛି କ୍ଷତି ସହିଥାଏ । ତଳକୁ ମୁହଁ କରି ମାଟିର ମହାନତାକୁ ସ୍ମରଣ କରେ, ସହନଶୀଳତ ଭାବନା ନେଇ । ଲୋକେ କିନ୍ତୁ ତା'କୁ କହନ୍ତି ମାଇଚିଆ ନଂପୁସକ ଇତ୍ୟାଦି ଇତ୍ୟାଦି । ଏହା କେବଳ ଦୁର୍ବଳ ଉପରେ ସବଳର ଅତ୍ୟାଚାର ନୁହେଁ, ଅମଣିଷଙ୍କ ଅମାନବିକତା, ଅସହିଷ୍ଣୁ, ପରଶ୍ରୀକାତରତା, ଅହଙ୍କାରୀ ଭାବର ପରିପ୍ରକାଶ ମାତ୍ର, ଯାହା ଯୁଗଯୁଗ ଧରି ସଂଘଟିତ ହୋଇ ଆସିଛି ଏବଂ ଆଜିର ସଭ୍ୟ ସମାଜରେ ବି ଘଟୁଛି । ସୁଧାର ଗାଈର ବାଛୁରୀଟିଏ ଖାଦ୍ୟ ବିନା ପଛେ ମରୁ, କିନ୍ତୁ ନିଜ ସ୍ୱାର୍ଥରେ ସାମାନ୍ୟ ଆଞ୍ଚ ନ ଆସୁ, ଏହାହିଁ ଅନେକ ଲୋକଙ୍କର ମାନସିକତା ଆଜି ବହୁକ୍ଷେତ୍ରରେ ପରିଲକ୍ଷିତ ହେଉଛି ।

ଲୋକବାଣୀଟିର ତତ୍ତ୍ୱ ଏଇଆ ଯେ, ପାଳିତ ଗାଇଟିଏଠାରୁ କ୍ଷୀର ସଂଗ୍ରହ ପାଇଁ ମାଲିକ ଗାଈ ଦୁହାଳୀ ଯିଏ ଯେତେବେଳେ ପ୍ରୟାସ କରନ୍ତି ଯଦି ଗାଈଟି ସୁଧାର ବା ଶାନ୍ତ ଶିଷ୍ଟ ହୋଇଥାଏ ତେବେ କେତେବେଳେ ସେଇ ଗାଈ ଖୁଣ୍ଟରେ ବା ପଛ ଗୋଡ଼ରେ ରସିଛନ୍ଦି ସେଇଠି ବାନ୍ଧି ଦିଅନ୍ତି ତା'ର ଶିଶୁ-ବାଛୁରୀକୁ । ବାସ୍ ଶାନ୍ତ ହୋଇ ଛିଡ଼ା ହୋଇଥାଏ ଗାଈଟି । କ୍ଷୀର ଖାଇବାକୁ ଚାହିଁଥାଏ ବାଛୁରୀଟି ମା'ର ପହ୍ନାକୁ ସତୃଷ୍ଣ ନୟନରେ । ପିଲାପେଟକୁ ତ ଆହାର ଯାଏନି, ମା'ସ୍ତନରୁ କିନ୍ତୁ କ୍ଷୀର ଶୋଷିନିଏ ଗାଈ ଦୁହାଁଳୀ ଜଣକ । ଆଉ ସମସ୍ତ କ୍ଷୀର ସଂଗ୍ରହ କରି ସାରିବା ପରେ ପିଲାକୁ ବନ୍ଧନ ମୁକ୍ତ କରିଦିଏ । ବାଛୁରୀଟି ବିକଳ ହେଇ ମା'ର ପହ୍ନାରେ ଯେତେ ମୁହଁ ଲଗେଇ ଶୋଷିବାକୁ ଚେଷ୍ଟା କଲେ ବି ବୁନ୍ଦାଏ କ୍ଷୀର ତା' ପାଟିକୁ ଆସେନି । ବିଚରା ଭୋକିଲା ପେଟରେ ଛିଡ଼ା ହୋଇ ରହେ । ଏ ସବୁ ଜାଣିବି ଗାଈଟି ପ୍ରତିବାଦ କରିନଥାଏ । ନିଜ ସ୍ୱାର୍ଥସିଦ୍ଧି ପାଇଁ ଅବିବେକୀ ମଣିଷଟି ମନେ ମନେ ଖୁସି ଜାହିର କରେ ପଶୁଟିର ନିର୍ବୋଧତାକୁ ଲକ୍ଷ୍ୟ କରି । ଏହା ଯେ ପଶୁଟିର ନିର୍ବୋଧତା ନୁହେଁ, ବରଂ ସହନଶୀଳତା ଏକଥା ବୁଝିପାରେନି ଅବିବେକୀ ମଣିଷ । ଆଜିର ସମାଜରେ ଏପରି ଅମଣିଷଙ୍କ ସଂଖ୍ୟା ବୃଦ୍ଧି ସାମାଜିକ ଜୀବନରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରୁଥିଲେ ବି ନିରାକରଣର ବ୍ୟବସ୍ଥା ନାହିଁ ।

ଗାଈ ବୋଧହୁଏ ସ୍ଥିର କରି ନେଇଥାଇପାରେ ଦୁଷ୍ଟାମୀ କଲେ ମାଲିକର ଆଘାତ ସହିବାକୁ ପଡ଼ିବ । ଶରୀର ଆହୁରି କ୍ଷତାକ୍ତ ହେବା ସହ ଶିଶୁଟି ବି କଷ୍ଟ ଭୋଗିପାରେ । ତେଣୁ ନିରବ ଶାନ୍ତ ହୋଇ ଛିଡ଼ା ହେଇଗଲେ ଭଲ! ଏମିତି ଅନେକ ଶାନ୍ତ ସ୍ୱଭାବର ମଣିଷ ଭାବିଥା'ନ୍ତି ଦୁଷ୍ଟମାନଙ୍କ ଆକ୍ରମଣରୁ ମୁକୁଳିବା ତ ସହଜ କିମ୍ବା ସମ୍ଭବ ନୁହେଁ, ବରଂ ମୁହଁ ପୋତି ରହିଗଲେ ଜୀବନ ପ୍ରତି ବିପଦ କମିଯିବ ।

ସବୁକୁ ସହିଯିବା ମାନସିକତାକୁ କିନ୍ତୁ ନିର୍ବୋଧତା ବୋଲି କୁହାଯାଏ । 'ଇନୋସେନ୍‌ସୀ ଇଜ୍ ଏ କ୍ରାଇମ୍' ବୋଲି ମଧ୍ୟ କୁହାଯାଇଛି । ନିରବତା, ଅଜ୍ଞାନତାକୁ ଅପରାଧିକ ତତ୍ତ୍ୱ ଭାବରେ ଯେଉଁମାନେ ବିଚାର କରି ଏକଥା କହିଥିଲେ ତାହା ସବୁ ସମୟରେ ସବୁ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇନଥାଏ । କିଛି ଭୁଲ୍ କୌଣସି ଅପକର୍ମ ନକରି, ନିରୀହ, ଶାନ୍ତ ସରଳ ମଣିଷଟି ଅନେକ ଦଣ୍ଡ, କଷ୍ଟ, ନିର୍ଯାତନା ଯେତେବେଳେ ପାଉଥାଏ ତା' ପାଇଁ ଆହା ପଦେ କହିବା ପାଇଁ କେହି ନଥାନ୍ତି । କିମ୍ବା ତା'କୁ ସାହସ ଦେଇ ପ୍ରତିବାଦ କରିବାର ଶକ୍ତି ପ୍ରଦାନ କରିବାକୁ ତା' ଚାରିପଟେ କେହି ନଥା'ନ୍ତି । ତେଣୁ ସେ ଭାବିନିଏ ଯେତେ ଅନ୍ୟାୟ, ଅତ୍ୟାଚାର ତା' ପ୍ରତି ହେଲେ ମଧ୍ୟ ମୁଣ୍ଡ ପୋତି ସହିଗଲେ ଭଲ । ତା' ବେକରେ ଗାଈର ଗୋଡ଼ରେ ବନ୍ଧା ହୋଇଥିବା ବାଛୁରୀ ପରି ପରିବାର ଲୋକେ ବନ୍ଧା ହୋଇ ରହିଛନ୍ତି । ସେମାନେ ବି ବିପଦରୁ ରକ୍ଷା ପାଇଯିବେ । ଏମିତି ଶାନ୍ତ, ଶୃଙ୍ଖଳିତ ମଣିଷମାନେ ବଞ୍ଚି ରହିବା ପାଇଁ ଏବଂ ତାଙ୍କୁ ବଞ୍ଚେଇ ରଖିବା ପାଇଁ ସମାଜର ଅନ୍ୟମାନଙ୍କର ବି ଦାୟିତ୍ୱବୋଧ ରହିବା ଆବଶ୍ୟକ । ସେମାନେ ନିରବତା ଗୁଣକୁ ତାଚ୍ଛଲ୍ୟ ନକରି ସାହସ ଦେଲେ, ସମର୍ଥନ ଯୋଗାଇଦେଲେ ହୁଏତ ସରଳ ମଣିଷଟି ତୁଣ୍ଡ ଖୋଲି କିଛି ପ୍ରତିବାଦ କରିବାରେ ସକ୍ଷମ ହେଇପାରେ ।

ସମାଜର ସବୁକ୍ଷେତ୍ରରେ କ'ଣ ଏମିତି ଶାନ୍ତ, ସରଳ ମଣିଷମାନେ ନିଷ୍ପେଷିତ ହେଉଥିବେ ଆଉ ବାହୁବଳୀମାନେ ଯନ୍ତ୍ରଣା ଦେଇ ଚାଲୁଥିବେ? ଆମେ କେବଳ କହିବା 'ଆଇନ୍‌ର ଆଶ୍ରୟ ନିଅ' ନ୍ୟାୟ ମିଳିବ । ଏପରି ସାନ୍ତ୍ୱନା ଯଥେଷ୍ଟ ନୁହେଁ । ନ୍ୟାୟଳୟରୁ କିମ୍ବା ଭଦ୍ରଲୋକଙ୍କ ଠାରୁ ନ୍ୟାୟ ଆଶା କରିବା, ଅଧିକାର ସାବ୍ୟସ୍ତ କରିବା, ଆଜିର ସମୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସାମାଜିକ ନ୍ୟାୟ ବ୍ୟବସ୍ଥାକୁ ଦୃଢ଼ୀଭୂତ କରି, ନ୍ୟାୟପାଳିକାକୁ ସଶକ୍ତ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ଶାନ୍ତି ପୂର୍ଣ୍ଣ ଜୀବନ ପାଇଁ । ଅଶାନ୍ତ ପରିବେଶ ସୃଷ୍ଟି ହେଲେ ସାମାଜିକ ଜୀବନ ନଷ୍ଟ ଭ୍ରଷ୍ଟ ହେବ । ଏକ ସୁସ୍ଥ ସମାଜ-ସୁନ୍ଦର ଜୀବନ ସ୍ୱପ୍ନ ପ୍ରାୟ ମନେ ହେବ ।

ସବୁବେଳେ ଅତ୍ୟାଚାରୀ, ସ୍ୱାର୍ଥପର ମଣିଷର ସ୍ୱାର୍ଥ ସିଦ୍ଧି ହୋଇନଥାଏ । ମଣିଷକୁ ଜିତିଗଲେ ବି ପରମେଶ୍ୱରଙ୍କ ବିଚାରାଳୟରେ ସେ ନିଶ୍ଚିତ ଦଣ୍ଡିତ ହେବ, ଏହା ନିଃସନ୍ଦେହ । ସେତେବେଳେ ନା ଥିବ ଶକ୍ତି ବା କ୍ଷମତା ।

ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୯୪୩୮୦୪୮୬୧୫

# ବିପ୍ଳବର ବାଣୀ-ନନ୍ଦନ ସଚ୍ଚିଦାନନ୍ଦ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଏଡ଼ିକି ସେ ଅମାନିଆଁ ପିଲା, ଫଉଜର ଗୁଳିଗୋଳା ରଜା ଝଡ଼ କିଛି ନ ମାନିଲା / ଧୂଳିଖେଳ ଛାଡ଼ି, ଗୁଳି ଆଗେ ଜୀବନକୁ ହସି ହସି ଦେଲା ସିନା ବାଡ଼ି ।' ଅତ୍ୟାଚାର, ଉତ୍ପୀଡ଼ନ, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ଢେଙ୍କାନାଳର ସେହି ଚିର ଅମ୍ଳାନ ବାଜିରାଉତଙ୍କ ଅସାମାନ୍ୟ ବୈପ୍ଳବିକ ବାଣୀ ସଚ୍ଚିଦାନନ୍ଦ ଆବିଷ୍କୃତ କରି ନେଇ ଆସିଲେ ମହାକାଶର ଅଦୃଶ୍ୟ ଅଥଚ ଅମଳିନ ତେଜୋଦୀପ୍ତ ତରଙ୍ଗରୁ । ସଚ୍ଚିଦାନନ୍ଦ ରାଉତରାୟ ବୀର ସନ୍ତାନ ବାଜି ରାଉତଙ୍କ ହୃଦୟକୁ ପ୍ରବେଶ କରିଛନ୍ତି, ନା ବାଜି ରାଉତ ଏକ ସୂକ୍ଷ୍ମ ଆଲୋକରେଖା ହୋଇ ତାଙ୍କ ଛାତିକୁ ଦୋହଲାଇ ଦେଇଛନ୍ତି! ସଚ୍ଚି ରାଉତରାୟଙ୍କ 'ବାଜିରାଉତ' ଚିରକାଳ ନିମିତ୍ତ ଏକ ଅଲିଭା ଶିଖା ।

ଅନ୍ୟମାନଙ୍କ ଆଖିରେ ସେ ଦୁନିଆକୁ ଦେଖିଥା'ନ୍ତେ କାହିଁକି? ସେଥିପାଇଁ ପାଇଁ ତ ଗାଇ ଉଠିଲେ - 'ତୁମେ ଦେଖିଅଛ ଶିଳାରେ ତାହାର ରମ୍ୟ କଳାର ରୂପ, ମୁଁ ଦେଖିଛି ତହିଁ କୋଟି କଙ୍କାଳ ଭଗ୍ନ ବୁକୁର ସ୍ତୂପ ।' 'କୋଣାର୍କ' କବିତାର ଏହି ପଦ ସେହିପରି ଅନ୍ତର୍ଭେଦୀ ହୋଇଉଠିଲା ଓଡ଼ିଶାର ପାଠକଙ୍କ ପାଇଁ । 'ଛୋଟ ମୋର ଗାଁଟି ଭୂଗୋଳ ପୋଥି ପତରେ ପଛେ ନଥାଉ ତାର ନାଁଟି' - 'ପଲ୍ଲିଶ୍ରୀ' କବିତା ପୁସ୍ତକର ଏହି କବିତା କେଉଁ ଅନୁରାଗୀଙ୍କ କଣ୍ଠରେ ଧ୍ୱନିତ ହୋଇନାହିଁ! 'ପାଣ୍ଡୁଲିପି' କବିତା ସଂକଳନର ଭାବ-ସମ୍ଭାର ବହୁ ପାଠକଙ୍କ ଦ୍ୱାରା ହୋଇଛି ଆଦୃତ । କେବଳ କବିତା ସର୍ଜନାରେ ସଚ୍ଚିଦାନନ୍ଦ ନିଜକୁ ସୀମିତ ରଖି ନାହାନ୍ତି । 'ମଶାଣିର ଫୁଲ' ରୁଢ଼ିବାଦୀ ସମାଜ ବିରୁଦ୍ଧରେ ଏକ ତୀକ୍ଷଣ ଅସ୍ତ୍ର । ନିରୀହ ନିଷ୍ପାପ ପଲ୍ଲୀବଧୂର ମୃତ୍ୟୁ ପରେ ବି ଯେଉଁ ସମାଜ ତା'କୁ ବର୍ଣ୍ଣନା କରିପାରେ କଳଙ୍କିନୀ ଦୋଚାରିଣୀ ବୋଲି, ସେଇ ସମାଜକୁ ଜଗୁ ତିଆଡ଼ି ମୁହଁରେ ସେ ଜବାବ ଦେଇଛନ୍ତି - 'ଥାଉ ଥାଉ । ଅନ୍ୟକୁ ବିଚାର କର ନାହିଁ । ମଣିଷ କ'ଣ ମଣିଷକୁ ଠିକ ବୁଝିପାରେ?' ଏ ପ୍ରଶ୍ନ ସେ ଗୋଟିଏ ଗଳ୍ପରେ, ନିର୍ଦ୍ଦିଷ୍ଟ ସମୟ ଖଣ୍ଡ ସକାଶେ ପଚାରି ନାହାନ୍ତି । ଏହା ପ୍ରତିଟି ଯୁଗର ବିବେକ-ବିଚାରଶୂନ୍ୟ ସମାଜ ପ୍ରତି ସମାନ ଭାବରେ ପ୍ରଯୁଜ୍ୟ । 'ଅନ୍ଧାରୁଆ' ଗଳ୍ପରେ ବି ଶୋଷଣକାରୀ ସମାଜ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଛନ୍ତି । 'ହାତ' ପରି ଗଳ୍ପ କେତେ ନୈରାଶ୍ୟ ଜର୍ଜରିତ ଅନ୍ତରରେ ଭରି ଦେଇଛି ଅପୂର୍ବ ସାନ୍ତ୍ୱନା ।

ସାମ୍ୟବାଦୀ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ସଚ୍ଚି ରାଉତରାୟ ଏକ ନବଯୁଗର ମନ୍ତ୍ରଦାତା । 'ଚିତ୍ରଗ୍ରୀବ' ଉପନ୍ୟାସ ତାଙ୍କର ସାମ୍ୟବାଦୀ ତତ୍ତ୍ୱମୂଳକ ଏକମାତ୍ର ଉପନ୍ୟାସ । 'କବିତା ୧୯୬୨' ପାଇଁ ସେ ଲାଭ କଲେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର । କାବ୍ୟିକରୀତି ସହିତ ବାକରୀତିର ସମନ୍ୱୟ ସାଧନ କରି ସେ ଲେଖିଛନ୍ତି କେତେ ଉଚ୍ଚକୋଟୀର କବିତା । ଯତି, ଯମକ, ଉପଧା ଓ ଛନ୍ଦର ଧରାବନ୍ଧା କଟକଣାରୁ କବିତାକୁ ମୁକ୍ତ କରି ଅବାଧ ଭାବ ପ୍ରକାଶ ପାଇଁ ସେ ସୃଷ୍ଟି କରିଦେଲେ ନୂତନ ମାର୍ଗ । ତାଙ୍କର ସାମଗ୍ରିକ କୃତି ସକାଶେ ଲାଭ କଲେ ମଧ୍ୟ ଜ୍ଞାନପୀଠ ପୁରସ୍କାର । 'ଅଭିଯାନ', 'ଅଭିଜ୍ଞାନ', 'ପାଥେୟ', 'ଭାନୁମତୀର ଦେଶେ', 'ହସନ୍ତ', ଆଦି କବିତା 'ମଶାଣିର ଫୁଲ ଓ ଅନ୍ୟାନ୍ୟ ଗଳ୍ପ', 'ଛାଇ' ପରି ଗଳ୍ପ ସଂକଳନ, ଆତ୍ମଜୀବନୀ 'ଉତ୍ତର କକ୍ଷ', 'ଆଧୁନିକ ସାହିତ୍ୟର କେତୋଟି ଦିଗ', 'ସାହିତ୍ୟ: ବିଚାର ଓ ମୂଲ୍ୟବୋଧ' ଭଳି ଉଚ୍ଚତର ଚେତନା-ସମ୍ପନ୍ନ ସାହିତ୍ୟ ସମୀକ୍ଷା କବିଙ୍କ ସିଦ୍ଧିର ଭିନ୍ନ ଭିନ୍ନ ଅର୍ଥପୂର୍ଣ୍ଣ ସଂକେତ । ତେବେ ଯେଉଁ କେତୋଟି କବିତା ଓ ଗଳ୍ପ ସୃଷ୍ଟି ସକାଶେ ସେ ହୋଇଥିଲେ ସର୍ବତ୍ର ଆଦୃତ ଓ ଅଭିନନ୍ଦିତ, ସେହି ସଚ୍ଚି ରାଉତରାୟଙ୍କୁ ତାଙ୍କର ପ୍ରିୟ ପାଠକମାନେ ଆଉ ଖୋଜି ପାଇଲେ ନାହିଁ ଅନ୍ୟ ପୁସ୍ତକଗୁଡ଼ିକରେ; ବିଶେଷତଃ 'ପାଣ୍ଡୁଲିପି' ପରବର୍ତ୍ତୀ ପର୍ଯ୍ୟାୟର କବିତାରେ । ହୃଦୟର ଆବେଗ ଅପେକ୍ଷା ବୌଦ୍ଧିକତାର ଆଧିକ୍ୟ ହେତୁ ତାହା ସାଧାରଣ ପାଠକମାନଙ୍କ ଠାରୁ ଦୂରବର୍ତ୍ତୀ ହୋଇ ଯାଇଛି । କବିତା ରଚନାର ପରୀକ୍ଷା ନିରୀକ୍ଷା ସକାଶେ ଅନେକ ଦୃଷ୍ଟିରୁ ଏହାଦ୍ୱାରା ଓଡ଼ିଆ ସାହିତ୍ୟ ଜଗତ ସମୃଦ୍ଧ ହୋଇପାରିଛି ସୁନିଶ୍ଚିତ । ସଚ୍ଚି ରାଉତରାୟ ଓଡ଼ିଶାର ଅଗଣିତ ପାଠକ ହୃଦୟରେ ଯଦି ଆଜି ବି ରହିଛନ୍ତି ଅମଳିନ । ଓଡ଼ିଆ ଜାତି ଅବା ତାଙ୍କୁ ଦେଇପାରିଛି କ'ଣ? ତାଙ୍କ ସ୍ମୃତିରେ ନିର୍ମାଣ କରିଦେଇଛି ନିଜ ହୃଦୟ ମଧ୍ୟରେ ଏକ ଏକ 'ମାଟିର ତାଜ' । ମାଟି ଓ ମଣିଷର କବି ସଚ୍ଚି ରାଉତରାୟ ସର୍ବଦା ବନ୍ଦିତ ଓ ସ୍ପନ୍ଦିତ ହେଉଥିବେ ପ୍ରତିଟି ଓଡ଼ିଆର ପ୍ରାଣ-ପ୍ରକୋଷ୍ଠରେ । 'ଆଲୁଅ ତା'ର କି ମନୋହର, ଅନ୍ଧକାର ତା'ଠାରୁ ଭଲ' - ଧ୍ୱନିତ ହେଉଥିବ ଆକାଶ ପବନରେ ଚିରକାଳ ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ପିଏମ୍ କିଷାନର ୨୧ତମ କିସ୍ତି ପାଇଲେ ଚାଷୀ

ଭୁବନେଶ୍ୱର, ୧୯ ।୧୧(ସମିସ): କୃଷକଙ୍କୁ ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ପ୍ରଦାନ କରାଯାଇଛି। ତାମିଲନାଡୁର କୋଏମ୍ବାଟୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। କୃଷି ଭବନଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ, କୃଷକ କଲ୍ୟାଣ ଓ ସଶକ୍ତିକରଣ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। କୃଷକଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନା ଯୋଗ୍ୟ ଚାଷୀଙ୍କ ନିକଟରେ ପହଞ୍ଚୁ। ଯେପରି କୌଣସି ଯୋଗ୍ୟ ଚାଷୀ ସରକାରୀ ଯୋଜନାରୁ ବଞ୍ଚିତ ନ ହେବେ, ସେଥିପାଇଁ ସରକାର ତତ୍ପର ଥିବା ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ଷକୁ କେନ୍ଦ୍ର ସରକାର ୩ଟି କିସ୍ତିରେ ୬ ହଜାର ଲେଖାଏଁ ପ୍ରଦାନ କରୁଥିବାବେଳେ ରାଜ୍ୟ ସରକାର ସିଏମ୍ କିଷାନ ଯୋଜନାରେ ୨ଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି। ରାଜ୍ୟର ୩୪.୧୨ ଲକ୍ଷରୁ ଅଧିକ ଚାଷୀ ୨ ହଜାର ଟଙ୍କା ଲେଖାଏଁ ସହାୟତା ପାଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ସିଏମ୍ କିଷାନ ଯୋଜନାରେ ୫୧.୫୪ ଲକ୍ଷ ଚାଷୀଙ୍କୁ ୨୯ ୯୧ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ପିଏମ୍ ଧନଧାନ୍ୟ କୃଷି ଯୋଜନାରେ କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଏବଂ ନୂଆପଡା ଜିଲ୍ଲାକୁ ସାମିଲ କରିଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିପଦରେ ୩୫୦ କୋଟି...

(୫.୯୯%), ଯୁକ୍ତରାଷ୍ଟ୍ରରେ ୧୩୮ ନିୟୁତ (୩.୯୯%) ଏବଂ ରୁଷରେ ୧୩୩ ନିୟୁତ (୩.୮୪%) ରହିଛି। ଏଥିରେ ୮୧% ଆଣ୍ଡ୍ରଏଡ୍ ଏବଂ ୧୯% ଆଇଓଏସ୍ ବ୍ୟବହାରକାରୀ ଅନ୍ତର୍ଭୁକ୍ତ। ଏହାସହିତ, ୯% ବ୍ୟବସାୟିକ ଆକାଉଣ୍ଟ ମଧ୍ୟ ଏଥିରେ ରହିଛି।

### ବିହାରରେ ପୁଣି...

କୁହାଯାଉଛି । ଅନ୍ୟପକ୍ଷରେ ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପି ତାଙ୍କ ଦଳ ପାଇଁ ଅନ୍ୟୂନ ୨ଟି ମନ୍ତ୍ରୀ ପଦ ଦାବି କରିଛନ୍ତି। ତେବେ ନୀତିଶଙ୍କ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳରେ ତାଙ୍କ ଭାଇ ଅରୁଣ ଭାରତୀଙ୍କୁ ମନ୍ତ୍ରୀପଦ ମିଳିପାରେ ବୋଲି କୁହାଯାଉଛି ।

ବିହାର ନିର୍ବାଚନ ଫଳ ପ୍ରକାଶ ପରେ ବିଜେପି ସର୍ବାଧିକ ଆସନ ପାଇଥିବା ସତ୍ତ୍ୱେ ନୀତିଶଙ୍କୁ ମୁଖ୍ୟମନ୍ତ୍ରୀ କରାଯିବାକୁ ନେଇ ଦଳରେ କିଛି ପରିମାଣରେ ଅସନ୍ତୋଷ ସୃଷ୍ଟି ହୋଇଛି । ଏପରିକି ଦଳର କିଛି ବରିଷ୍ଠ ନେତା ଏନ୍‌ଡ଼ିଏ ମୁଖ୍ୟମନ୍ତ୍ରୀ ବିଜେପିରୁ କରାଯାଉ ବୋଲି ମଧ୍ୟ ଦାବି କରିଛନ୍ତି । ମାତ୍ର ବିହାର ନେତାଙ୍କ ଦାବିକୁ ବିଜେପି ଜାତୀୟ ନେତୃତ୍ୱ ଗ୍ରହଣ କରିନାହାନ୍ତି । ନୀତିଶଙ୍କ ପରି ବଡ଼ ନେତା ବିହାର ବିଜେପିରେ ନ ଥିବା ଯୋଗୁଁ ବିଜେପି ଏପରି କଷ୍ଟସାଧ ନିଷ୍ପତ୍ତି ନେବାକୁ ବାଧ ହୋଇଥିବା କୁହାଯାଉଛି ।

କୁହାଯାଉଛି ଯେ ବିଜେପି ନିକଟରେ ନୀତିଶଙ୍କ ବିକଳ୍ପ ନାହିଁ। ଯେଉଁଥିପାଇଁ ଦୀର୍ଘବର୍ଷ ଧରି ବିଜେପି ବିହାରରେ ଏକାକୀ ସଂଖ୍ୟା ଗରିଷ୍ଠତା ପାଇପାରୁ ନାହିଁ। ପୁନଶ୍ଚ ବିହାର ରାଜନୀତି ବିଶେଷତଃ ଜାତି ଆଧାରିତ ଓ ସୁଶୀଲ କୁମାର ମୋଦିଙ୍କ ପରଲୋକ ପରେ ଜାତୀୟସ୍ତରରେ ମାନ୍ୟତା ପାଇଥିବା କୌଣସି ଓବିସି ଚେହେରା ବିଜେପିରେ ନାହାନ୍ତି। ଗତ ଦେଢ଼ ଦଶନ୍ଧି ଧରି ବିଜେପି ବିହାରରେ ନୀତିଶ କୁମାରଙ୍କ କନିଷ୍ଠ ସହଯୋଗୀ ହୋଇ ରହିଛି ଓ ଜଣେ ବି ପ୍ରଭାବଶାଳୀ ନେତା ସୃଷ୍ଟି କରିବାରେ ଦଳ ସମର୍ଥ ହୋଇପାରି ନାହିଁ। ଦ୍ୱିତୀୟ କାରଣଟି ହେଉଛି ନୀତିଶ କୁମାର ବିହାରର କୁର୍ମୀ, ଇବିସି ଓ ମହାଦଳିତ ସମ୍ପ୍ରଦାୟର ପ୍ରମୁଖ ନେତାର ମାନ୍ୟତା ପାଇଛନ୍ତି। ବିହାରର ମୋଟ ମତଦାତାଙ୍କ ମଧ୍ୟରୁ ଏହି ବର୍ଗ ଭୋଟରଙ୍କ ସଂଖ୍ୟା ପ୍ରାୟ ୨୦% ଓ ଗତ ନିର୍ବାଚନରେ ଏହି ବର୍ଗ ହିଁ ଏନ୍‌ଡ଼ିଏ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ତେଣୁ ନୀତିଶଙ୍କୁ ଉପେକ୍ଷା କରିବା ବିଜେପି ପାଇଁ ମହଙ୍ଗା ପଡ଼ିବାର ଆଶଙ୍କା ରହିଛି । ଶେଷ କାରଣଟି ହେଉଛି ନୀତିଶଙ୍କୁ ଉପେକ୍ଷା କରିବା କେନ୍ଦ୍ର ସରକାରଙ୍କ ପ୍ରତି ବିପଦ ସୃଷ୍ଟି କରିବାର ଭୟ। ବର୍ତ୍ତମାନ ଲୋକସଭାରେ ଏନ୍‌ଡ଼ିଏର ଆସନ ସଂଖ୍ୟା ୨୯୨, ଯାହା ସଂଖ୍ୟା ଗରିଷ୍ଠତାଠାରୁ ମାତ୍ର ୨୦ଟି ଆସନ ଅଧିକ। ନୀତିଶଙ୍କ ଜେଡ଼ିୟୁ ସମର୍ଥନ ପ୍ରତ୍ୟାହାର କରିନେଲେ ବି କେନ୍ଦ୍ରରେ ବିଜେପି ସରକାର ପାଇଁ ତତ୍‌କ୍ଷଣାତ୍ କୌଣସି ବିପଦ ସୃଷ୍ଟି ହେବ ନାହିଁ, ମାତ୍ର ଏହାର ପରିଣାମ ଆଦୌ ଭଲ ହେବ ନାହିଁ । ଯେ କୌଣସି ସମୟରେ ଅନ୍ୟ ଅଂଶୀଦାର ଦଳ ବିଜେପି ସହ ଅସଙ୍ଗତ ମୂଳଚାଲ କରିବାକୁ ବାହାରି ଆସିବେ। ତେଣୁ ବିହାରରେ ନୀତିଶଙ୍କ ନେତୃତ୍ୱରେ ଏନ୍‌ଡ଼ିଏ ସରକାର ଚାଲୁ ଓ କେନ୍ଦ୍ର ସରକାର ସୁରକ୍ଷିତ ରହୁ ବୋଲି ବିଜେପି ଆପାତତଃ ନିଷ୍ପତ୍ତି ନେଇଛି ବୋଲି କୁହାଯାଉଛି ।

### ଟ୍ରିବ୍ୟୁନାଲ ସଂସ୍କାର...

କହିଲେ ଯେ ଟ୍ରିବ୍ୟୁନାଲ ସଂସ୍କାର ଅଧ୍ୟାଦେଶ ଏବଂ ଆଇନର ସମୀକ୍ଷା କରିଛନ୍ତି କୋର୍ଟ। ସମୀକ୍ଷା ବେଳେ ଜଣାପଡ଼ିଛି ଯେ ଟ୍ରିବ୍ୟୁନାଲ ଆଇନର ଯେଉଁ ବ୍ୟବସ୍ଥାକୁ କୋର୍ଟ ଖାରଜ କରିଦେଇଥିଲେ, ସେହି ଆଇନକୁ ପୁଣି ପ୍ରସ୍ତୁତ କରାଯାଇଛି। ଅବଶ୍ୟ ଏଥିରେ ସାମାନ୍ୟ ଏପଟସେପଟ କରାଯାଇଛି। କିନ୍ତୁ କୋର୍ଟ ଯାହାକୁ ବିରୋଧ କରିଥିଲେ ତାହା ବଜାୟ ରହିଛି । ଯାହାକୁ କୋର୍ଟ ବିରୋଧ କରିଛନ୍ତି, ସେଥିରେ ସଂଶୋଧନ କରିବା ବଦଳରେ ପାର୍ଲାମେଣ୍ଟ ସେହି ପୁରୁଣା ଆଇନ ଆଣି ବିଚାର ବ୍ୟବସ୍ଥାର ଘୋର ଉଲ୍ଲଂଘନ କରିବାକୁ ଉଦ୍ୟମ କରିଛନ୍ତି। ମାନ୍ୟବର ବେଞ୍ଚ କହିଲେ ଯେ ଅଦାଲତରେ ପଡ଼ିଥିବା ବିଚାରାଧୀନ ମାମଲାର ସମାଧାନ କେବଳ ବିଚାର ବିଭାଗର ଦାୟିତ୍ୱ ନୁହେଁ, ସଂସଦ ଏବଂ ବ୍ୟବସ୍ଥାପିକା ମଧ୍ୟ ଦାୟିତ୍ୱ ନେବା ଉଚିତ। ଟ୍ରିବ୍ୟୁନାଲ ସଂପର୍କରେ ଆଇନ ପ୍ରଣୟନ ବେଳେ ବିଚାର ବିଭାଗର ଆଦେଶକୁ ସରକାର ମାନିବାକୁ ବାଧ୍ୟ। ବିଭିନ୍ନ ଟ୍ରିବ୍ୟୁନାଲ ପ୍ରଶାସନର ସୁପରିଚାଳନା, ନିଯୁକ୍ତି ଏବଂ କାମରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଲାଗି ନେସନାଲ ଟ୍ରିବ୍ୟୁନାଲ କମିସନର ଆବଶ୍ୟକତା ରହିଛି। ତେଣୁ ଆସନ୍ତା ୪ ମାସ ମଧ୍ୟରେ ଏଭଳି କମିସନ ଗଠନ କରିବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମ କୋର୍ଟ। ଏହାସହିତ ବିଭିନ୍ନ ଟ୍ରିବ୍ୟୁନାଲରେ ନିଯୁକ୍ତି, କାର୍ଯ୍ୟକାଳ ଏବଂ ଅବସର ସୀମା ନେଇ କୋର୍ଟ ପୂର୍ବରୁ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହାକୁ କାଏମ ରଖିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଲେ ଯେ ଇନକମ୍ ଟାକ୍ସ ଆପେଲେଟ୍ ଟ୍ରିବୁନାଲ ଏବଂ ଏକ୍ସାଇଜ ଆଣ୍ଡ ସର୍ଭିସ ଟାକ୍ସ ଆପେଲେଟ୍ ଟ୍ରିବ୍ୟୁନାଲ ସଭ୍ୟମାନଙ୍କ ଅବସର ବୟସ ସୀମା ୬୨ ବର୍ଷ ଏବଂ ଏହାର ଅଧ୍ୟକ୍ଷଙ୍କ ବୟସ ସୀମା ୬୫ ବର୍ଷ ରହିବ। ସୂଚନାଯୋଗ୍ୟ ଯେ ଟ୍ରିବ୍ୟୁନାଲ ସଂସ୍କାର ଆଇନରେ ସଂଶୋଧନ କରି ସରକାର ଫିଲ୍ମ ସାର୍ଟିଫିକେଟ ଆପେଲେଟ୍ ଟ୍ରିବ୍ୟୁନାଲ ସମେତ ଅନେକ ଟ୍ରିବ୍ୟୁନାଲକୁ ଉଚ୍ଛେଦ କରିଥିବା ବେଳେ ଏକାଧିକ ଟ୍ରିବ୍ୟୁନାଲରେ ନିଯୁକ୍ତି, କାର୍ଯ୍ୟକାଳ ଓ ବୟସ ସୀମାରେ କେନ୍ଦ୍ର ସରକାର ଅନେକ ଅଦଳବଦଳ କରିଥିଲେ। ସୁପ୍ରିମ କୋର୍ଟରେ ଏହାକୁ ଚାଲେଞ୍ଜ କରିଥିଲେ ମାଡ୍ରାସ ବାର ଆସୋସିଏସନ ଏବଂ କଂଗ୍ରେସ ନେତା ଜୟରାମ ରମେଶ।

### ପୁଣି ବାତ୍ୟା...

ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ସମ୍ଭାବନା ରହିଛି। ତେଣୁ ପ୍ରାଥମିକ ଭାବେ ଏହି ଲଘୁଚାପ ଆନ୍ଧ୍ର ଓ ଓଡ଼ିଶା ଉପକୂଳ ପାଇଁ ବିପଦ ବଢ଼ାଇଛି। ବଡ଼ କଥା ହେଉଛି ଯେ ଏହା ଅବପାତରେ ପରିଣତ ହେବା ପରେ ଆହୁରି ଘନୀଭୂତ ହେବାକୁ ଥିବାରୁ ବାତ୍ୟା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରୁ ନାହିଁ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୨୧ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ୨୪ ତାରିଖ ସୁଦ୍ଧା ଘନୀଭୂତ ହୋଇ ଅବପାତର ରୂପ ନେବ। ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇପାରେ। ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରିବାକୁ ଥିବା ବେଳେ ଏହା ଆନ୍ଧ୍ର ଉପକୂଳକୁ ମୁହାଁଇବାର ପ୍ରାଥମିକ ଆକଳନରୁ ଜଣାପଡୁଛି। ଏହା ଆନ୍ଧ୍ର ଉପକୂଳ ମୁହାଁ ହେଲେ ମଧ୍ୟ ଓଡ଼ିଶାରେ ଏହାର ପ୍ରଭାବ ରହିବ। ୨୭ରେ କେନ୍ଦ୍ରାପଡ଼ାଠାରୁ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ମେଘୁଆ ପାଗ ସହ ବର୍ଷା ହେବ। ୨୮ ତାରିଖରେ ଉତ୍ତର-ପଶ୍ଚିମ ଓଡ଼ିଶା ବ୍ୟତୀତ ରାଜ୍ୟରେ ବାକି ଅଞ୍ଚଳରେ ବର୍ଷା ହେବ। ୨୯ରେ ମୁଖ୍ୟତଃ ଗଞ୍ଜାମ ଓ ଗଜପତି ପ୍ରଭାବିତ ହେବ। ଉପକୂଳ ଓ ସଂଲଗ୍ନ ଜିଲ୍ଲାରେ ଭାରି ବର୍ଷା ହେବ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି।

ପ୍ରାଥମିକ ଭାବେ ଏହି ସମ୍ଭାବ୍ୟ ଅବପାତ/ବାତ୍ୟାଟି ଆସନ୍ତା ୨୯ କିମ୍ବା ୩୦ ବେଳକୁ ସ୍ଥଳଭାଗ ଛୁଇଁପାରେ। ତେଣୁ ଏହା ପ୍ରଭାବରେ ୨୭ କିମ୍ବା ୨୮ ତାରିଖରୁ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ସମେତ ଅନ୍ୟ କେତେକ ଜିଲ୍ଲାରେ ବର୍ଷା ହୋଇପାରେ। ଯଦି ଏହା ଆନ୍ଧ୍ର ନିକଟରେ ସ୍ଥଳଭାଗ ଛୁଏଁ, ତେବେ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରଭାବ ସୀମିତ ରହିବ। ମାତ୍ର ଏହା ଓଡ଼ିଶାର ନିକଟତର ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରଭାବ ସୃଷ୍ଟି ହେବ। ଏମିତି ହେଲେ ରାଜ୍ୟକୁ ଏକ ବଡ଼ କ୍ଷତି ସହିବାକୁ ପଡ଼ିପାରେ। କାରଣ ଏବେ ସାରା ଓଡ଼ିଶାରେ ଧାନ ଅମଳ ସମୟ ଚାଲିଛି। ଉପକୂଳ ଓଡ଼ିଶାରେ ପାଚିଲା ଧାନ କ୍ଷେତରେ ହସୁଥିବା ବେଳେ ପଶ୍ଚିମ ଓଡ଼ିଶା ଧାନ ଅମଳ ଆରମ୍ଭ ହୋଇଯାଇଛି। ତେଣୁ ଏ ଦୃଷ୍ଟିରୁ ପ୍ରାୟ ଆସନ୍ତା ୨ ମାସ ପର୍ଯ୍ୟନ୍ତ ରାଜ୍ୟ ପାଇଁ ବର୍ଷା ଦୃଷ୍ଟିରୁ ବହୁ ସମ୍ବେଦନଶୀଳ ଭାବେ ଗଣାଯାଉଛି। ଏହା ପୂର୍ବରୁ ଲଘୁଚାପ ପ୍ରଭାବରେ ରାଜ୍ୟରେ ଶୀତ ଦିନେ ଅଦିନିଆ ବର୍ଷା ନେଇ ଚିନ୍ତା ବଢିଛି। ଏହା ପୂର୍ବରୁ ୨୦୨୧ ଡିସେମ୍ବର ପ୍ରଥମ ସପ୍ତାହରେ ରାଜ୍ୟ ଉପରେ ବାତ୍ୟା ଜୱାଦର ଗୁରୁତର ପ୍ରଭାବ ପଡ଼ିଥିଲା। ରାଜ୍ୟର ସମଗ୍ର ଉପକୂଳବର୍ତ୍ତୀ ଜିଲ୍ଲାରେ ଏହି ବାତ୍ୟା ଯୋଗୁଁ ଧାନ ଫସଲ ଉଜୁଡ଼ି ଯାଇଥିଲା। ଚଳିତ ବର୍ଷ ପୁଣି ଥରେ ଏହି ଆହ୍ୱାନ ସୃଷ୍ଟି ହୋଇଥିବା ବେଳେ ଚାଷୀଙ୍କ ପାଇଁ ଚିନ୍ତା ବଢ଼ିଛି। ତେଣୁ ସ୍ଥିତିକୁ ଦେଖି ଆଗୁଆ ଧାନ କାଟି ନିରାପଦ ସ୍ଥାନରେ ରଖିବାକୁ ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି।

### ସଂପ୍ରସାରଣ ହେବ...

ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ଅତ୍ୟନ୍ତ ଆବଶ୍ୟକ। ଏହାଦ୍ୱାରା ରାଜ୍ୟର ଆର୍ଥିକ ବିକାଶ ହେବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ତେବେ ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ କରାଯାଇ ସହମତି ଭିତ୍ତିରେ ଜମି ଅଧିଗ୍ରହଣ କରାଯିବ ବୋଲି ସେ କହିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଦବୀର ଜଣେ ଉଚ୍ଚ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ଲୋକଙ୍କ ସହିତ ଆଲୋଚନା ଜରିଆରେ ସବୁ ସମସ୍ୟାର ସମାଧାନ କରାଯିବ। ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍‌ଙ୍କ ସହଯୋଗ ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ ଉଭୟଙ୍କୁ ଧନ୍ୟବାଦ ଦେଇଥିଲେ। ବୈଠକରେ ରାଉରକେଲାରେ ଏୟାରପୋର୍ଟ ସ୍ଥାପନ ପାଇଁ ଜମି ଯୋଗାଣ ଏବଂ ଅନ୍ୟାନ୍ୟ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରକୁ ପିଟିପିଟି...

ରଖିଛି। ସେପଟେ ମୃତକର ଦେହରେ ଅନେକ କ୍ଷତ ଚିହ୍ନ ରହିଛି। ଅନ୍ୟପଟେ ମୃତକ ବାପିର ସ୍ତ୍ରୀ ପାର୍ବତୀ କୋହ୍ଲାର ଉଦଳା ଥାନାରେ ପହଞ୍ଚି ତାଙ୍କ ସ୍ୱାମୀଙ୍କୁ ନିର୍ଦ୍ଦୋଷରେ ପିଟିପିଟି ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ମୃତକ ବାପି ଏକ ଗ୍ୟାସ୍ ଦୋକାନରେ କାମ କରିବା ସହିତ ଗ୍ୟାସ୍ ଡେଲିଭରି କାମ ମଧ୍ୟ କରୁଥିଲା। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ଟଳିଲେ ଆଉ...

ଏସିଏମ କ୍ୟାଡରର ମାଓବାଦୀ ରହିଥିବା ବେଳେ ମୃତକଙ୍କ ମଧ୍ୟରେ ୪ ପୁରୁଷ ଓ ୩ ମହିଳା ମାଓବାଦୀ ରହିଛନ୍ତି। ଉକ୍ତ ସ୍ଥାନରୁ ୨ଟି ଏକେ ୪୭ ବନ୍ଧୁକ ସହ ମୋଟ ୮ଟି ବନ୍ଧୁକ ଓ ବହୁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ସେହିପରି ଆଜି ଆନ୍ଧ୍ର ପ୍ରଦେଶ ପୁଲିସ ବିଭିନ୍ନ ସ୍ଥାନରୁ ୫୦ ଜଣ ମାଓବାଦୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ତିନି ଜଣ ମାଓ ସଂଗଠନ ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟ, ୨୩ ଜଣ ପ୍ଲାଟୁନ ସଦସ୍ୟ, ୫ ଜଣ ଡିଭିଜନାଲ କମିଟି ସଦସ୍ୟ ଏବଂ ୧୯ ଜଣ ଏରିଆ କମିଟି ସଦସ୍ୟ ଥିବା ଜଣା ପଡିଛି। ଗିରଫ ମାଓବାଦୀଙ୍କ ମଧ୍ୟରୁ ଅନେକ ମୃତ ମାଓ କମାଣ୍ଡର ମାଡଭି ହିଡମାଙ୍କ ସହ ଘନିଷ୍ଠ ଭାବରେ ଜଡିତ ଥିଲେ ବୋଲି ଆନ୍ଧ୍ର ପ୍ରଦେଶ ପୋଲିସ କହିଛି। ମାଓ ସଙ୍ଗଠନ ନିଜର ଶେଷ ନିଶ୍ୱାସ ନେଉଥିବା ଇଣ୍ଟେଲିଜେନ୍ସ ଏଡିଜି ମହେଶଚନ୍ଦ୍ର ଲଡ୍ଡା କହିଛନ୍ତି।

### ଦାଦନ ଫେରନ୍ତା...

ସେଠାରେ ଉପସ୍ଥିତ ଥିବା ଯୁବକ କେଉଁଆଡେ ଯିବ ବୋଲି ଉକ୍ତ ଦମ୍ପତିଙ୍କୁ ପଚାରିଥିଲେ। ଦମ୍ପତି ବନ୍ଧୁଗାଁକୁ ବସ ପାଇଁ ଅପେକ୍ଷା କରିଛୁ ବୋଲି କହିଥିଲେ। ତେବେ ବଳାତ୍କାର ଅଭିଯୁକ୍ତ ବର୍ତ୍ତମାନ ଆଉ ବନ୍ଧୁଗାଁକୁ ବସ ମିଳିବ ନାହିଁ ଏବଂ ମୋ ଘରେ ରହିଯାଅ ବୋଲି ସେମାନଙ୍କୁ କହି ପ୍ରଥମେ ପିଡିତା ମହିଳାଙ୍କ ସ୍ୱାମୀଙ୍କୁ ନେଇ ଏକ ଦୋକାନରେ ଛାଡି ଟିଫିନ ଆଣି ଆସୁଛି କହି ସେଠାରୁ ଚାଲିଯାଇଥିଲେ। ସେଠାରୁ ଆସି ପୀଡ଼ିତାଙ୍କୁ କୋଇଲାପଡ଼ା ନିକଟସ୍ଥ ବୁଦାକୁ ନେଇ ବଳାତ୍କାର କରିଥିଲେ। ତେବେ ସ୍ତ୍ରୀ ଦୀର୍ଘ ସମୟ ଧରି ନ ଫେରିବାରୁ ସ୍ୱାମୀ ବସଷ୍ଟାଣ୍ଡ ଆସି ସ୍ତ୍ରୀକୁ ଖୋଜିଥିଲେ ମଧ୍ୟ ପାଇନଥିଲେ। ହେଲେ ସ୍ୱାମୀ ସ୍ତ୍ରୀକୁ ଖୋଜାଖୋଜି କରିବା ବେଳେ ପୀଡ଼ିତା କାନ୍ଦି କାନ୍ଦି ଆସୁଥିବା ଦେଖିବାକୁ ପାଇଥିଲେ। ଏହାପରେ ସ୍ତ୍ରୀ ସମସ୍ତ ଘଟଣା ସ୍ୱାମୀଙ୍କୁ ଜଣାଇବା ପରେ ଉଭୟ ଯାଇ ରାୟଗଡ଼ା ଟାଉନ ଥାନାରେ ଏତଲା ଦେଇଥିଲେ। ଏନେଇ ରାୟଗଡ଼ା ଏସଡିପିଓ ଗୌରହରି ସାହୁଙ୍କୁ ପଚାରିବାରୁ ପୀଡ଼ିତାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି କେସ ନଂ ୪୩୧ରେ ମାମଲା ରୁଜୁ କରି ସନ୍ଦେହରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରିବା ସହିତ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି। ମହିଳାଙ୍କ ବୟାନ ମୁତାବକ ଦୁଷ୍କର୍ମ ଘଟଣା ଘଟିଥିବା ସ୍ଥାନକୁ ଯାଇ ସେଠାରେ ତଦନ୍ତ କରାଯାଇଛି ବୋଲି ଏସ୍‌ଡିପିଓ ଶ୍ରୀ ସାହୁ କହିଛନ୍ତି।

---

**AFFIDAVIT**

By virtue of an affidavit sworn before the Executive Magistrate, Cuttack, dated-14/11/2025. I, **Roopesh Kumar Rout,** R/o- Ganju Market, Near SBI ATM Booth, Sector-22, UTC- Rourkela (ITS), PO: Rourkela-7, Dist-Sundargarh, Odisha, PIN-769007, declared that I have changed the name of my son from **Charles Prince Rout** to **Prince Rout.** Henceforth, he shall be known as **Prince Rout** for all purposes.

**Roopesh Kumar Rout**

**AFFIDAVIT**

I, Kailash Chandra Agrawal, S/o. Chiranjial Kharkawala, resident of Aradhana Apartment,Flat no. 1E, 1st floor, Biswanath lane, Balu Bazar, PS. Lalbag, Dist.-Cuttack, Odisha-753002 declare by this affidavit No..400 , dtd. 19.11.2025 that now onwards I shall be known as **KAILASH CHANDRA KHARKAWALA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Sohela dtd.12.11.2025, I Mamata Sahu, D/o- Yudhisthir Sahu, resident of Village- Kanakabira, Ps./Dist.- Bargarh, Pin-768030 state that, I have changed my name from **Mamata Duan** to **Mamata Sahu**. Henceforth I shall be known as **Mamata Sahu** for all future purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated 18.11.2025 I, DURYADHAN KARKARA, S/o- Late Prem Karkara, Vill.- Kurumakot, Po.- Tentulikhunti, Ps.- Tentulikhunti, Dist.- Nabarangpur, Odisha, Pin- 764070, declare that, I have changed the name of my daughter from **PAPA KARKARA** to **LIPSA KARKARA**. Henceforth, she shall be known as **LIPSA KARKARA** for all purposes.

Sd/- Duryadhan Karkara

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISON GAJAPATI PARLAKHEMUNDI**
**NATIONAL COMPETITIVE BIDDING THROUGH e-Procurcment**
**1ST Corrigendum to Tender Call Notice**
**Identification No. Online Tender 08/GJP/2025-26 T.O Letter No: 3024 Dtd: 29.10.2025**

O-1445

The tender for the works invited vide Tender Identification No. Online Tender 04/GJP/2024-25 is hereby modified as follows due to unavoidable circumstances. The modification dates are as below:

| Sl. No. | Item | Time Schedule as per Original TCN | Time schedule modified as per Corrigendum Notice |
|---|---|---|---|
| 1 | Availability of tender online for bidding. | Dt. 10.11.2025 at 10.00 A.M to 17.11.2025 up to 5.00 P.M. | Dt. 20.11.2025 at 10.00 A.M to 27.11.2025 up to 5.00 P.M |
| 2 | Date & Time of Opening of tender | Dt. 18.11.2025 at 11.00 A.M | Dt. 28.11.2025 at 11.00 A.M |

All other contents will remain unchanged.

Executive Engineer
R.W. Division, Gajapati

OIPR-

**CONFISCATION NOTICE OF TRACTOR & TROLLEY**

MM-289

It is to inform to all concerned through this publication that one Sonalika Tractor with Trolley bearing Regd. Number OR-07V-7237 Engine No. Not Visible , Chassis Number – Not Visible loaded with illicit forest produce i.e, Jamukoli Log- 7pcs=17.184cft, Kakapoi Logs-7 pcs=20.443cft & Acacia Logs=7pcs=8.804 cft on the PWD Road from Beguniapada Jn to Jharanai for illicit transportation of Forest Produce as above. The aforesaid forest produce along the above vehicle may be confiscated for its involvement in Forest Offence case No. UD Case No. 19 of 2020-21 of Khallikote Range for non-submission of reply to the show cause and non-attendance of the accused person owner thereof on the date of hearing fixed on 02.12.2022 before the Authorized Officer-cum- A.C.F, Brahmapur Division.

The final dated of hearing to the aforesaid cases is fixed to 26.11.2025 at 11.00 A.M in the forum of the Authorized Officer-cum- Assistant Conservator of Forests, Brahmapur Division for giving another opportunity of being heard in person in the matter. Failure to attend the hearing by any claimant/ accused on the date within 30 days from the dated of publication of this notice in reference to the above vehicle, the vehicle may be confiscated under Section 56 (2(b)) of the Odisha Forest Act, 1972 exparte.

**Authorized Officer-cum-A.C.F**
**Brahmapur Forest Division**

OIPR-

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH.**

O-1506

E-mail Id – eerw_deogarh@yahoo.co.in
**E-Procurement Notice**
**BID.IDENTIFICATION NO. SERWDGH-Online- 08/2025-26**

1. **No of building works** :- (06 Nos)
2. **Estimated cost:**- Approx. Rs.2.54 lakh to Rs.36.22 Lakhs each
3. **Mode of submission of tender:** -Tender shall be submitted online in www.tendersodisha.gov.in
4. **Availability of tender for online bidding:–21.11.2025, 10.00 A.M to 28.11.2025 up to 5.00 P.M**
5. **Date and time of opening of tender:–29.11.2025, 11.00 A.M**
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

**Superintending Engineer**
**R.W. Division, Deogarh**

OIPR-

**OFFICE OF THE NOTIFIED AREA COUNCIL: CHAMPUA**

C-1408

e-Mail: champuanac@gmail.com
No. 2590, Date: 04.11.2025
**e-Procurement Notice**

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**

| | | |
|---|---|---|
| 1. Tender Reference No | : | EOCHAMPUANAC-NO-58/2025-26 |
| 2. Tender I.D No: | : | |
| 3. Name of the Work | : | Civil Construction works as mentioned in website |
| 4. No. of works | : | 13 No. |
| 5. Estimated Cost | : | Rs. 1005078.00 to Rs. 544149.00 |
| 6. Period of Completion | : | 60 days |
| 7. Date &Time of Bidding | : | 06.11. 2025 to 17.11.2025 up to 5pm |
| 8. Last date & time for receipt Of bids in the portal | : | 17 .11.2025 up to 5pm |
| 9. Last date for Submission of documents | : | On or before 19 .11.2025 up to 5PM (By speed Post/ post) |
| 10. Bids received online shall be opened on dt. | : | 20 .11.2025 at 9.30 AM |
| 11. Name and address of the Officer inviting Bid | : | Executive Officer, Champua NAC |

Further details can be seen from the procurement portal i.e. www.tendersodisha.gov.in

Executive Officer
Champua NAC

OIPR-

**GOVERNEMENT OF ODISHA**
**AGRICULTURE DEPARTMENT**
**OFFICE OF THE EXECUTIVE ENGINEER (AGRIL.)**
**DHENKANAL DIVISION, DHENKANAL**
**No.1078/ Date 19.11.2025**
**INVITATION FOR BIDS (IFB)**
**e-procurement notice**

L-110

Bid Identification number / Tender call notice no. - EE (A)/D/D-03 of 2025-26

The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the project approximately from 8.00 lakhs to 42.00 lakh. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 21.11.2025 at 10.00 hours to 29.11.2025 at 05.00 PM. The bid will be opened on 01.12.2025 at 03.30 PM in the O/o Executive Engineer (Agril.), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.

**Email ID:-eeagri.dhenkanal.@gmail.com**

Executive Engineer (Agril)
Dhenkanal Division, Dhenkanal

OIPR-

**GOVERNMENT OF ODISHA,**
**DEPARTMENTOF WATER RESOURCES**
**Office of the Superintending Engineer,**
**Mechanical Division, Bhubaneswar.**

A-901

Email Address: smdivisionbbsr@yahoo.com
**e-Procurement Tender Call Notice No.- SE/MDB-11/W/2025-26**

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 04 (Four) |
| 3. | Category of executors | : | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Estimated Cost | : | ₹ 7,08,957.00 to ₹ 7,36,172.00 |
| 5. | EMD | : | Refer to DTCN |
| 6. | Cost of tender paper | : | Refer to DTCN |
| 7. | Period of Completion | : | Refer to DTCN |
| 8. | Date & time of availability of bid documents in the Portal | : | From dt.19.11.2025 (10.00 AM) to dt.01.12.2025(5.30 PM) |
| 9. | Last date/ time for receipt of bid in the Portal | : | dt.01.12.2025 (up to 5.30 PM) |
| 10. | Date and Place of opening of Bid | : | dt.02.12.2025 (12.00 Noon onwards in the O/O the undersigned) |
| 11. | Lottery | : | If required the date of lottery is to be intimated to the Qualified Bidders after evaluation. |
| 12. | Name of the Officer inviting bid | : | Superintending Engineer, Mechanical Division, Bhubaneswar |

Further details can be seen from the e-procurement portal **https://tendersodisha.gov.in.** Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

**Superintending Engineer,**
**Mechanical Division, Bhubaneswar**

OIPR-

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 17.11.2025, I Sanjukta Mohanta, W/o- Sanjaya Mohanta, resident at Kabata, Po-Lembo, Sub-Dist- Sukinda, Dist-Jajpur, Odisha, PIN-755018, declare that I have changed my son's name from Sridhartha Mohanta to Himanshu Mohanta. Henceforth, He shall be known as **HIMANSHU MOHANTA** for all future purposes.

**AFFIDAVIT**

I Aruna Kumara Acharya, S/o- Prakash Chandra Acharya resident of Muktamaladeipur Sasan, Po.- Banthapalli, Ps.- Polasara, Dist.- Ganjam, Pin-761104, Odisha, declare by this affidavit No. A-ii, Dated 18.11.2025 that now onwards I shall be known as **Arun Kumar Acharya** for all future purposes.

**AFFIDAVIT**

I, Someswar Singh(81) of Balijodi, PO: Sonaparbat, PS: Tangarpalli, Dist Sundargarh do hereby solemnly affirm and state that my name has been wrongly mentioned as SUMESHWAR SINGH in my Adhar Card(352286427342). Whereas my actual name is SOMESWAR SINGH in the educational certificate. Both the names stands for one and same person i.e. myself as per affidavit no A/10, dtd 19.11.2025.

**NOTICE**

By virtue of an affidavit sworn before Executive Magistrate Bangomunda I Tejabhanu Mahananda (48) S/o Nityananda Mahananda, Village : Bartunda, P.O: Kapilabhata, P.S: Bangomunda, Bolangir, Odish that I have changed my name from Tejabhanu Mahananda to Teju Mahananda Henceforth, I shall be known as Teju Mahananda for all purposes.

**NOTICE**

By virtue of an affidavit sworn before Notary Public, Balangir on 04.11.2025, I, Dhruba Kumar Jain, resident of:- Udaya Nagar, Po/Ps/Dist: Balangir,767001 (Odisha) declare that I have changed my name from Dhrub Kumar Jain to Dhruba Kumar Jain. Henceforth, I shall be known as Dhruba Kumar Jain for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-17/11/2025. I, **Trushnarani Dandsena** (new name) formerly called as Trusnarani Mohapatra (old name), D/o Mangilal Dandsena, Permanent resident of At-Swadhinpara, Titilagarh, PO-Titilagarh, PS- Titilagarh, Dist-Balangir (Odisha), PIN- 767033 now residing at the same place declare that I have changed my name from **Trusnarani Mohapatra** (old name) to **Trushnarani Dandsena** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Trushnarani Dandsena** (new name).

**Trushnarani Dandsena**

**AFFIDAVIT**

By virtue of an affidavit No.1034 before the Executive Magistrate, Chandahandi, Dist.: Nabarangpur on dtd.19.11.2025, I, Dinesh Sinha, Village-Telatandi, PO-Saradhapur, PS-Chandahandi, Dist.: Nabarangpur-764077 have changed my name from Dense Sinha to Dinesh Sinha. Henceforth, I shall be known as **Dinesh Sinha** for all purposes.

**AFFIDAVIT**

By virtue of an affidavit (CF No.147, dtd- 25/10/2025) sworn before the Executive Magistrate, Gaisilet. I, **Shyamamani Deep,** D/o Madhusudan Deep, permanent & current resident of AT/PO-Ganiapali, PS- Gaisilet, Dist-Bargarh, PIN- 768049, Odisha declare that I have changed my name from **Pritinanda Deep** (old name) to **Shyamamani Deep** (new name). Henceforth, I shall be known as **Shyamamani Deep** (new name) for all purposes.

**Shyamamani Deep**

**NOTICE**
**(above 18 years of age)**

By virtue of an affidavit sworn before the Notary Public, Sambalpur, I, Sairendri Choudhury, resident of Balerpada, Burla, PO/PS–Burla, Dist.: Sambalpur declare that I have changed my name from Sourendri Choudhury (old name) to Sairendri Choudhury (new name). Henceforth, I shall be known as **Sairendri Choudhury** for all purposes.

**Sd/- Sairendri Choudhury**

**AFFIDAVIT**

By virtue of an affidavit sworn before Executive Magistrate, Bhadrak vide No.1410, dt-16.08.2025, I, **Manas Ranjan Sankhua,** S/o Chakradhar Sankhua, resident of At-Nuapatna, PO- Grejidarada, PS/Dist- Bhadrak, PIN-756128, Odisha declare that I have change the name of my son from **Aditya Sankhua** to **M.P. Aditya.** Henceforth, he shall be known as **M.P. Aditya** for all future purposes.

**Manas Ranjan Sankhua**

**LOST**

I Smt. Hukumat Sahu, W/o-Pilulal Sahu, At/Po-Dumerdihi, Khariarroad, Dist. Nuapada. I have lost my original sale deed Sl. No. 419,plot. 350, 350/520 at the time of transit, after several trial I am unable to found the documents. If anyone finds it, please inform to this mob. No. 9668249884.

**Notice**
**(above 18 years of age)**

By virtue of an affidavit sworn before Notary Public, Bhubaneswar dated 15.11.2025, I RAJALXMI PRADHAN, aged about 47 years, D/o: Dhruba Charan Sahoo, permanent resident of: At: Suara, PO: Koiang, PS: Konark, Dist.: Puri, Odisha, PIN-752118, currently residing at: Plot No: 582/653, Ganganagar, Unit–6, Lingipur, PO: Sisupal PS: Dhauli, Bhubaneswar, Dist.: Khordha, Odisha, PIN–751002, Aadhar No: 4598 3863 6183, declare that I have changed my name from RAJALXMI PRADHAN to RAJALXMI DEI. Henceforth I shall be known as RAJALXMI DEI for all purposes.

**Rajalaxmi Dei**

**AFFIDAVIT**

By virtue of an affidavit No.1030 before the Executive Magistrate, Chandahandi, Dist.: Nabarangpur on dtd. 18.11.2025, I, Premanchal Nayak, Village-Sinapali, PO-Dandamunda, PS-Chandahandi, Dist-Nabarangpur, Pin-764077 have changed my name from Premchan Nayak to Premanchal Nayak. Henceforth, I shall be known as **Premanchal Nayak** for all purposes.

**AFFIDAVIT**

By virtue of this Affidavit before the Executive Magistrate, Bhubaneswar. **Dt.14.11.25**. I, **KSHETRA BASI BEHERA**, S/o-Budhia Behera, Resident of Kalyani Krushna Nagar Basti, Nuasahi, Nayapalli, Bhubaneswar, Khordha, Odisha-751012 declare that I have changed my name from **KSHETRAMANI BHOI** to **KSHETRA BASI BEHERA** as per my Aadhar card no- 2878 1652 3500. But it has been recorded as **KSHETRAMANI BHOI** in my LIC Policy Bearing No-586300817. **KSHETRA BASI BEHERA** and **KSHETRAMANI BHOI** is one and same identical person.

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated-19/11/2025. I, **Jijnyasa Jyotirjayasha Routray,** D/o Prasanna Kumar Routray, resident of Plot No. 398-G, Laxmi Nagar, Patia, Bhubaneswar, Dist- Khordha, PIN- 751024, Odisha declare that I have changed my name from **Jiynyasa Jyotirjayasha** to **Jijnyasa Jyotirjayasha Routray.** Henceforth, I shall be known as **Jijnyasa Jyotirjayasha Routray** (new name) for all purposes.

**Jijnyasa Jyotirjayasha Routray**

## ରାଜ୍ୟ ସରକାରଙ୍କ ୧୦ ନୂଆ ମାନଦଣ୍ଡ ଖାଉଟିଙ୍କ ପାଇଁ କଣ୍ଟା

# ଜିଲ୍ଲାରେ କଟିବ ୧.୮୬ ଲକ୍ଷ ରାସନକାର୍ଡ

ଭଦ୍ରକ,୧୯ ।୧୧(ସମିସ):

ଇ-କେୱାଇସି ବାଧ୍ୟତାମୂଳକ ପରେ ସରକାର ଏବେ ୧୦ ନୂଆ ମାନଦଣ୍ଡ ସ୍ଥିର କରିଛନ୍ତି । ଏହି ମାନଦଣ୍ଡ ଅନୁଯାୟୀ ଭଦ୍ରକ ଜିଲ୍ଲାରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଫଳରେ ହିତାଧିକାରୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ସୂଚନାଯୋଗ୍ୟ ଯେ, ଭଦ୍ରକ ଜିଲ୍ଲାରେ ୩ ଲକ୍ଷ ୪୩ ହଜାର ୯୩୨ ପରିବାରକୁ ରାସନ୍ କାର୍ଡ ମିଳିଛି । ୧୧ ଲକ୍ଷ ୫୩ ହଜାର ୯୧୦ ହିତାଧିକାରୀ ଚାଉଳ ପାଉଛନ୍ତି । ତେବେ ବର୍ତ୍ତମାନ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ୧୦ଟି ମାନଦଣ୍ଡକୁ ଆଧାର କରି ରାସନ୍ କାର୍ଡ ଯାଞ୍ଚ ପାଇଁ ପ୍ରସ୍ତୁତି ଚାଲିଛି । ଏଥିପାଇଁ ବ୍ଲକ୍‌ସ୍ତରୀୟ ଟିମ୍ ଗଠିତ ହୋଇଛି ଏବଂ ସଂପୃକ୍ତ ହିତାଧିକାରୀଙ୍କ ତାଲିକା ମଧ୍ୟ ହୋଇଛି । ଟିମ୍‌ରେ ପିଇଓ, ଏଡିଇଓ ଓ ଜେଇମାନେ ସାମିଲ ଅଛନ୍ତି । ଏହି ଟିମ୍ ଗାଁକୁ ଗାଁ ଯାଇ ରାସନ୍ କାର୍ଡ ଯାଞ୍ଚ କରିବେ । ତେବେ ସରକାରୀ ତାଲିକା ଅନୁସାରେ ଯାଞ୍ଚ ହେଲେ ଜିଲ୍ଲାର ପ୍ରାୟ ୧ ଲକ୍ଷ ୮୬ ହଜାର ରାସନ୍ କାର୍ଡ କଟିଯିବା ଆଶଙ୍କା ରହିଛି । ଫଳରେ ରାସନ୍ କାର୍ଡଧାରୀମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ସୂଚନାନୁଯାୟୀ, ଭଦ୍ରକ ବ୍ଲକ୍‌ରେ ୪୭ ହଜାର ୯୯୪ଜଣ ରାସନ୍ କାର୍ଡଧାରୀ ଥିବା ବେଳେ ୨୫ ହଜାର ୮୧୬ଟି କାର୍ଡର ଯାଞ୍ଚ ହେବ । ସେହିପରି ତିହିଡ଼ି ବ୍ଲକ୍‌ରେ ୪୯ ହଜାର ୬୧୭ ରାସନ୍ କାର୍ଡଧାରୀ ଥିବାବେଳେ ୩୦ ହଜାର ୯୯୯ କାର୍ଡ, ଧାମନଗର ବ୍ଲକ୍‌ରେ ୪୪ ହଜାର ୪୨୭ ରାସନ୍ କାର୍ଡଧାରୀ ଥିବାବେଳେ ୨୨ ହଜାର ୮୧୯ କାର୍ଡ ଯାଞ୍ଚ ହେବ, ଚାନ୍ଦବାଲି ବ୍ଲକ୍‌ରେ ୫୮ ହଜାର ୪୮୪ ରାସନ୍‌କାର୍ଡଧାରୀ ଥିବା ବେଳେ ୩୦ ହଜାର ୭୮୮ କାର୍ଡ, ବଡ଼ ବ୍ଲକ୍‌ରେ ୩୩ ହଜାର ୯୭୪ ରାସନ୍ କାର୍ଡଧାରୀ ଥିବବେଳେ ୨୦ ହଜାର ୩୬୭ କାର୍ଡ, ଭଣ୍ଡାରିପୋଖରୀ ବ୍ଲକ୍‌ରେ ୨୯ ହଜାର ୬୧୧ ରାସନ୍ କାର୍ଡଧାରୀ ଥିବାବେଳେ ୧୮ ହଜାର ୯୩୭ ରାସନକାର୍ଡ, ବାସୁଦେବପୁର ବ୍ଲକ୍‌ରେ ୫୨ ହଜାର ୯୭୬ ରାସନ୍ କାର୍ଡଧାରୀ ଥିବା ବେଳେ ୩୪ ହଜାର ୨୧୦ଟି କାର୍ଡର ଯାଞ୍ଚ ହେବ । ଏଥିସହିତ ଭଦ୍ରକ ପୌରପାଳିକାର ୧୭୫୪ଟି ଓ ବାସୁଦେବପୁର ପୌରପାଳିକାର ୮୨୫ଟି ରାସନ୍ କାର୍ଡର ମଧ୍ୟ ଯାଞ୍ଚ କରାଯିବ ବୋଲି ପ୍ରଶାସନ ସୂତ୍ରରୁ ଜଣାଯାଇଛି । ଅନ୍ୟପକ୍ଷରେ ଜିଲ୍ଲାରେ ଏଯାଏଁ ୫୩ ହଜାର ରାସନ୍ କାର୍ଡଧାରୀ ଇ-କେୱାଇସି କରିନାହାନ୍ତି । ଫଳରେ ଆହୁରି ଅନେକ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିବେ ବୋଲି ମଧ୍ୟ ଆକଳନ କରାଯାଉଛି । ତେବେ ସରକାରଙ୍କ ନୂଆ ମାନଦଣ୍ଡରେ ଋଣ କରିବାକୁ ଟ୍ୟାକ୍ସ ପୈଠ କରିଥିବା, ପିଏମ୍ କିଷାନରେ ପାଇଥିବା ଟଙ୍କା ଏବଂ ୧.୨୦ଏକର ଜମିଥିବା ରାସନକାଡଧାରୀଙ୍କ ଯାଞ୍ଚ ହେବା ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ଏହାର ପୁନର୍ବିଚାର ପାଇଁ ଦାବି ହୋଇଛି ।

**ଗଠନ ହୋଇଥିବା ଟିମ୍ ଗାଁ ଗାଁରେ କରିବ ଯାଞ୍ଚ**

## ବଢ଼ୁଛି ମାଙ୍କଡ଼ ଉପଦ୍ରବ; ଆକ୍ରମଣରେ ଯୁବକ ଆହତ

ବାରିକପୁର,୧୯ ।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଏବେ ମାଙ୍କଡ ଉପଦ୍ରବ ବଢ଼ିବାରେ ଲାଗିଛି । ବ୍ଲକର ରହଣିଆ, ମାଳଦା, ଷୋଳମପୁର, କୋରି ଗାଁ, ରଘୁନାଥପୁର, ବିରୋଳୀ ପ୍ରମୁଖ ସ୍ଥାନରେ ଦିନକୁ ଦିନ ମାଙ୍କଡଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଏବେ ଉକ୍ତ ଅଞ୍ଚଳରେ ପନିପରିବା ଆମଦାନୀ ସମୟ ହୋଇଥିବା ବେଳେ ଧାମନଗର ବ୍ଲକର ଆନନ୍ଦପୁର, ପାହଡପୁର, କାଞ୍ଜିଆପାଳ ଆଦି ଅଞ୍ଚଳରୁ ଏଠାକୁ ଅଧିକ ମାଙ୍କଡ ଆସୁଛନ୍ତି । ବିଶେଷ କରି ରହଣିଆ ଓ ମାଳଦା ଅଞ୍ଚଳରେ ବିଶେଷ ବୃଦ୍ଧି ପାଇଛି । ମାଙ୍କଡଙ୍କ ଉପଦ୍ରବ ଯୋଗୁଁ ଲୋକେ ଅତିଷ୍ଠ ହେଲେଣି । ସୂଚନା ମୁତାବକ ରାଢୋ ଗ୍ରାମର ଶରତ ଧଳ ସୋମବାର ମାଳଦାରୁ ଘରକୁ ଫେରୁଥିବା ବେଳେ ଏକ ମାଙ୍କଡ ଦଳ ମଧ୍ୟରୁ ଗୋଟିଏ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା । ଫଳରେ ଶରତ ବାଇକ୍‌ରୁ ରାସ୍ତା ଉପରେ ପଡି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଯାଜପୁର ମେଡିକାଲରେ ଭର୍ତ୍ତି କରିଥିଲେ । ଏବେ ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ମାଙ୍କଡଙ୍କୁ ଘଉଡାଇବା ପାଇଁ ଉଦ୍ୟମ କଲେ ସେମାନେ ପାଲଟା ଆକ୍ରମଣ ପାଇଁ ମାଡି ଆସୁଛନ୍ତି । ଏଥିପାଇଁ କିଛି ଲୋକ ଖଣ୍ଡିଆ ଖାବରା ହେଉଛନ୍ତି । ତେଣୁ ଏହା ଉପରେ ଜଙ୍ଗଲ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି ।



## ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍ମୃତିସଭା




ଧାମନଗର,୧୯ ।୧୧(ସମିସ): ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ଷୋଳଗାଁର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଚୈତନ୍ୟଚରଣ ଲେଙ୍କାଙ୍କ ଏକାଦଶାହରେ ତାଙ୍କ ବାସଭବନରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ଭାବଗ୍ରାହୀ ଖୁଣ୍ଟିଆଙ୍କ ସଂଚାଳନାରେ ଅନୁଷ୍ଠିତ ସ୍ମୃତି ସଭାରେ ବର୍ଷିୟାନ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, କଳାକାର ସଂଘ ଜିଲ୍ଲା ସଭାପତି ସୁବାଷ ଚନ୍ଦ୍ର ମଲ୍ଲିକ, ସମାଜସେବୀ ମାୟାଧର ପଣ୍ଡା, କଂଗ୍ରେସ ନେତା ଅଭିଷେକ ରାଉତ, ଶିକ୍ଷାବିତ ଭାସ୍କର ସାମଲ, ରାଜେନ୍ଦ୍ର ଖୁଣ୍ଟିଆ, ସରପଂଚ ପ୍ରୀତମ ଦାସ, ସମିତି ସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଅଧ୍ୟାପକ ଲୋକେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ ସେ ସ୍ୱଭାବରେ ଜଣେ ଶାନ୍ତ, ସରଳ, ନମ୍ର ବ୍ୟକ୍ତିତ୍ୱ ସହିତ ଜଣେ ଆଦର୍ଶ ଓ ଛାତ୍ର ବତ୍ସଳ ଶିକ୍ଷକ ଭାବରେ ପରିଚିତ ଥିଲେ । ଶିକ୍ଷକତା ସହିତ ସାହିତ୍ୟ ଓ କଳା ଜଗତରେ ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । ଦେବବ୍ରତ ଲେଙ୍କା, ସୌମ୍ୟରଞ୍ଜନ ଲେଙ୍କା, ତାପସ ଲେଙ୍କା, ଦିପ୍ତୀରଞ୍ଜନ ଲେଙ୍କା, ପ୍ରଭାସ ଲେଙ୍କା, ସୁବ୍ରତ ଲେଙ୍କା ଓ ପରିବାର ବର୍ଗଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

**ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମାଣ ପ୍ରସଙ୍ଗ**

## ଉଚ୍ଛେଦ ବିଳମ୍ବ; ରାସ୍ତା ନିର୍ମାଣ ଅଧପନ୍ତରିଆ

ବନ୍ତ/ଆଗରପଡ଼ା,୧୯ ।୧୧(ସମିସ): ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ ହେଉଥିବାରୁ ବନ୍ତ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମାଣ ହୋଇପାରୁନାହିଁ । ଏପରିକ ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ମଙ୍ଗୁଲି ଠାରୁ ଗଣିଜାଙ୍ଗ ଭାୟା ଗୋପାଳପୁର, ଆମ୍ବଗଡ଼ିଆ ଯାଇଥିବା ୮.୫୦୦ କିମି ଦୂରତ୍ୱ ବିଶିଷ୍ଟ ରାସ୍ତାର ନିର୍ମାଣରେ । ବାରମ୍ବାର ଉକ୍ତ ରାସ୍ତାକୁ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଗତ ଅକ୍ଟୋବରରେ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ରାସ୍ତା ପ୍ରଶସ୍ତିକରଣ ଯୋଗୁଁ ନିର୍ମାଣରେ ବାଧା ଉପୁଜିଥିଲା । ପରେ ପ୍ରଶାସନ ପକ୍ଷରୁ ସୀମା ଚିହ୍ନଟ କରାଯାଇଥିଲେ ସୁଦ୍ଧା ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ ଘଟୁଥିବାରୁ ନିର୍ମାଣ କାର୍ଯ୍ୟ ଆଗେଇ ନ ପାରି ଅଧପନ୍ତରିଆ ଅବସ୍ଥାରେ ବର୍ଷେ କାଳ ହେବ ପଡ଼ିରହିଥିଲା । ଫଳରେ ବଜୁରି ଓ ମେଟାଲ ବିଛା ରାସ୍ତାରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୍ରକାଶ ଥାଉକି; ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ମଙ୍ଗୁଲିଠାରୁ ଗଣିଜାଙ୍ଗ ଭାୟା ଗୋପାଳପୁର, ଆମ୍ବଗଡ଼ିଆ ଯାଇଥିବା ୮.୫୦୦ କିମି ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଥିଲା । ରାସ୍ତାରୁ ପିଚୁ ଉଠି ଖାଲଖମାରେ ପରିଣତ ହେବା ଦ୍ୱାରା ଅସରାଏ ବର୍ଷାରେ ରାସ୍ତାରେ ଆଣ୍ଠୁଏ ଲେଖାଏର୍ ପାଣି ଜମି ରହୁଥିଲା । ଫଳରେ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ଠାରୁ ବୃଦ୍ଧବୃଦ୍ଧା ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ରାସ୍ତା ଉକ୍ତ ଅଞ୍ଚଳ ପାଇଁ ମୁଖ୍ୟ ରାସ୍ତାଥିବାରୁ ଏହା ସାବିତ୍ରୀ ପୀଠ, ଓଡ଼ଙ୍ଗ, ଆଗରପଡ଼ା, ଟିଲୋ, କାଦବରାଙ୍ଗ ଓ ଅନ୍ୟଏକ ପାଶ୍ୱର୍ ଗୋପାଳପୁର, ଗଣିଜାଙ୍ଗ ଦେଇ ମୁଖ୍ୟ ରାସ୍ତାକୁ ସଂଯୋଗ କରିଛି । ଉକ୍ତ ରାସ୍ତା ଦେଇ ମଧ୍ୟ ବହୁସଂଖ୍ୟାରେ ଦୁଇଚକିଆ ଓ ଚାରିଚକିଆ ଯାନବାହାନ ଯାତାୟତ କରିଥାଏ । ଉକ୍ତ ରାସ୍ତା ଦେଇ ଲୋକେ ମୁଖ୍ୟ ରାସ୍ତାରେ ପହଞ୍ଚିବା ସହ ଜିଲ୍ଲା ଓ ବ୍ଲକ ସଦର ମହକୁମାକୁ ଯାତାୟତ କରିଥାନ୍ତି । ବର୍ଷା ଦିନେ ପିଲା ମାନେ ବିଦ୍ୟାଳୟ ଯିବା ସହ ଅନ୍ୟାନ୍ୟ ପଥଚାରୀ ସମସ୍ୟାରେ ପଡୁଥିଲେ । ଜରୁରୀ ସ୍ଥିତିରେ ଦମକଳ କିମ୍ବା ଆମ୍ବୁଲାନ୍ସ ଯାତାୟତରେ ସମସ୍ୟା ସାଜୁଥିଲା । ବର୍ତ୍ତମାନ ଅଧାପନ୍ତରିଆ ଅବସ୍ଥାରେ ଥିବା ରାସ୍ତା ମଧ୍ୟ ଗମନାଗମନରେ ବାଧା ସୃଷ୍ଟି କରୁଛି । ତେଣୁ ସୀମା ଚିହ୍ନଟ ସରିବା ପରେ ପ୍ରଶାସନ ପକ୍ଷରୁ ରାସ୍ତାକୁ ଅବରୋଧ କରି ରହିଥିବା ବ୍ୟକ୍ତିବିଶେଷଙ୍କୁ ନୋଟିସ ଜାରି କରାଯାଇଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ରାସ୍ତା ନିର୍ମାଣରେ ବିଳମ୍ବ ହେଉଛି । ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ପ୍ରଶାସନ (ତହସିଲ) ର ସହଯୋଗ ଯେତେ ଶୀଘ୍ର ମିଳିବ ରାସ୍ତା ନିର୍ମାଣ ଆରମ୍ଭ ହେବ ବୋଲି କହିଛନ୍ତି । ଛୟାଳସିଂହ ରାଜସ୍ୱ ନିରୀକ୍ଷକଙ୍କୁ ଯୋଗଯୋଗ କରିବାରୁ ଖୁବ୍ ଶୀଘ୍ର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ । ତେଣୁ ବିଭାଗୀୟ ଅଧିକାରୀ ଯଥାଶୀଘ୍ର ଉକ୍ତ ରାସ୍ତା ନିର୍ମାଣରେ ଲାଗିରହିଥିବା ସମସ୍ୟାର ସମାଧା ।ନ କରି ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା ରାସ୍ତାକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

**ବଜୁରି ଓ ମେଟାଲ ବିଛା ରାସ୍ତାରେ ବାଟୋଇ ଦହଗଞ୍ଜ**



## ଆଦର୍ଶ ଶିକ୍ଷକ ଗୌରାଙ୍ଗ ଦାସଙ୍କୁ ଶ୍ରଦ୍ଧାଞ୍ଜଳି



ବନ୍ତ/ଆଗରପଡ଼ା,୧୯ ।୧୧(ସମିସ): ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ହାସିନପୁର (ଦାସସାହି) ଗାଁର ଛାତ୍ରବତ୍ସଳ ତଥା ଆଦର୍ଶ ଶିକ୍ଷକ ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନ ଓ ଶିକ୍ଷାବିତ୍ ଜଗନ୍ନାଥ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଚର୍ତ୍ତୁଭୂଜ ପହି, କୀର୍ତ୍ତନବିହାରୀ ନାୟକ, ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଲେଙ୍କା, ଶିକ୍ଷାବିତ୍ ଖଗେଶ୍ୱର ପଣ୍ଡା, ନିତ୍ୟାନନ୍ଦ ଜେନା, ପ୍ରଧାନଶିକ୍ଷକ ରମାକାନ୍ତ ରାଉତ୍, ବନ୍ତ କଲେଜ ପ୍ରାକ୍ତନ ପ୍ରାଧ୍ୟାପକ ହୃଷିକେଶ ଗିରି, ପ୍ରାକ୍ତନ ବ୍ୟାଙ୍କ୍ ଅଧିକାରୀ ରତ୍ନାକର ଦାଶ, ସମାଜସେବୀ ଭୀମସେନ ସାମଲ, ଅଣାକାର ମଲ୍ଲିକ, ଜଗନ୍ନାଥ ପାଣିଗ୍ରାହୀ, ତପସ୍ୱନୀ ପହି, ସ୍ଥାନୀୟ ସରପଞ୍ଚ ରଶ୍ମିତା ସେଠୀ, ସମିତିସଭ୍ୟ ମନୋରଞ୍ଜନ ସେଠୀ, ସେବାସମବାୟ ସଭାପତି ରଞ୍ଜନ କୁମାର ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦେଇ ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସ ଜଣେ ଆଦର୍ଶ ଶିକ୍ଷକ ଓ ଛାତ୍ର ବତ୍ସଳ ଥିଲେ ବୋଲି କହିଥିଲେ । ପ୍ରାରମ୍ଭରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସେ ଛୟାଳସିଂହ ପଞ୍ଚାୟତ ଗଣ୍ଡକୁରା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଥିଲେ । ଗତବର୍ଷ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା ।

**୨୩ରୁ ଏବିଭିପିର ସ୍ୱର୍ଣ୍ଣଜୟନ୍ତୀ**

## ଅଧିବେଶନରେ ଯୋଗଦେବେ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରନେତା




ଭଦ୍ରକ,୧୯ ।୧୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡିଶା ପୂର୍ବ ପ୍ରାନ୍ତ ତରଫରୁ ଭଦ୍ରକରେ ଆସନ୍ତା ୨୩ରୁ ୨୫ ଯାଏ ଅନୁଷ୍ଠିତ ହେବ ସ୍ୱର୍ଣ୍ଣ ଜୟନ୍ତୀ ଅର୍ଥାତ ୫୦ତମ ରାଜ୍ୟ ଅଧିବେଶନ । ଏହି ରାଜ୍ୟ ଅଧିବେଶନରେ ଓଡିଶା ପୂର୍ବ ପ୍ରାନ୍ତର ୨୩ ଟି ସାଙ୍ଗଠନିକ ଜିଲ୍ଲାରୁ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରନେତା, ଅଧ୍ୟାପକ ଓ ଶିକ୍ଷାବିତ୍ ଯୋଗଦେବେ । ଏହି ଅଧିବେଶନରେ ଏବିଭିପିର ରାଜ୍ୟସ୍ତରୀୟ ପଦାଧିକାରୀଙ୍କ ନିର୍ବାଚନ ହେବା ସହିତ ନୂତନ ରାଜ୍ୟ କାର୍ଯ୍ୟକାରିଣୀ ଘୋଷଣା କରାଯିବ । ଏଥିସହିତ ଶିକ୍ଷା ଓ ସାମାଜିକ ସ୍ଥିତିର ଉନ୍ନତି ଏବଂ ସୁଧାରିକରଣ ନିମନ୍ତେ ପ୍ରସ୍ତାବ ଦ୍ୱୟ ଛାତ୍ରନେତାଙ୍କ ଦ୍ୱାରା ପାରିତ ହେବ । ଛାତ୍ରସଂସଦ ନିର୍ବାଚନ ଓ ଶିକ୍ଷାର ବିଭିନ୍ନ କ୍ୟାମ୍ପସରେ ଶିକ୍ଷାର ବିଭିନ୍ନ ବିଷୟରେ ଚର୍ଚ୍ଚା ଓ ଆଲୋଚନା ହେବା ସହିତ ଆଗାମୀଦିନରେ ଏବିଭିପି ଓଡିଶାର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଚର୍ଚ୍ଚା ହେବ । ଏହି ଅଧିବେଶନରେ ଭଦ୍ରକ ନଗରର ୧୫୦୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ଆରମ୍ଭ ହେବ । ରାଜ୍ୟର ଛାତ୍ରନେତାଙ୍କ ଦ୍ୱାରା ଖୋଲା ମଞ୍ଚରୁ ଉଦବୋଧନ ରହିବ । ଏହି ଅଧିବେଶନ ଆସନ୍ତା ୨୩,୨୪ ଓ ୨୫ ଡିସେମ୍ବର ୨୦୨୫ ଭଦ୍ରକ ସ୍ଥିତ ଗାନ୍ଧି ପଡିଆରେ ଅନୁଷ୍ଠିତ ହେବ । ଜିଲ୍ଲାର ସମସ୍ତ କାର୍ଯ୍ୟକର୍ତ୍ତା ଏହି ଅଧିବେଶନ ପାଇଁ ପ୍ରସ୍ତୁତିରେ ନିୟୋଜିତ ଅଛନ୍ତି । ଏହି ପରିପ୍ରେକ୍ଷୀରେ ବୁଧବାର ରାଜ୍ୟ ଅଧିବେଶନ ନିମିତ୍ତ ପୋଷ୍ଟର ଉନ୍ମୋଚନ କରାଯାଇଛି । ଏହି ସୁବର୍ଣ୍ଣ ଜୟନ୍ତୀ ରାଜ୍ୟ ଅଧିବେଶନ ଦ୍ୱାରା ବିଦ୍ୟାର୍ଥୀ ସମାଜରେ ଏକ ରାଷ୍ଟ୍ରବାଦର ବାର୍ତ୍ତା ସାରା ରାଜ୍ୟବ୍ୟାପୀ ଯିବ ବୋଲି ରାଜ୍ୟ ସମ୍ପାଦକ ଦୀପ୍ତିମୟୀ ପ୍ରତିହାରୀ ନିଜର ମତ ରଖିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାବିଷ୍କାର ସହ ସଂଯୋଜକ ଦେବୀ ପ୍ରସାଦ ଦାଶ, ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ଜିଲ୍ଲା ସହ ପ୍ରମୁଖ ଜ୍ୟୋତି ପ୍ରକାଶ ସାହୁ, ବିଭାଗ ଏସଏଫଡି ପ୍ରମୁଖ ସୁଶ୍ରୀ ମାଧୁରୀ ରାଉତ, ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ସହ ସଂଯୋଜିକା ପୂଜା ରାଣୀ ମଲ୍ଲିକ, ବିଶ୍ୱନାଥ ଲାହା, ହିମାଂଶୁ ମହାରଣା, ଶୁଭମ ରାଉତ, ସତ୍ୟବ୍ରତ ପଣ୍ଡା, ରଶ୍ମିରଞ୍ଜନ ମହାନ୍ତି, ପ୍ରିତିକାନ୍ତ ଜେନା, ଗୋପୀକ୍ରୀଷ୍ଣା ବାରିକ, ରଞ୍ଜୁଲତା ପୁଟିଆ, ଶୁଭମ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଅନଲାଇନ ଗେମ୍: ଗାଁ ସାରା ଆକାଉଣ୍ଟ ହେଲା ଫ୍ରିଜ୍

ବନ୍ତ/ଆଗରପଡ଼ା,୧୯ ।୧୧(ସମିସ): ଅନଲାଇନ ଗେମ୍ ଖେଳି ଜଣେ ରୋଜଗାର କଲା ଟଙ୍କା; ହେଲେ ଗାଁ ସାରା ଲୋକଙ୍କ ଆକାଉଣ୍ଟ ଫ୍ରିଜ ହୋଇଗଲା । ତେବେ ଅନଲାଇନ୍ ଗେମ୍‌ରୁ ଟଙ୍କା ଯେଉଁସବୁ ଆକାଉଣ୍ଟକୁ ଯାଇଛି ସେହି ଆକାଉଣ୍ଟଗୁଡ଼ିକ ଫ୍ରିଜ ହୋଇଥିବା ଜଣାପଡ଼ିଛି । ଗାଁର ପ୍ରାୟ ୨୫ଟି ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଆକାଉଣ୍ଟ ଫ୍ରିଜ ହୋଇଛି । ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅଳଡତୀ ଗାଁରେ ଏପରି ସ୍ଥିତି ଦେଖିବାକୁ ମିଳିଛି । ଅଧିକାଂଶ ଲୋକ ଏବେ ନିଜ ଋଣ ଟଙ୍କା ପୈଠ କରି ନ ପାରି ଋଣ ଖିଲାପକାରୀ ହୋଇଛନ୍ତି । ତେବେ ଏହି ଗାଁରେ ଏକ ଜନସେବା କେନ୍ଦ୍ରକୁ କେହି ଅନଲାଇନ୍ ଗେମରୁ ମିଳିଥିବା ଟଙ୍କା ପଠାଇଥିଲେ ଓ ସେହି ଆକାଉଣ୍ଟରୁ ଗାଁର ଯେଉଁସବୁ ଆକାଉଣ୍ଟକୁ ଟଙ୍କା ଯାଇଛି ସେହି ଆକାଉଣ୍ଟଗୁଡିକ ଫ୍ରିଜ ହୋଇଛି । ସଂପୃକ୍ତ ଜନସେବା କେନ୍ଦ୍ର ପରିଚାଳକ ଭୁବନେଶ୍ୱର ସାଇବର କ୍ରାଇମ ସେଲରେ ଅଭିଯୋଗ କରିବା ପରେ ତାଙ୍କ ଆକାଉଣ୍ଟକୁ ଫ୍ରିଜ୍ ଆଉଟ୍ କରାଯାଇଛି । ମାତ୍ର ଜନସେବା କେନ୍ଦ୍ରରୁ ଯେଉଁମାନଙ୍କୁ ଟଙ୍କା ଯାଇଛି ସେମାନଙ୍କ ଆକାଉଣ୍ଟ ଫ୍ରିଜ ହୋଇଯାଇଛି । ଫ୍ରିଜ ଆକାଉଣ୍ଟଧାରୀମାନେ ସରକାର ଓ ପ୍ରଶାସନର ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି ।

## ମହତାବଙ୍କ ଜନ୍ମ ଶତବାର୍ଷିକୀ



ବନ୍ତ/ଆଗରପଡ଼ା,୧୯୧୧(ସମିସ): ଆଗରପଡ଼ା ଡିଗ୍ରୀ କଲେଜରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ଡ.ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଡ. ହରେକୃଷ୍ଣ ମହତାବ ସ୍ମାରକୀ ପରିଷଦ ଜିଲ୍ଲା ସଭାପତି ଡ.ଭାଗବତ ତ୍ରିପାଠୀ, ଡ.କ୍ଷିରୋଦ ସାମଲ ଯୋଗଦେଇ ଡ.ମହତାବଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ଡ.ହରିହର ଦାଶ, ଅଧ୍ୟାପକ ବିଜୟ ସେଣ୍ଠ, ଅଧ୍ୟାପକ ବ୍ରଜମୋହନ ପତି ପ୍ରମୁଖ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ । ଅଧ୍ୟକ୍ଷ ନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧ୍ୟାପିକା ସାବିତ୍ରୀମଂଜରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ




ଭଦ୍ରକ,୧୯ ।୧୧(ସମିସ): ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ଦଳୀୟ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛ । ଏହି ଅବସରରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ଭଦ୍ରକ ଟାଉନ ସଭାପତି ଅବଦୁଲ ମୋକିତ ଖାଁ, ପିସିସି ଅନୁସୂଚିତ ଜାତି ବିଭାଗ ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ରାଜ୍ୟ ସମ୍ପାଦକ ରଞ୍ଜନ ଜେନା, ଆରଜିପିଆରଏସର ରାଜ୍ୟ ସମ୍ପାଦକ ପ୍ରଦ୍ୟୁମ୍ନ ଦାସ, ନାରୀନେତ୍ରୀ ଶର୍ମିଷ୍ଠା ପଣ୍ଡା, ଶେଖ ହାସିନା, ବରିଷ୍ଠ ନେତା ରାଜୁ ପ୍ରସାଦ ରାୟ, ଯୁବ ନେତା ଇଲିଆସ ଖାଁ, ହାଡିବନ୍ଧୁ ବିଶ୍ୱାଳ, ଯୁବ ନେତା ବିଜୟ ବାରିକ, ଦୀନବନ୍ଧୁ ଦାସ, ଯୁବନେତା ମନୋଜ ମଲ୍ଲିକ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

**ବାଗ୍ମୀ ଅଧ୍ୟାପକ ଡ. ପୀତାମ୍ବର ସ୍ୱାଇଁଙ୍କ ୯୪ତମ ଜୟନ୍ତୀ ସମାରୋହ**

## 'ପୀତାମ୍ବର ଥିଲେ ସଂସ୍କୃତିର ଦୀପଶିଖା ଓ ମୂଲ୍ୟବୋଧର ମଡେଲ୍'

ଭଦ୍ରକ,୧୯ ।୧୧(ସମିସ):

ବିଶିଷ୍ଟ ବାଗ୍ମୀ ଅଧ୍ୟାପକ ଡ. ପୀତାମ୍ବର ସ୍ୱାଇଁ ଥିଲେ ଓଡ଼ିଆ ଭାଷା-ସାହିତ୍ୟ ଓ ସଂସ୍କୃତିର ଉଜ୍ଜ୍ୱଳ ଦୀପଶିଖା । ତାଙ୍କ ଜୀବନ ଆଦର୍ଶ ମୂଲ୍ୟବୋଧ ଭିତ୍ତିକ ଥିଲା । ସେ ଥିଲେ ଓଡ଼ିଆ ଅସ୍ମିତା ଏବଂ ଜଗନ୍ନାଥ ଚେତନାର ଅଦ୍ୱିତୀୟ ପ୍ରହରୀ । ଉତ୍କଳୀୟ ଧର୍ମ-ଦର୍ଶନ ଓ ସଂସ୍କୃତିର ସୈନିକ ଭାବେ ତାଙ୍କ ଆଦର୍ଶକୁ ଆଜିର ପିଢ଼ି ଅନୁସରଣ କଲେ ଜାତୀୟ ଅସ୍ମିତା ଅକ୍ଷୁଣ୍ଣ ରହିପାରିବ ବୋଲି ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ପ୍ରବୀଣ ବାଗ୍ମୀ, ଭଞ୍ଜ ସାହିତ୍ୟର ତଥା ଓଡ଼ିଆ ମାଟି-ମଣିଷ ଗବେଷଣାର ଭଗୀରଥ ଅଧ୍ୟାପକ ଡ. ପୀତାମ୍ବର ସ୍ୱାଇଁଙ୍କ ୯୪ତମ ଜୟନ୍ତୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ସ୍ମୃତିସଂସଦ ସଭାପତି ଡ.ଶଶଧର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ବିଶିଷ୍ଟ ଓଡ଼ିଆ କଥାକାର ଓ ଶିଶୁ ସାହିତ୍ୟିକ କୃପାସାଗର ସାହୁ ଯୋଗଦେଇଥିଲେ ବ୍ୟକ୍ତିର ଅସ୍ମିତା ଜୀବଚର୍ଯ୍ୟାର ମୂଳାଧାର ହେବା ଉଚିତ ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ 'ନିତିଦିନ'ର ସଂପାଦକ ମନୋଜ ମହାପାତ୍ର 'ସମ୍ବାଦପତ୍ର: କେତେ ଚାପମୁକ୍ତ' ବିଷୟରେ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ । ଏହି ଅବସରରେ ଟିଟଲାଗଡ଼ ଡିଏଭି ସ୍ୱୟଂଶାସିତ କଲେଜର ପୂର୍ବତନ ଅଧ୍ୟକ୍ଷ, ପ୍ରସିଦ୍ଧ ବାଗ୍ମୀ ଓ ସ୍ତମ୍ଭକାର ଡ଼. ଛାୟାକାନ୍ତ ଷଡ଼ଙ୍ଗୀଙ୍କୁ "ଡ଼. ପୀତାମ୍ବର ସ୍ୱାଇଁ ରାଜ୍ୟସ୍ତରୀୟ ବାଗ୍ମୀତା ସମ୍ମାନ' ଏବଂ ବରିଷ୍ଠ ସାହିତ୍ୟିକ ଅର୍ଜୁନ ଚରଣ ପଣ୍ଡାଙ୍କୁ ଜିଲ୍ଲାସ୍ତରୀୟ ବିରଳ ବ୍ୟକ୍ତିତ୍ୱ ସମ୍ମାନ ପ୍ରଦାନ କରାଯାଇଥିଲା । ଦିବା ଅଧିବେଶନରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ଡ. ବିଶ୍ୱରଂଜନ ଦାସ ସମ୍ପାଦକୀୟ ବିବରଣୀ ଏବଂ ଅଧ୍ୟାପକ ଡ. ଅଭୟ କୁମାର ଦାସ ଅତିଥି ପରିଚୟ ଦେଇଥିଲେ । ଅଧ୍ୟାପିକା ଡ. ମମତା ସାହୁ ଓ ଅଧ୍ୟାପିକା ଉଷାରାଣୀ ଜେନା ମାନପତ୍ର ପାଠ କରିଥିଲେ । ସଦସ୍ୟ ଅଧିବକ୍ତା ନିତ୍ୟାନନ୍ଦ ଦାସ, ଡ.ବଳରାମ ମିଶ୍ର, କବି ହୃଦା ହୃଦାନନ୍ଦ ପାଣିଗ୍ରାହୀ, ଶିକ୍ଷାବିତ୍ ଗୋବର୍ଦ୍ଧନ ସାମଲ, ଇଂ. ଅରୁଣ କୁମାର ପାତ୍ର, କୋଷାଧ୍ୟକ୍ଷ ଶ୍ରୀହର୍ଷ ସ୍ୱାଇଁ, ପ୍ରଦୋଷ ସ୍ୱାଇଁ, ଦୀପକ ସ୍ୱାଇଁ, ରବିନାରାୟଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟତମ ସଦସ୍ୟ ଶିକ୍ଷାବିତ ରତିକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

**ଡ. ଛାୟାକାନ୍ତ ଷଡ଼ଙ୍ଗୀଙ୍କୁ ରାଜ୍ୟସ୍ତରୀୟ ବାଗ୍ମିତା ସମ୍ମାନ**



## ଧୂଷୁରୀ ଏରିଆ ହସ୍ପିଟାଲରେ ଅବ୍ୟବସ୍ଥା; ସାଧାରଣରେ ଅସନ୍ତୋଷ

ଅସୁରାଳି,୧୯ ।୧୧(ସମିସ):ଧୂଷୁରୀ ଏରିଆ ହସ୍ପିଟାଲରେ ଚାଲିଥିବା ଅବ୍ୟବସ୍ଥା ପାଇଁ ଜନସାଧାରଣ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ ସେବିକା ଓ ଔଷଧ ବିତରଣ କର୍ମଚାରୀଙ୍କ ଅଭାବରେ ରୋଗୀମାନେ ଦିନକୁ ଦିନ ଅସୁବିଧାରେ ପଡୁଛନ୍ତି। ସକାଳୁ ଲମ୍ବା ଲାଇନ୍ ଲାଗିଥିଲେ ମଧ୍ୟ ଔଷଧ ବିତରଣ କରୁଥିବା କର୍ମଚାରୀ ଉପସ୍ଥିତ ନଥିବାରୁ ଜଣେ ଡାକ୍ତର ରୋଗୀ ଦେଖି ସାରିବା ପରେ ନିଜେ ଔଷଧ ଦେବାକୁ ବାଧ ହେଉଛନ୍ତି। ଏହାର ପରିଣାମରେ ରୋଗୀଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଡାକ୍ତରଖାନାରେ ୩ଜଣ ଡାକ୍ତର ଆବଶ୍ୟକ ହେଉଥିବାବେଳେ ମାତ୍ର ଜଣେ ଅଛନ୍ତି। ସେହିପରି ଫାର୍ମାସିଷ୍ଟ ୨ ଜଣ ଆବଶ୍ୟକ ଥିବା ବେଳେ ଜଣେ ଅଛନ୍ତି। ନର୍ସିଂ ଷ୍ଟାଫ୍ ୩ ଜଣ ବଦଳରେ ୨ ଜଣ ଅସ୍ଥାୟୀ ଭାବେ ନିଯୁକ୍ତି ହୋଇଛନ୍ତି। ସେଥିମଧ୍ୟରୁ ଜଣେ ଆସୁଥିବା ବେଳେ ଆଉ ଜଣେ ଆସୁନାହାନ୍ତି। ଆଟେଣ୍ଡାଣ୍ଟଙ୍କ ଆବଶ୍ୟକ ଥିବା ବେଳେ ସେହି ପଦରେ କେହି ନାହାନ୍ତି। ଧୂଷୁରୀ ଏରିଆ ହସ୍ପିଟାଲ ଉପରେ ଧୂଷୁରୀ ଅଞ୍ଚଳର ୨୦ ପଞ୍ଚାୟତ ସହିତ ପଡ଼ୋଶୀ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ୮-୧୦ ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ଏହା ସତ୍ତ୍ୱେ ସ୍ୱାସ୍ଥ୍ୟ ସେବାରେ ଅବ୍ୟବସ୍ଥା ଚାଲିଥିବାରୁ ଲୋକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ରାତ୍ରିକାଳୀନ ସେବା ପାଇଁ କେବଳ ଜଣେ ଡାକ୍ତର ଓ ଜଣେ ସୁଇପର ଉପସ୍ଥିତ ରହୁଥିବାରୁ ଆପାତକାଳୀନ ସ୍ଥିତିରେ ରୋଗୀମାନେ ସମସ୍ୟାରେ ପଡୁଛନ୍ତି। ବାରମ୍ବାର ଅଭିଯୋଗ ଦେଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସୁଫଳ ମିଳୁନାହିଁ। ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏଭଳି ଅବସ୍ଥା ନୀନ୍ଦନୀୟ। ଜନସାଧାରଣଙ୍କ ପ୍ରଶ୍ନ ଧୂଷୁରୀ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏଭଳି ଅବ୍ୟବସ୍ଥା ପାଇଁ କିଏ ପ୍ରକୃତରେ ଦାୟୀ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସମ୍ବନ୍ଧରେ ଧାମନଗର ମେଡିକାଲ ଅଫିସର ମନ୍ମୟ ସାମନ୍ତ ସିଂହାରଙ୍କୁ ପଚାରିବାରୁ ସେ କହିଲେ ଅସ୍ଥାୟୀ ଭାବେ ୨ ଅଫିସରଙ୍କୁ ନିଯୁକ୍ତି କରିବା ପାଇଁ କୁହାଯାଇଥିଲା। ମାତ୍ର ସିଡିଏମ୍ଓ ଏହାକୁ ପ୍ରତ୍ୟାଖାନ କରାଯାଇଥିଲା ଓ ଧୂଷୁରୀ ଏରିଆ ହସ୍ପିଟାଲରେ ଚାଲିଥିବା ଅବ୍ୟବସ୍ଥା ଦୂର କରିବା ପାଇଁ ତ୍ୱରିତ ପଦକ୍ଷେପ ନିଆଯାଇବା ଆବଶ୍ୟକ। ନହେଲେ ଏହି ଅଞ୍ଚଳର ଲକ୍ଷାଧିକ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଗୁରୁତର ସଙ୍କଟରେ ପଡ଼ିବ।

## ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବି

ଦୋଳସାହି,୧୯ ।୧୧(ସମିସ): ତିହିଡ଼ି ଥାନା ଅନ୍ତର୍ଗତ ଦୋଳସାହି ପଞ୍ଚାୟତରେ ସରକାରୀ ବିଦେଶୀ ଠିପି ବନ୍ଦ ମଦ ଦୋକାନ ସ୍ଥାନାନ୍ତର ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ। ସୁଚନା ମୁତାବକ ଦୋଳସାହି-ଗୁଆମାଳ ରାସ୍ତାରେ ଅନେକ ପ୍ରାଥମିକ ବିଦ୍ୟାଳୟରୁ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଯାତାୟତ କରନ୍ତି। ଏହି ଯାତାୟାତ ସମୟରେ ମଦ୍ୟପମାନେ ଅଶୋଭନୀୟ ଆଚରଣ କରୁଥିବା ଦେଖିବାକୁ ମିଳୁଛି। ଏପରିକି ଦ୍ରୁତ ଗତିରେ ବାଇକ୍ ଚଳାଇବା ସହ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏ ନେଇ ସାଧାରଣରେ ଅସନ୍ତୋଷ ସହ ତୁରନ୍ତ ମଦ ଦୋକାନ ସ୍ଥାନାନ୍ତର ଦାବି ହେଉଛି।

## ମହିଳା ସମାଜସେବୀଙ୍କ ପରଲୋକ



ଅସୁରାଳି,୧୯।୧୧(ସମିସ): ଧୂଷୁରୀ ଅଞ୍ଚଳର ମହିଳା ସମାଜସେବୀ ଓ ପରୋପକାରୀ ମହିଳା ସୁକେଶିନୀ ପଣ୍ଡାଙ୍କ ଦେହାନ୍ତ ଘଟିଛି। ଗତକାଲି ରାତିରେ ୮୮ବର୍ଷ ବୟସରେ ସେ ପରଲୋକ ଗମନ କରିଛନ୍ତି। ସୁକେଶିନୀ ପଣ୍ଡା, ଧୂଷୁରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଓ ଧୂଷୁରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାନ୍ତିଙ୍କ ଶାଶୂ ଥିଲେ। ସେହିପରି, ବରିଷ୍ଠ ନେତା ଓ ସମାଜସେବୀ କାହ୍ନୁଚରଣ ପଣ୍ଡାଙ୍କ ମାତା। ତାଙ୍କ ମୃତ୍ୟୁ ଖବର ପାଇ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ବରିଷ୍ଠ ନେତା ଚତୁର୍ଭୁଜ ନାୟକ, ଯୁବନେତା ଫନି ଭୂଷଣ ମଲ୍ଲିକ, ଦେବାନନ୍ଦ ହୋତା, ସତ୍ୟବ୍ରତ ବାରିକ, ଅମୂଲ୍ୟ ସାହୁଙ୍କ ସହିତ ସ୍ଥାନୀୟ ବୁଦ୍ଧିଜୀବୀ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଧୂଷୁରୀ ପ୍ରେସ ୟୁନିଅନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ ଓ କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଉପଦେଷ୍ଟା ପଣ୍ଡିତ ପଞ୍ଚାନନ ମିଶ୍ର ମଧ୍ୟ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗୀୟ ସୁକେଶିନୀ ପଣ୍ଡା ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ। ସେ ନିକଟରେ ଧୂଷୁରୀ ବାସନ୍ତୀ ପୂଜା କମିଟିକୁ ୫ ଲକ୍ଷ ଟଙ୍କା ଦାନ କରିଥିଲେ। ଏହାସହିତ ନଦିଗାଁ ଜଗନ୍ନାଥ ମନ୍ଦିର, ବମକୁରା ଶିବ ମନ୍ଦିର, ଧୂଷୁରୀ ଜଗନ୍ନାଥ ମନ୍ଦିର ସହିତ ଅନେକ ଧାର୍ମିକ ଅନୁଷ୍ଠାନକୁ ସେ ବହୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ଭୂମିହୀନଙ୍କୁ ପଟ୍ଟା ବଣ୍ଟନ



ବିଞ୍ଝାରପୁର,୧୯।୧୧(ସମିସ): ରାଜ୍ୟ ସରକାରଙ୍କ ଭୂମିହୀନଙ୍କ ପାଇଁ ଉଦ୍ଦିଷ୍ଟ ବସୁନ୍ଧରା ଯୋଜନାରେ ବିଞ୍ଝାରପୁର ତହସିଲ ପକ୍ଷରୁ ବୁଧବାର ଭୂମିହୀନ ପରିବାରକୁ ବାସ ଉପଯୋଗୀ ଜମିର ପଟ୍ଟା ବଣ୍ଟନ କରାଯାଇଛି। ବିଞ୍ଝାରପୁର ତହସିଲର ଭାରପ୍ରାପ୍ତ ତସିଲଦାର ପ୍ରଦୀପ୍ତ କୁମାର ସେଠୀ ବସୁନ୍ଧରା ଯୋଜନା ମାଧ୍ୟମରେ ଆଜି ପ୍ରୀତିପୁର ରାଜସ୍ୱ ମୌଜାର ଭୂମିହୀନ ହିତାଧିକାରୀ ବିଦ୍ୟାସାଗର ଯେନା, ସୁଖଦେବ ଯେନକ୍ଷ ଓ ଗୀତାଞ୍ଜଳି ଯେନାଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଏହି ପଟ୍ଟା ବଣ୍ଟନ ସମୟରେ ଶମ୍ଭୁନାଥ ବେହେରା, ପ୍ରୀତିପୁର ରାଜସ୍ୱ ମଣ୍ଡଳର ରାଜସ୍ୱ ନିରିକ୍ଷକ ଚନ୍ଦନ ବାରିକ, ସୟଦପୁର ମଣ୍ଡଳର ରାଜସ୍ୱ ନୀରିକ୍ଷକ ବସନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### 'ମୋ ବଗିଚା' ଓ ପାକଶାଳା ଯୋଜନା ବନ୍ଦ

# ଦଲାଲଙ୍କ କବ୍‌ଜାରେ ଉଦ୍ୟାନ ବିଭାଗ ପରିବା ଚାଷ

ବାରିକପୁର,୧୯ ।୧୧(ସମିସ)

ଫେଲ ମାରିବା ପରେ ବନ୍ଦ ହୋଇଛି ସରକାରଙ୍କ ମୋ ବଗିଚା ଓ ପାକଶାଳା ଯୋଜନା। ଉଦ୍ୟାନ କୃଷି ବିଭାଗର ଖରିଫ୍ ଓ ରବି ପରିବା ଚାଷ ଯୋଜନା କାର୍ଯ୍ୟକାରୀ ହେଉଛି ନିୟମିତ ଦଲାଙ୍କ ହାତରେ। କେବଳ ସରକାରୀ ଭାବେ କାଗଜ କଲମରେ ଚାଷ ଅଧିକ ହେଉଥିବା ବେଳେ ବାସ୍ତବରେ କିନ୍ତୁ ପରିବା ଚାଷ ଶୂନ୍ୟ ହେଉଥିବା ଜଣାପଡ଼ିଛି। ଏପଟେ ଦିନକୁ ଦିନ ପନିପରିବା ଦର ଆକାଶ ଛୁଆଁ ହେଉଥିବା ବେଳେ ସାଧାରଣ ଲୋକ ଏବେ ଚିନ୍ତାରେ ପଡ଼ିଛନ୍ତି। ସଂପ୍ରତି କାର୍ତ୍ତିକ ମାସ ଯିବା ପରେ ମଧ୍ୟ ପନିପରିବା ଦର ହୁହୁ ହୋଇ ବଢ଼ି ଚାଲିଛି। ଯାହାକୁ ନେଇ ସାଧାରଣରେ ଖାଉଟିମାନେ ଚିନ୍ତା ପ୍ରକଟ କରିଛନ୍ତି। ରାଜ୍ୟ ରାଜଧାନୀ ଓ ବିଭିନ୍ନ ସହର ବଜାର ଠାରୁ ଗ୍ରାମାଞ୍ଚଳ ଯାଏଁ ସବୁଠି ପ୍ରାୟ ପନିପରିବାର ମୂଲ୍ୟ ବୃଦ୍ଧି ଯୋଗୁଁ ଜନସାଧାରଣ ମାନଙ୍କୁ ଦହଗଞ୍ଜ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଗ୍ରାମ୍ୟ ବଜାର ଗୁଡ଼ିକରେ ଏବେ ପରିବା ଦର ଶୁଣି ଲୋକେ ଛାନିଆଁ ହେଉଛନ୍ତି। ୫ଶହ ଟଙ୍କା ନେଲେ ବି ବ୍ୟାଗ୍ ପୂରୁନି।

### ଖାଉଟିଙ୍କ ଚିନ୍ତା ବଢ଼ାଉଛି ଆକାଶ ଛୁଆଁ ଦର



ସୂଚନା ମୁତାବକ ବ୍ଲକର ଆଖୁଆପଦା, ମଞ୍ଜୁରୀ ରୋଡ, ଧାମନଗର ଛକ, ବାରିକପୁର, ମାଳଦା, ପଟା ପୋଲ, ସରସଦା, କୁଲଣା, ବାଲି ପୋଖରୀ ଆଦି ସ୍ଥାନରେ ପନିପରିବା ଦର ପ୍ରାୟତଃ ସମାନ ରହୁଛି। ଏବେ ଫୁଲ କୋବି କେଜି ପ୍ରତି ୬୦ ଟଙ୍କା ରହିଥିବା ବେଳେ ବନ୍ଧା କୋବି ୫୦, ଟମାଟୋ ୮୦, ସଜନା ଛୁଇଁ୧୫୦, ବାଇଗଣ ୮୦, କଖାରୁ ୩୦, ଝୁଡୁଙ୍ଗ ୮୦, କାକୁଡି ୬୦, ଗାଜର ୬୦, ପୋଟଳ କେଜି ପ୍ରତି ୮୦ ଟଙ୍କାରେ ବିକ୍ରି ହେଉଛି। ବିଭିନ୍ନ ସାଗ ସହିତ ଜହ୍ନି ଭେଣ୍ଡି ଓ ଅନ୍ୟାନ୍ୟ ପରିବା ମଧ୍ୟ ଚଢ଼ା ରହିଛି। ସ୍ଥାନୀୟ ଅଞ୍ଚଳରେ ପ୍ରାୟତଃ ପରିବା ମିଳୁ ନଥିବା ବେଳେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାହାର ବେପାରୀଙ୍କ ଠାରୁ ଏହା କ୍ରୟ କରାଯାଉଛି। ତେଣୁ କିଣାକୁ ବିକା ଠିକ୍ ନହେଲେ ବେପାର ବୁଡ଼ିଯିବ ବୋଲି ଗ୍ରାମ୍ୟ ବଜାରର ଛୋଟ ଛୋଟ ବ୍ୟବସାୟୀମାନେ କହିଛନ୍ତି। ବିଶେଷକରି ସହର ବଜାର ଶୀତଳ ଭଣ୍ଡାର ଗୁଡ଼ିକରେ ସଂଗ୍ରହ କରି ରଖିଥିବା ବଡ଼ ବଡ଼ ବେପାରୀ ମାନେ ଏବେ ଆବଶ୍ୟକତା କୁ ଦୃଷ୍ଟିରେ ରଖି ପନିପରିବା ଗୁଡ଼ିକୁ ଅନେକାଂଶରେ ଉଚ୍ଚ ଦରରେ ବିକୁଛନ୍ତି। ଯାହା ଫଳରେ ଗାଁ ଗହଳି ଓ ଛକ ବଜାର ସବୁଠି ପରିବା ଦର ଆକାଶ ଛୁଆଁ ହେଉଛି। ଏହା ଛଡ଼ା ଆବଶ୍ୟକ ଅନୁଯାୟୀ କିଛି ପନି ପରିବା ଠିକ୍ ସମୟରେ ଚାଷ ହେଉନାହିଁ କିମ୍ବା ଚାଷ ହେଉଥିଲେ ମଧ୍ୟ ଏହା ଠିକ୍ ବେଳକୁ ଉତ୍ପାଦନ ହେଉ ନାହିଁ। ଏହା ମଧ୍ୟ ମୂଲ୍ୟ ବୃଦ୍ଧିର ଅନ୍ୟତମ କାରଣ। ତେଣୁ ସାଧାରଣ ଖାଉଟିଙ୍କ ପାଇଁ ପନିପରିବା ମୂଲ୍ୟ ବୃଦ୍ଧି ଅସହ୍ୟ ହେଉଛି। ଏହା ଉପରେ ସରକାରୀ ସ୍ତରରେ ଦୃଷ୍ଟି ଦିଆଗଲେ ପରିବା ଦର କିଛି ମାତ୍ରାରେ ହ୍ରାସ ପାଇ ପାରନ୍ତା ବୋଲି ମତପ୍ରକାଶ ପାଇଛି।

## ସରକାରୀ ସହାୟତାରୁ ବଞ୍ଚିତ ଧନମଣି



ବାରିକପୁର,୧୯ ।୧୧(ସମିସ): ସେ ଭିନ୍ନକ୍ଷମ ନୁହନ୍ତି କି ସକ୍ଷମ ମଧ୍ୟ ନୁହନ୍ତି। ତାଙ୍କ ବେଶଭୂଷାରୁ ବିକୃତ ମସ୍ତିଷ୍କ ଭଳି ଲାଗୁଥିଲେ ବି କଥାବାର୍ତ୍ତା ବେଶ ମାର୍ଜିତ ଲାଗେ। ଏଭଳି ସ୍ଥିତିରେ ଜଣେ ଲୋକ ନା ପରିବାର ବର୍ଗଙ୍କ ନିକଟରେ ଅଛନ୍ତି ନା ପ୍ରଶାସନ ଠାରୁ କୌଣସି ସହାୟତା ପାଉଛନ୍ତି। କେବଳ ମାଗିଯାଚି ଦୀର୍ଘ ବର୍ଷ ହେବ ଜୀବନ ଅତିବାହିତ କରୁଛନ୍ତି। ଲୋକ ଡାକରେ ପରିଚିତ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଧନମଣି। ବୟସର ଶେଷାର୍ଦ୍ଧରେ ପାଦ ଥାପିଥିବା ଧନମଣିଙ୍କ ଘର ରହଣିଆ ଗ୍ରାମରେ ହୋଇଥିବା ବେଳେ ସେ କିନ୍ତୁ ପଟା ପୋଲ ବଜାର ଓ ରାଡୋ ଗାଁରେ ଅଧିକାଂଶ ସମୟ ବୁଲାବୁଲି କରନ୍ତି। ଭୋକ ମେଣ୍ଟାଇବାକୁ କିଛି ଚିହ୍ନା ଜଣା ଦୋକାନୀ ଓ ଗୃହସ୍ଥଙ୍କ ଘରୁ ମାଗି ଆଣନ୍ତି ସ୍ୱଳ୍ପ ଖାଦ୍ୟ। ନଚେତ୍ କେଉଁ ଦିନ କିଛି ମିଳିଲେ ଖାଆନ୍ତି ନମିଳିଲେ ପାଣି ପିଇ ରହି ଯାଆନ୍ତି। ଦୋକାନ ପିଣ୍ଡା ତାଙ୍କ ପାଇଁ ରାତ୍ରିର ଆଶ୍ରୟସ୍ଥଳୀ ପାଲଟି ଯାଏ। ଦିନକୁ ଦିନ ବ୍ୟକ୍ତି ଜଣକ ଦୁର୍ବଳ ହେଉଥିବା ବେଳେ ବିଭିନ୍ନ ରୋଗ ମଧ୍ୟ ମାଡି ବସିଲାଣି। ଆଖିକୁ ଆଉ ଭଲ ଦେଖା ଯାଉନାହିଁ। ଚାଲିବାର କ୍ଷମତା ମଧ୍ୟ କମିଗଲାଣି। ଏଭଳି ଦୀର୍ଘ ବର୍ଷ ଧରି କାଳାତିପାତ କରୁଥିବା ଧନମଣିଙ୍କ ପାଇଁ ଆହା କହିବାକୁ କେହି ନାହିଁ। ସରକାରୀ ଭାବେ ସର୍ବନିମ୍ନ ଭତ୍ତା କିମ୍ବା ଅନ୍ୟାନ୍ୟ ସହାୟତା ମଧ୍ୟ ମିଳୁ ନାହିଁ। ଭୋଟର ଓ ଆଧାର କାର୍ଡ ନଥିବାରୁ ସେ ସରକାରୀ ସହାୟତା ପାଉନଥିବା ତାଙ୍କ ନିକଟତମ ଲୋକମାନେ କହୁଛନ୍ତି। ଏପରି ସ୍ଥଳେ ସ୍ଥାନୀୟ ପ୍ରଶାସନ ଧନମଣିଙ୍କୁ ଚିହ୍ନଟ କରି ସର୍ବନିମ୍ନ ମାସିକିଆ ଭତ୍ତା ଯୋଗାଇ ଦେଲେ ସେ ଆମ୍ସନ୍ତୋଷ ପାଆନ୍ତେ ବୋଲି କହିଛନ୍ତି।

## କ୍ରୋମାଇଟ୍ ମାଇନ୍ସରେ ଖଣି ସୁରକ୍ଷା ସପ୍ତାହ



ଯାଜପୁର/କାଳିଆପାଣି,୧୯।୧୧(ସମିସ): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ କାଳିଆପାଣି କ୍ରୋମାଇଟ୍ ଖଣିରେ ୪୩ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଖଣି କ୍ଷେତ୍ରରେ ସୁରକ୍ଷା, ପରିବେଶଗତ ଦାୟିତ୍ୱ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରିଥିଲା। ଏଥିରେ ଚନ୍ଦ୍ରକାନ୍ତ ରଥ (ସଂଯୋଜକ, କୋଇରା ଲୁହା ଖଣି), ବି.କେ. ସିଂହ (ସହ-ସଂଯୋଜକ, ବୋଲାନି ଲୁହା ଖଣି, ସେଲ୍), ଆଲୋକ କୁମାର ଚୌଧୁରୀ (ସଦସ୍ୟ-୨, ଯାନ୍ତ୍ରିକ) ଓ ସୁରେଶ ଦାଶ (ସଦସ୍ୟ-୩, ବୈଦ୍ୟୁତିକ) ଏମ୍‌ଜି ମହାନ୍ତି ପ୍ରମୁଖଙ୍କୁ ନେଇ ଗଠିତ ଯାଞ୍ଚ ଦଳ ଦ୍ୱାରା ଏହି ପରିଦର୍ଶନ ତଥା ଯାଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟିମ୍ ଖୋଲାସ୍ଥାନ ଅଞ୍ଚଳ, ଡମ୍ପ ଏବଂ ସିଓବି ପ୍ଲାଣ୍ଟର ବିସ୍ତୃତ ଯାଞ୍ଚ, ବୈଧାନିକ ଡକ୍ୟୁମେଣ୍ଟ ଯାଞ୍ଚ, ପ୍ରାଥମିକ ଚିକିତ୍ସା ଏବଂ ଅଗ୍ନି ନିର୍ବାପନ ମକ୍‌ଡ୍ରିଲ୍ ସମେତ ସୁରକ୍ଷା ଯାଞ୍ଚ କରିଥିଲେ।

ଏହି ଯାଞ୍ଚ ଶୂନ୍ୟ-କ୍ଷତି କାର୍ଯ୍ୟ ଏବଂ ସ୍ଥାୟୀ ଖଣି ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିଥାଏ। ଖଣି ସୁରକ୍ଷା ସପ୍ତାହରେ ଏହିପରି କାର୍ଯ୍ୟକ୍ରମ ନିରନ୍ତର ଉନ୍ନତି ଏବଂ ଜ୍ଞାନ ବଣ୍ଟନ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଜେଏସଏଲର ଖଣି ମୁଖ୍ୟ ରମିଆ ରଞ୍ଜନ ରାୟ କହିଛନ୍ତି। ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ର ବସନ୍ତ କୁମାର ମହାପାତ୍ର (ଏଜେଣ୍ଟ, ମୁଖ୍ୟ ଅର୍ଥ ଏବଂ ଆକାଉଣ୍ଟସ୍), ବଦ୍ରି ନାରାୟଣ ଦାଶ (ଖଣି ପରିଚାଳକ), ଶକ୍ତି ବିଶ୍ୱାଳ (ସୁରକ୍ଷା ଅଧିକାରୀ), ସଞ୍ଜିବ କୁମାର ବୈଦ୍ୟ (ଭୂତତ୍ତ୍ୱବିତ୍) ପ୍ରମୁଖ ଅଧିକାରୀମାନେ ଯୋଗଦେଇଥିଲେ।

## ୨୩ ବର୍ଷରୁ କମ୍ ଓଡ଼ିଶା ମହିଳା କ୍ରିକେଟ୍ ଦଳରେ ପୂଜାରାଣୀ



ଭଦ୍ରକ,୧୯ ।୧୧(ସମିସ): ଭଦ୍ରକ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ମହିଳା କ୍ରିକେଟ ଖେଳାଳି ପୂଜାରାଣୀ ଦାସ। ବିସିସିଆଇ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା ୨୩ ବର୍ଷରୁ କମ୍ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ୩ ଟି ମ୍ୟାଚ୍ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ଦଳର ଖେଳାଳିଙ୍କ ନାମ ଘୋଷଣା କରିଥିବାବେଳେ ସେଥିରେ ପୂଜାରାଣୀଙ୍କୁ ସ୍ଥାନ ଦେଇଛି। ୨୦୨୫-୨୬ ସିଜିନ୍ ଘରୋଇ ଟି୨୦ ମ୍ୟାଚ ପାଇଁ ଏହି ଦଳ ଘୋଷିତ ହୋଇଛି। ଏ ନେଇ ଓସିଏ ପକ୍ଷରୁ ଜିଲ୍ଲା କ୍ରିକେଟ ଆସୋସିଏସନ୍‌କୁ ବିଧିବଦ୍ଧ ଭାବେ ଅବଗତ କରାଯିବା ସହିତ ପୂଜାରାଣୀଙ୍କୁ ତୁରନ୍ତ କୋଚ୍‌ଙ୍କୁ ରିପୋର୍ଟ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଖୁସି ବ୍ୟକ୍ତ କରାଯିବା ସହିତ ତାଙ୍କର ଉନ୍ନତ କ୍ରୀଡ଼ା ପଦର୍ଶନ ପାଇଁ ଆସୋସିଏସନ ପକ୍ଷରୁ ଉପେନ୍ଦ୍ର ବାରିକ, ଧୀରେନ ପଲାଇ, ଅତିସ୍ କୁମାର ବେହେରା, ଭବତୋଷ ଦାସ, ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ, ବ୍ୟୋମକେଶ ସେନାପତି ପ୍ରମୁଖ ଆଶା ପୋଷଣ କରିଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ୨୪ତାରିଖରେ ତ୍ରିଭେନ୍ଦ୍ରମ ମଙ୍ଗଲପୁରମ ଷ୍ଟାଡିୟମରେ ସିକମ ଦଳ ସହ ମୁକାବିଲା କରିବ। ସେହିପରି ଓଡ଼ିଶା ଟିମ୍ ଆସନ୍ତା ନଭେମ୍ବର ୨୫ତାରିଖରେ ତ୍ରିଭେନ୍ଦ୍ରମ ସେଣ୍ଟ ଜାଭିୟର କେସିଏ କ୍ରିକେଟ ଗ୍ରାଉଣ୍ଡରେ ଉତ୍ତରାଖଣ୍ଡ ଓ ଆସନ୍ତା ୨୭ତାରିଖରେ ଉକ୍ତ କେସିଏ ଗ୍ରାଉଣ୍ଡରେ ହରିଆଣା ଟିମ୍ ସହ ଖେଳିବ।

## ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ

ଦାନଗଦି,୧୯।୧୧(ସମିସ): ସୁକିନ୍ଦା ନିର୍ବାଚନ ମଣ୍ଡଳୀ ମହିଳା କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୮ତମ ଜୟନ୍ତୀ ଦାନଗଦି ସ୍ଥିତ କଂଗ୍ରେସ ଭବନଠାରେ ସୁକିନ୍ଦା ବ୍ଲକ ସଭାନେତ୍ରୀ ସ୍ୱପ୍ନା ବେହୁରା ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦାନଗଦି ବ୍ଲକ ନଛିପୁରା ପଞ୍ଚାୟତର ମୁରଲୀ ଧର ବାରିକ ଓ ଧୂଳିଗଡ଼ ପଞ୍ଚାୟତର ଚନ୍ଦ୍ରକାନ୍ତ ଯେନା ଅନ୍ୟ ଦଳକୁ ପରିତ୍ୟାଗ କରି କଂଗ୍ରେସରେ ଯୋଗଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଇଂ. ବିଭୁ ଭୂଷଣ ରାଉତ, ସ୍ନିଗ୍ଧାଶ୍ରୀ ବେହୁରା, ସଞ୍ଜୁଲତା ଦାଶ, ମହେନ୍ଦ୍ର ଦାସ, ରଞ୍ଜିତ ରାଜ, ସୁକୁମାର ଦେଓ, ଦାମଦର ପୁହାଣ, ଉମାକାନ୍ତ ଜେନାମଣୀ, ମଦମୋହନ ଖୁଣ୍ଟିଆ, ଅଜୟ ବେହେରା. ଶମ୍ଭୁନାଥ ବେହେରା, ସଦାଶିବ ଘଡ଼ାଇ, ଜୟଦେବ ସେଠୀ, ମଳୟ ପାତ୍ର, ରଞ୍ଜନ କୁମାର ଧୀର, ସେକ ସାବିର, ପିତାମ୍ବର ପାତ୍ର, ଅଭିନ ପେରେଇ, ବାବୁଲି ଯେନା, କଳାଚାନ୍ଦ ଯେନା, ରାଇଚରଣ ମାହାନ୍ତ, ରାକେଶ ନାଟିଆ, ବିଦ୍ୟାଧର ଯେନା ପ୍ରମୁଖ ଉପସ୍ଥିତ ଥିଲେ। ଦୟାନିଧି ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ବାଲିଚନ୍ଦ୍ରପୁର: ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୮ତମ ଜୟନ୍ତୀ ବାଲିଚନ୍ଦ୍ରପୁର ବଜାରସ୍ଥିତ ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ବଡ଼ଚଣା କଂଗ୍ରେସ ପକ୍ଷରୁ ପାଳିତ ହୋଇଯାଇଅଛି। ଅଜୟ କୁମାର ସାମଲ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ସେକ୍ ରିଆସତ ଅଲ୍ଲି, ବିଶ୍ୱ ପ୍ରକାଶ ସାମଲ, ସଂଜୟ କୁମାର କର, ସନ୍ତୋଷ କୁମାର ପରିଡ଼ା, ଚାନ୍ଦ ଖାଁ, ନାରାୟଣ ଦାସ, ସୁଧିର କୁମାର ଦାସ, ସୁବାଷ ଚନ୍ଦ୍ର ପାରିଡ଼ା, ମହେଶ୍ୱର ମହାପାତ୍ର, କାହ୍ନୁ ଚରଣ ଦାସ, ଅଶୋକ କୁମାର ରାଉତ, ଅଶୋକ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।




ବାଲିଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ କଂଗ୍ରେସ ସଭାପତି ରବୀନ୍ଦ୍ର କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଧର୍ମଶାଳା: କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆଜି ଇନ୍ଦିରା ଗାନ୍ଧୀଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ କୃଷକ ନେତା ବସନ୍ତ କୁମାର ପରିଡା, ପ୍ରଫୁଲ୍ଲ କୁମାର ରାୟ, ସୁଦାମ ପଣ୍ଡା, ଦୀପକ କୁମାର ବଳ, ଗଗନ ବିହାରୀ ରାଉତ, ଅମରେନ୍ଦ୍ର ସାମଲ, ନକୁଲ ଜେନା, ମହମ୍ମଦ ଇକବାଲ, ପ୍ରିୟରଞ୍ଜନ ସେଠୀ, ପ୍ରତ୍ୟୁଷ ସାମଲ, କାର୍ତ୍ତିକ ସାହୁ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଧାମନଗର,୧୯ ।୧୧(ସମିସ)




ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଧୁନିକ ସମାଜରେ ଦିବ୍ୟାଙ୍ଗ ମାନଙ୍କୁ ଅଧିକ ଯତ୍ନ ନେବା ଆବଶ୍ୟକ।ସେମାନଙ୍କ ଉପଯୁକ୍ତ ଚିକିତ୍ସା ସହ ଆର୍ଥକ କ୍ଷେତ୍ରରେ ବିକାଶ କରିବା ନେଇ ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ଅନୁଷ୍ଠିତ ଭିମୋଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିରରେ ଉପସ୍ଥିତ ଅତିଥିମାନେ କହିଥିଲେ। ସାଂସଦଙ୍କ ନଗର ପ୍ରତିନିଧି ସରୋଜ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଅଶୋକ ପୁହାଣ, ନଗର ପ୍ରତିନିଧି କୈଳାସ ମହାପାତ୍ର, ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ, ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ପ୍ରତାପ ସାମଲ, ବିଡିଓ ବନବିହାରୀ ଦିନ୍ଦା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଶିବିରରେ ବିଭିନ୍ନ ଅଞ୍ଚଳରୁ ୬୮୭ ଜଣ ଦିବ୍ୟାଙ୍ଗ ପଞ୍ଜୀକରଣ କରାଯାଇ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ପରେ ସେମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ମୁଖ୍ୟ ପରିଚାଳନା ଦାୟିତ୍ୱରେ ଥିବା ଧାମନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ଦିନ୍ଦାଙ୍କ ମନମୁଖୀ ଓ ବେପରୁଆ ମନୋଭାବ ଯୋଗୁଁ ଏହି ଶିବିରରେ ଘୋର ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ସଠିକ ପରିଚଳନା କରାଯାଇ ନଥିବା ବେଳେ ଭିନ୍ନକ୍ଷମ ମାନେ ଖରାରେ ଘୁଷୁରି ଘୁଷୁରି ପଞ୍ଜୀକରଣ କରୁଥିବା ଦେଖା ଯାଇଥିଲା। ପୂର୍ବରୁ ଅନ୍‌ଲାଇନ୍ କରିଥିବା ଭିନ୍ନକ୍ଷମଙ୍କୁ ପଞ୍ଜୀକରଣ ସୁବିଧା ଦିଆଯିବାକୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପ୍ରତିଶ୍ରୁତି ଦେଇଥିବା ବେଳେ ସେମାନଙ୍କୁ ପଞ୍ଜୀକରଣ କରାଯାଇ ନଥିଲା। ଯାହା ଫଳରେ ବହୁ ଭିନ୍ନକ୍ଷମ ନିରାଶ ହୋଇ ଖରାରେ ଘରକୁ ଫେରିଥିଲେ।

### ଖାଦ୍ୟ ଓ ପାନୀୟ ଜଳ ନପାଇ ଫେରିଲେ ଦିବ୍ୟାଙ୍ଗ

ଏପରିକି ଖରାରେ ଧାଡ଼ିରେ ଠିଆ ହେଉଥିବା ଦିବ୍ୟାଙ୍ଗଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇ ନଥିବା ବେଳେ ହ୍ୱିଲ ଚେୟାର ଯୋଗାଇ ନଦେବା ହେତୁ ଘୋର ଅସନ୍ତୋଷ ଦେଖାଯାଇଥିଲା। ପ୍ରାୟ ବହୁ ସମୟ ଧରି ଏହି କାର୍ଯ୍ୟକ୍ରମ ଚାଲୁଥିବା ବେଳେ ଶିବିର କ୍ଷେତ୍ରରେ ବିଡିଓ ଶ୍ରୀ ଦିନ୍ଦା ନ ରହି ବିଦ୍ୟାଳୟ ଅଫିସ କାର୍ଯ୍ୟାଳୟରେ ବସି ରହିଥିଲେ। ଦିବ୍ୟାଙ୍ଗଙ୍କ ପାଇଁ ଖାଦ୍ୟ ପାନୀୟ ବ୍ୟବସ୍ଥା ହୋଇଥିଲେ ହେଁ ବିଦ୍ୟାଳୟ ପରିସରରେ ନହୋଇ ଅନ୍ୟତ୍ର ସ୍ଥାନରେ ହୋଇଥିବାରୁ ଅଧିକାଂଶ ଦିବ୍ୟାଙ୍ଗ ଭୋକ ଉପାସରେ ଘରକୁ ଫେରିଲେ। ଏହି ଅବ୍ୟବସ୍ଥା ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## 'ବିଜୁ ପଟ୍ଟନାୟକ ଥିଲେ ଦୁଃସାହାସିକ କର୍ମବୀର'

ଭଦ୍ରକ,୧୯।୧୧(ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଥିଲେ ପ୍ରକୃତରେ ଝଡ଼ର ଇଗଲ ଏବଂ ଦୁଃସାହସ ଥିଲା ତାଙ୍କ ବ୍ୟକ୍ତିତ୍ୱର ଭୂଷଣ। ଓଡ଼ିଶା ରାଜନୀତିରେ ଉଦୀୟମାନ ସୂର୍ଯ୍ୟ ଭାବେ ସେ ପ୍ରତିଭାତ ହୋଇ କେବଳ ଓଡ଼ିଶା ରାଜନୀତି ନୁହେଁ ଜାତୀୟ ରାଜନୀତିକୁ ବେଶ ପ୍ରଭାବିତ କରିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ଭାବେ ଭୂମିପୁତ୍ର ବିଜୁବାବୁ ଯେଉଁ କୀର୍ତ୍ତିର ସ୍ୱାକ୍ଷର ଆଙ୍କିଛନ୍ତି ତାହା ଓଡ଼ିଶା ରାଜନୀତି ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି ଉତ୍କଳ ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଦଶମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବର ଦଶମ ସନ୍ଧ୍ୟାକୁ ଜନନାୟକ ହୃଦାନନ୍ଦ ମଲ୍ଲିକଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା ଏବଂ ' ଓଡ଼ିଶା ରାଜନୀତିରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମହୋତ୍ସବର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା। ଓଏସ୍‌ଭି ଟ୍ରଷ୍ଟର ସଭାପତି ଗୀତିକାର ମଙ୍ଗୁଲୁ କୁମାର ଦାସ ମୁଖ୍ୟ ବକ୍ତା, ଡାକ୍ତର ନବକିଶୋର ଶତପଥୀ, ଉତ୍କଳ ଭାରତୀ ବିଦୁଷ ସଭା ଅଧ୍ୟକ୍ଷ କସ୍ତୁରୀ ଚରଣ ନାୟକ, ବିଦ୍ୟାର୍ଥୀ ଗ୍ରୁପସ ଅଫ୍ ଇନଷ୍ଟିଚ୍ୟୁସନ୍‌ର ଅଧ୍ୟକ୍ଷ ସୁନୀଲ କୁମାର ପାଢ଼ୀ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବ, ଶିକ୍ଷୟିତ୍ରୀ ତଥା କବୟିତ୍ରୀ ମନୋରମା ରାୟ,

### ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଦଶମ ସନ୍ଧ୍ୟା

ଭୂମି କନ୍ୟା ମହିଳା ସଂଗଠନର ସମ୍ପାଦିକା ତଥା କବୟିତ୍ରୀ ଦମୟନ୍ତୀ ରାଉତ ବରେଣ୍ୟ ଅତିଥ ଭାବେ ଯୋଗଦେଇଥିଲା। ମହୋତ୍ସବର ସମ୍ପାଦକ ରବି ନାରାୟଣ ଖିଲାର ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ଦେଇଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ଓ ମମତା ବଳ ସ୍ୱାଗତ ସଂଗୀତ ପରିବେଷଣ




କରିଥିଲେ। ମହୋତ୍ସବ ସହ ସମ୍ପାଦିକା ସଂଯୁକ୍ତା ବଳନାୟକଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବ କାର୍ଯ୍ୟକ୍ରମକୁ ନାଟ୍ୟଶ୍ରୀ ନିର୍ମଳ ରାଉତ, ଡା. ଅନିଲ କୁମାର ଦାଶ, କବି ନାରାୟଣ ପାଢ଼ୀ, ମିଡ଼ିଆ ସେଲ୍ ଅଧ୍ୟକ୍ଷ ପ୍ରମୋଦ କୁମାର ରାୟ, ଅଞ୍ଜୁବାଳା ରାଉତ ନା ମିଶ୍ର,ଅଧ୍ୟାପକ ନାଶିର ବକ୍ସ ପ୍ରମୁଖ ପରିଚାଳନା କରିଥିଲେ। ଏହି ସନ୍ଧ୍ୟାରେ ଆର୍‌ଡିଏସ୍ ଡ୍ୟାନ୍ସ ଗ୍ରୁପ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଓଡ଼ିଶା-ନାଗାଲାଣ୍ଡ ରଣଜୀ: ଜୟ-ପରାଜୟର ବ୍ୟବଚ୍ଛେଦ

## ସମୀରଙ୍କ ସ୍ପୋର୍ଟିଂ ୱିକେଟ କାମ ଦେଲା



ଭୁବନେଶ୍ୱର,୧୯ ।୧୧(ସମିସ): ଚଳିତ ରଣଜୀ ସିଜିନରେ ଓଡ଼ିଶା ସ୍ଥାନୀୟ କିଟ୍ ଗ୍ରାଉଣ୍ଡରେ ନାଗାଲାଣ୍ଡକୁ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି। ଚତୁର୍ଥ ତଥା ଅନ୍ତିମ ଦିବସର ତୃତୀୟ ସେସନରେ ହିଁ ଓଡ଼ିଶା ବିଜୟ ହାସଲ କରିଥିଲା। ଅର୍ଥାତ ଏହା ଏକ ସ୍ପୋର୍ଟିଂ ୱିକେଟ ବୋଲି ପ୍ରମାଣିତ ହୋଇଛି। ତେଣୁ କିଟ୍ କ୍ରିକେଟ ଗ୍ରାଉଣ୍ଡ କ୍ୟୁରେଟନର ସମୀର ନାୟକଙ୍କ ପରିଶ୍ରମ କାମ ଦେଇଛି। ମ୍ୟାଚ୍ ଅନ୍ତିମ ସେସନ ପର୍ଯ୍ୟନ୍ତ ଯାଇଥିବାରୁ ସେ ସନ୍ତୋଷ ପ୍ରକଟ କରିଛନ୍ତି। ସମୀର ପୂର୍ବତନ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) କ୍ୟୁରେଟର ପଙ୍କଜ ପଟ୍ଟନାୟକ ଓ ହୃଷିକେଶ ସିଂଙ୍କୁ ନିଜର ଗୁରୁ ମାନନ୍ତି। ପିଚ୍ ତିଆରି କରିବାର ପ୍ରକ୍ରିୟା ସେ ତାଙ୍କଠାରୁ ଶିକ୍ଷା କରିଛନ୍ତି। ପିଚ୍ ତିଆରି କରିବାରେ ସେ ନିପୁଣତା ହାସଲ କରିଛନ୍ତି। ୨୦୧୩ରୁ ସେ କିଟ୍ ସହିତ ଜଡିତ ରହିଆସିଛନ୍ତି। କିଟ୍ ପାଇଁ ସ୍ଥାୟୀ ଭାବେ ନିୟୋଜିତ ହୋଇ ସଫଳତାର ସହ ନିଜର ଦାୟିତ୍ୱ ବହନ କରୁଛନ୍ତି।

## ବିଳମ୍ବରେ ପାଳି ଘୋଷଣା କରିଥିଲା ଓଡ଼ିଶା: ଦେବାଶିଷ

ଭୁବନେଶ୍ୱର,୧୯ ।୧୧(ସମିସ): ଓଡ଼ିଶା ଡେରିରେ ବିଜୟ ହାସଲ କରିଥିଲେ ମଧ୍ୟ ଏହି ବିଜୟ ଦଳକୁ ଆବଶ୍ୟକୀୟ ମୋମେଣ୍ଟମ୍ ପ୍ରଦାନ କରିଛି ବୋଲି ପୂର୍ବତନ ଓଡ଼ିଆ ଅନ୍ତର୍ଜାତୀୟ କ୍ରିକେଟର ତଥା ନାଗାଲାଣ୍ଡ କୋଚ୍ ଦେବାଶିଷ ମହାନ୍ତି କହିଛନ୍ତି। ବିପ୍ଳବ ସାମନ୍ତରାୟ ଓ ଅନୀଲ ପରିଡା ଏବଂ ଦ୍ୱିତୀୟ ଇନିଂସରେ ସ୍ୱସ୍ତିକ ସାମଲ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ବ୍ୟାଟିଂକୁ ସେ ପ୍ରଶଂସା କରିଛନ୍ତି। ପ୍ରଥମ ପାଳିରେ ବିପ୍ଳବ ଶତକରୁ ବଞ୍ଚିତ ହୋଇଥିଲେ ମଧ୍ୟ ଲଢୁଆ ପାଳି ଖେଳିଥିଲେ। ଏମାନଙ୍କ ପ୍ରଦର୍ଶନ ଯୋଗୁଁ ଓଡ଼ିଶା ବିଜୟର ହକ୍‌ଦାର ଥିଲା। କିନ୍ତୁ ଘରୋଇ ଦଳ ବିଳମ୍ବରେ ପାଳି ଘୋଷଣା କରିଥିଲା। ଯଦି ନାଗାଲାଣ୍ଡ ଆଉ ଟିକିଏ ଭଲ ବ୍ୟାଟିଂ କରିଥାନ୍ତା, ତାହେଲେ ଫଳାଫଳ ଅଲଗା ହୋଇଥାନ୍ତା ବୋଲି ସେ କହିଛନ୍ତି। କିନ୍ତୁ ନାଗାଲାଣ୍ଡର ଖେଳାଳି ଭଲ ଲଢ଼େଇ କରିଥିଲେ ବୋଲି ସେ କହିଛନ୍ତି। ନାଗାଲାଣ୍ଡର ବୋଲିଂ ଭଲ ଥିଲା। ତେବେ ବ୍ୟାଟିଂରେ ଉନ୍ନତିର ଆବଶ୍ୟକ ବୋଲି ସେ କହିଛନ୍ତି। ଆଗକୁ ଓଡ଼ିଶା ଗୋଟିଏ ମ୍ୟାଚ୍ ଘରୋଇ ମାଟିରେ ଓ ବାହାରେ ଖେଳିବ। ଏହି ଦୁଇଟି ମ୍ୟାଚ୍‌ରେ ଓଡ଼ିଶା ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। କ୍ରମାଗତ ୪ଟି ପରାଜୟ ପରେ ଏହି ବିଜୟ ଓଡ଼ିଶା ଖେଳାଳିଙ୍କୁ ଯଥେଷ୍ଟ ଆତ୍ମବିଶ୍ୱାସ ପ୍ରଦାନ କରିଛି ବୋଲି ସେ କହିଛନ୍ତି। ଦଳର ଏଥର ବହୁତ ନୂଆ ଖେଳାଳି ସ୍ଥାନ ପାଇଛନ୍ତି ଓ ସେମାନେ ଆଶା ଅନୁରୂପ ପ୍ରଦର୍ଶନ କରିଛନ୍ତି ବୋଲି ଦେବାଶିଷ କହିଛନ୍ତି।



## ପ୍ରଦର୍ଶନରେ ସ୍ଥିରତା ନିହାତି ଆବଶ୍ୟକ: ଶୁଭ୍ରାଂଶୁ

ଭୁବନେଶ୍ୱର,୧୯ ।୧୧(ସମିସ): ଓଡ଼ିଶାର ବିଜୟ ନେଇ ଅଧିନାୟକ ଶୁଭ୍ରାଂଶୁ ସେନାପତି ବେଶ୍ ଉତ୍ସାହିତ ଅଛନ୍ତି। ଆଗକୁ ବାକିଥିବା ଦୁଇଟି ମ୍ୟାଚ୍‌ରେ ତାମିଲନାଡୁ ଓ ଝାଡଖଣ୍ଡ ବିପକ୍ଷରେ ଏହି ମୁମେନଟମ ବଜାୟ ରଖିବୁ ବୋଲି ସେ କହିଛନ୍ତି। ଚାପରେ ବିପ୍ଳବ ଭଲ ଖେଳିଥିଲେ ମଧ୍ୟ ଶତକ ହାସଲ କରିପାରି ନଥିଲେ। କିନ୍ତୁ ଏହି ଇନିଂସ କାମ ଦେଇଥିଲା। ୩ଟି ପରାଜୟ ପରେ ଏହି ବିଜୟ ଆମକୁ ଉତ୍ସାହିତ କରିଛି ଓ ଏହା ଆଗକୁ କାମ ଦେବ। କିନ୍ତୁ ଦଳର ପ୍ରଦର୍ଶନରେ ସ୍ଥିରତା ରହୁନାହିଁ ବୋଲି ସେ ସ୍ୱୀକାର କରିଛନ୍ତି। ସମସ୍ତେ ଏଥିପାଇଁ ଚିନ୍ତିତ ମଧ୍ୟ ଅଛନ୍ତି। ପ୍ରଦର୍ଶନରେ ସ୍ଥିରତା ଆବଶ୍ୟକ। ଆରମ୍ଭରୁ ଆମର ପ୍ରଦର୍ଶନ ଭଲ ନଥିଲା। ଦ୍ୱିତୀୟ ଇନିଂସରେ ଖେଳିଥିବା ୧୩୭ ରନର ଶତକୀୟ ପାଳିକୁ ନେଇ ସେ ସନ୍ତୁଷ୍ଟ ଅଛନ୍ତି ବୋଲି କହିଛନ୍ତି। ଅନୀଲ ପରିଡା ଶତକୀୟ ପାଳି ମଧ୍ୟ ପ୍ରଶଂସନୀୟ ବୋଲି ସେ କହିଛନ୍ତି। କିନ୍ତୁ ଆଗକୁ ଏହାକୁ ବଜାୟ ରଖିବାର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱ ଦେଇ କହିଛନ୍ତି।



### ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ପ୍ରଦର୍ଶନୀ ମ୍ୟାଚ୍

## ଆଫ୍ଟରନୁନ୍ କ୍ଲବକୁ ହରାଇଲା ମର୍ଣ୍ଣିଂ କ୍ଲବ



ଭୁବନେଶ୍ୱର, ୧୯ ।୧୧ (ସମିସ): ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ମା ସୁନାଦେଇ ୱାର୍କସ, ତୁଷାର ଚାରିଟେବଲ୍ ଟ୍ରଷ୍ଟ ଏବଂ ନ୍ୟୁ ଏଜି କଲୋନୀର ମିଳିତ ଆନୁକୂଲ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ମର୍ଣ୍ଣିଂ ଷ୍ଟାର୍ କ୍ଲବ ୪-୦ ଗୋଲ୍‌ରେ ଆଫ୍ଟରନୁନ କ୍ଲବକୁ ପରାସ୍ତ କରିଥିଲା। କୈଳାସ ପଣ୍ଡା ରେଫରୀ ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। କମଳକାନ୍ତ ନାୟକ, ରାଜୀବ ଶେଖର ସାହୁ, ନ୍ୟୁ ଏଜି କଲୋନୀର ସମ୍ପାଦକ ଅଶୋକ ପଟ୍ଟନାୟକ, କାଳୀପ୍ରସାଦ ମିଶ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ମର୍ଣ୍ଣିଂ କ୍ଲବର ସୋମ ପଣ୍ଡା ଶ୍ରେଷ୍ଠ ଗୋଲ୍‌କିପର, ସତୀଶ କୁମାର ପାତ୍ର ଓ ଆୟୁଷ ଅସୁରଜିତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଟେନିସ୍ ହଲ୍ ଅଫ ଫେମ୍‌ରେ ଫେଡେରର

ଜେନେଭା,୧୯।୧୧(ଏଜେନ୍ସି): ବିଶ୍ୱବିଖ୍ୟାତ ଖେଳାଳି ସ୍ୱିଜରଲାଣ୍ଡର ରୋଜର ଫେଡେରର ଟେନିସ ହଲ ଅଫ୍ ଫେମ୍‌ରେ ସାମିଲ ହୋଇଛନ୍ତି। ରୋଡସ ଦ୍ୱୀପପୁଞ୍ଜରେ ଅବସ୍ଥିତ ଏହି କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କରେ ଘୋଷଣା କରାଯାଇଛି। ଫେଡେରର ତାଙ୍କ ଜୀବନ କାଳରେ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟୀ ହୋଇଛନ୍ତି। କିନ୍ତୁ ତାଙ୍କ ସମୟରେ ବିଶ୍ୱର ଆଉ ଦୁଇଜଣ କିଂବଦନ୍ତି ଖେଳାଳି ରାଫେଲ ନାଦାଲ ଓ ନୋଭାକ ଜୋକୋଭିଚ୍‌ଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ଖୁବ୍ ଉଚ୍ଚକୋଟୀର ହୋଇଥିଲା।

## ଦକ୍ଷିଣ ଆଫ୍ରିକା-ଏ'ର ସାନ୍ତ୍ୱନାମୂଳକ ବିଜୟ



ରାଜକୋଟ,୧୯।୧୧(ଏଜେନ୍ସି): ଲୁହାନ-ଡ୍ରେ ପ୍ରିଟୋରିୟସ ଓ ରିଭାଲ୍ଡୋ ମୁନୁସ୍ୱାମୀଙ୍କ ଶତକ ବଳରେ ଏଠାରେ ବୁଧବାର ଅନୁଷ୍ଠିତ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା-ଏ' ୭୩ ରନ୍‌ରେ ଭାରତକୁ ହରାଇ ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ଏହି ମ୍ୟାଚରେ ପ୍ରିଟୋରିୟସ ୧୨୩ ଓ ମୁନସ୍ୱାମୀଙ୍କ ୧୦୭ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା-ଏ' ୬ ୱିକେଟ ହରାଇ ୩୨୫ ରନ୍ କରିଥିଲା। ଜବାବରେ ଭାରତ-ଏ' ଆୟୁଷ ବଦୋନିଙ୍କ ୬୬ ଓ ଇଶାନ କିସାନଙ୍କ ୫୩ ରନ୍ ସତ୍ତ୍ୱେ ୪୯.୧ ଓଭରରେ ୨୫୨ ରନ୍ କରି ଅଲଆଉଟ ହୋଇଥିଲା। ବିଜୟୀ ଦଳର ପ୍ରିଟୋରିୟସଙ୍କୁ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଓ ଭାରତର ଋତୁରାଜ ଗାଏକ୍ୱାଡ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ୧୦୦ତମ ଟେଷ୍ଟରେ ରହିମ୍‌ଙ୍କ ୯୯*

ମୀରପୁର, ୧୯ ।୧୧ (ଏଜେନ୍ସି): ଏଠାରେ ଆୟର୍ଲାଣ୍ଡ ଓ ଘରୋଇ ବାଂଲାଦେଶ ମଧ୍ୟରେ ପ୍ରଥମ ଟେଷ୍ଟମ୍ୟାଚ୍ ଆରମ୍ଭ ହୋଇଛି। ଏହା ହେଉଛି ବାଂଲାଦେଶର ପୂର୍ବତନ ଅଧିନାୟକ ମୁସ୍‌ଫିକୁର ରହିମ୍‌ଙ୍କ ୧୦୦ତମ ଟେଷ୍ଟ। ଏହି ସ୍ମରଣୀୟ ମ୍ୟାଚ୍‌କୁ ସବୁଦିନ ମନେରଖିବା ଭଳି ଇନିଂସ ଖେଳିଛନ୍ତି ରହିମ୍। ସେ ୯୯ ରନ୍‌କରି ଅପରାଜିତ ରହିବା ସହ ଶତକ ଦ୍ୱାରରେ ରହିଛି। ଫଳରେ ପ୍ରଥମ ଦିନରେ ବାଂଲାଦେଶ ପ୍ରଥମ ଇନିଂସରେ ୪ ୱିକେଟ୍ ହରାଇ ୨୯୨ ରନ୍ କରିପାରିଛି। ଅନ୍ୟମାନଙ୍କ ମଧ୍ୟରେ ସାଦ୍‌ମାନ ଇସ୍‌ଲାମ ୩୫, ମୋମିନୁଲ ହମଖ ୬୩ ଓ ଲିଟନ ଦାସ ଅପରାଜିତ ୪୭ ରନ୍‌ର ଇନିଂସ ଖେଳିଛନ୍ତି। ଆୟରଲାଣ୍ଡର ଅଫ୍‌ସ୍ପିନର ଆଣ୍ଡି ମ୍ୟାକ୍‌ବ୍ରାଇନ୍ ୪ଟିଯାକ ୱିକେଟ୍ ନେଇଛନ୍ତି।

C-1395

Email ID : gmwatcosbp@gmail.com

GOVERNMENT OF ODISHA
WATER CORPORATION OF ODISHA
OFFICE OF THE GENERAL MANAGER, WATCO DIVISION, SAMBALPUR.
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. GMWATCOSBP-12/2025-26 Dt. 03.11.2025

| | | | |
|---|---|---|---|
| 01. | Name of the Work | : | 1 no. work |
| 02. | Type of Bid | : | Single Bid System |
| 03. | Estimated Cost | : | Rs. 49.15 lakh |
| 04. | Period of Completion | : | 8 (Eight) Calendar Months |
| 05. | Date & Time of availability of bid document in the portal | : | From 11.00 AM of dt. 07.11.2025 to 5.00 PM of 17.11.2025 |
| 06. | Last date / time of receipt of bids in the portal | : | 5.00 PM of 17.11.2025. |
| 07. | Date & Time of opening of Bids | : | At 11.30 AM of 18.11.2025. |
| 08. | Name and Address of the Officer Inviting Bid | : | General Manager, WATCO Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768001. |

Further details can be seen from the web site http://tenders.ori.nic.in or www.tendersorissa.gov.in

OIPR-

General Manager,
WATCO Division, Sambalpur

OFFICE OF THE PRINCIPAL
GANGESWARI HIGHER SECONDARY SCHOOL
POTTANGI, KORAPUT PIN: 764039

Letter No: GHSS.168/2025 Date: 19/11/2025

QUOTATION CALL NOTICE

Sealed quotations are invited from intending firms/FPM/DGS&D rate contract suppliers having CST/VAT, TIN/PAN number to reach by Dated: 05/12/2025 by Registered Post/Speed Post for supply of the following items. Item quoted need to be super scribed on the envelope. The rate should be inclusive of all taxes and F.O.R. destination. The undersigned reserves the right to accept or reject any or all the quotations without assigning any reason thereof.

| Sl No. | ITEM | SPECIFICATION |
|---|---|---|
| 1. | Rack (8 Nos.) | Iron open Rack of 6 feet length & 4.5 feet breadth with 5 tray. |
| 2. | Printer (1 Nos.) | HP Laser Jet 1020 Plus |
| 3. | Xereox Machine | EPSON L6490 /HP LaserJet/Bizhub 227, Kanika |
| 4. | Library Almirah (1 Nos.) | Front Glass fitting Almirah of General Size |
| 5. | Almirah (01 Nos) | Almirah of General Size 6 fit |

SD/- PRINCIPAL
Gangeswari Higher Secondary School
Pottangi, Koraput

## ଗ୍ରେଟ୍‌ବ୍ୟାଚ୍ ନ୍ୟୁଜିଲାଣ୍ଡ କ୍ରିକେଟ ସଭାପତି

ଖ୍ରୀଷ୍ଟଚର୍ଚ୍ଚ,୧୯।୧୧(ଏଜେନ୍ସି): ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି, ସିଲେକ୍ଟର ତଥା କୋଚ୍ ମାର୍କ ଗ୍ରେଟବ୍ୟାଚ୍ ନ୍ୟୁଜିଲାଣ୍ଡ କ୍ରିକେଟର ନୂଆ ସଭାପତି ନିର୍ବାଚିତ ହୋଇଛନ୍ତି। ସେ ଲେସ୍‌ଲୀ ମୁଡ୍ରୋଚ୍‌ଙ୍କ ସ୍ଥାନରେ ଏହି ଦାୟିତ୍ୱ ନେବେ। ୧୯୮୮ରୁ ୯୬ ମଧ୍ୟରେ ନ୍ୟୁଜିଲାଣ୍ଡ ପକ୍ଷରୁ ୪୧ ଟେଷ୍ଟ ଓ ୮୪ଟି ଦିନିକିଆ ମ୍ୟାଚ୍ ଖେଳିଥିବା ଗ୍ରେଟ୍‌ବ୍ୟାଚ୍ ଜଣେ ଟପ୍ ଅର୍ଡରବ୍ୟାଟର ଭାବେ ସୁନାମ ଅର୍ଜନ କରିଥିଲେ। ଏହାଛଡ଼ା ବୋର୍ଡ ଚେୟାରମ୍ୟାନ୍ ଭାବେ ଡାଏନା ତାଙ୍କ ପଦ ବଜାୟ ରଖିଛନ୍ତି। ୩ଜଣ ଖେଳାଳି ରେବେକା ରୋଲ୍ସ, ମାର୍ଟିନ ସ୍ନେଡେନ୍ ଓ ଇୱେନ ଚାଟଫିଲ୍ଡ ଆଜୀବନ ସଦସ୍ୟଭାବେ ନିର୍ବାଚିତ ହୋଇଛନ୍ତି।

■ ଚେସ୍ ବିଶ୍ୱକପ୍

## ଭାରତର ଚ୍ୟାଲେଞ୍ଜ ଶେଷ

ପଣଜୀ,୧୯।୧୧(ଏଜେନ୍ସି): କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଏକମାତ୍ର ଭାରତୀୟ ଖେଳାଳି ଅର୍ଜୁନ ଏରିଗାଏସି ଚୀନ୍‌ର ୱେଇ ୟିଙ୍କଠାରୁ ପରାଜିତ ହେବା ପରେ ଏଠାରେ ଚାଲିଥିବା ପୁରୁଷ ଚେସ୍ ବିଶ୍ୱକପ୍‌ରେ ଭାରତର ଚ୍ୟାଲେଞ୍ଜ ଶେଷ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୯ଜଣ ଭାରତୀୟ ଅଂଶଗ୍ରହଣ କରିଥିଲାବେଳେ ମାତ୍ର ଜଣେ ଖେଳାଳି କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଯାଇପାରିଥିଲେ। ୟିଙ୍କ ସହ ସେ ପ୍ରଥମ ମୁକାବିଲା ଡ୍ର କରିବା ପରେ ଦ୍ୱିତୀୟ ରାଉଣ୍ଡରେ ହାରିଯାଇଥିଲେ।

## ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ଶୃଙ୍ଖଳା ଜିତିଲା ନ୍ୟୁଜିଲାଣ୍ଡ

ନାପିଅର, ୧୯ ।୧୧ (ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଟ୍ୱେଣ୍ଟି୨୦ ଶୃଙ୍ଖଳା ଜିତିନେଇଛି ନ୍ୟୁଜିଲାଣ୍ଡ। ବୁଧବାର ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ୫ ୱିକେଟ୍‌ରେ ନ୍ୟୁଜିଲାଣ୍ଡ ପରାସ୍ତ କରିଛି। ଫଳରେ ୨-୦ରେ ଆଗୁଆ ହୋଇ ନ୍ୟୁଜିଲାଣ୍ଡ ତିନି ମ୍ୟାଚ୍‌ର ଶୃଙ୍ଖଳା ହାତେଇ ପାରିଛି। ବର୍ଷା ଯୋଗୁଁ ମ୍ୟାଚ୍ ୩୪ ଓଭରର ହୋଇଥିଲା। ସାଇ ହୋପ୍‌ଙ୍କ ଅପରାଜିତ ଶତକ ବଳରେ ପ୍ରଥମେ ବ୍ୟାଟିଂକରି ୱେଷ୍ଟଇଣ୍ଡିଜ୍ ୯ ୱିକେଟ୍‌ରେ ୨୪୭ ରନ୍ କରିଥିଲା। ପରେ ଡେଭନ୍ କନ୍‌ୱେଙ୍କ ୯୦ ରନ୍ ବଳରେ ୩ଟି ବଲ୍ ବାକିଥାଇ ୫ ୱିକେଟ୍ ହରାଇ ନ୍ୟୁଜିଲାଣ୍ଡ ଜିତି ନେଇଥିଲା।

### ଆନ୍ତଃସ୍କୁଲ ଖୋ ଖୋ'

## କିସ୍ ଚାମ୍ପିଅନ, ପୁରୀ ରନର୍ସଅପ୍

ଭୁବନେଶ୍ୱର, ୧୯ ।୧୧ (ସମିସ): ଯାଜପୁରର ବରୁଣେଶ୍ୱର କଲେଜରେ ଅନୁଷ୍ଠିତ ଆନ୍ତଃସ୍କୁଲ ଉଚ୍ଚ ମାଧ୍ୟମିକ ବାଳକ ଖୋ ଖୋ ଟୁର୍ଣ୍ଣାମେଣ୍ଟରେ କିସ୍ ଚାମ୍ପିଅନ ହୋଇଛି। ଭୁବନେଶ୍ୱରର କିସ୍ ଓ ପୁରୀ ହାଇସ୍କୁଲ ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ଏହି ମୁକାବିଲାରେ କିସ୍ ୯ ପଏଣ୍ଟରେ ପୁରୀକୁ ପରାସ୍ତ କରିଥିଲା। ଦୁଇ ଦିନିଆ ଏହି ସମ୍ମାନଜନକ ଖୋ ଖୋ ଚାମ୍ପିଅନସିପ୍‌ରେ ମୋଟ୍ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



THE BISRA STONE LIME COMPANY LIMITED
CIN: L14100OR1910GO1033904
Registered office: House No: 255, Pristine Green, Pokhariput, Bhubaneswar, Odisha-751020

STATEMENT OF FINANCIAL RESULTS FOR THE QUARTER ENDED 30TH SEPTEMBER 2025

| Sl. No. | Particulars | Half Year Ended | Year Ended | |
|---|---|---|---|---|
| | | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) |
| 1 | Total Income from Operation (including Other Income) | 4,937.51 | 3,124.00 | 6,260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 695.79 | 539.93 | 671.34 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 695.79 | 539.93 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 455.14 | 400.03 | 438.51 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 455.14 | 400.03 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,725.14) | (21,273.21) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.52 | 0.46 | 0.50 |
| | (ii) Diluted | 0.52 | 0.46 | 0.50 |

1. The above results of the Company were approved by the Board of Directors at their respective meetings held on 18.11.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Vishakhapatnam
Date: 18.11.2025

## ଆଜିର ରାଶିଫଳ

**ମେଷ:** କୌଣସି କାର୍ଯ୍ୟରୁ ଲାଭ ମିଳିବ। ଦିନଟି ହସଖୁସିରେ ଅତିବାହିତ ହେବ। କୌଣସି ନୂଆ ଜିନିଷ କିଣିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। କର୍ମକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ। ସମୟ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିବେ।

**ମିଥୁନ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପ୍ରେମ ଜୀବନ ସୁଖମୟ ହେବ। ସାଙ୍ଗ ଦ୍ୱାରା ଲାଭବାନ ହେବେ। ବ୍ୟବସାୟରେ ସଫଳତା ମିଳିବ। ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ।

**କର୍କଟ :** ପଡ଼ୋଶୀଙ୍କ ସହ ବିବାଦ ହୋଇପାରେ। ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ନୂଆ ବ୍ୟବସାୟର ଯୋଜନା କରିବେ। ଗୁରୁଜନଙ୍କ ସହଯୋଗ ମିଳିବ।

**ସିଂହ:** ଦିନଟି ଭଲରେ କଟିବ। ଚାକିରିରେ ପରିବର୍ତ୍ତନ ଆସିବ। କୌଣସି ନୂଆ ଦାୟିତ୍ୱ ତୁଲାଇବେ। ବ୍ୟବସାୟ ସମ୍ବନ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ। କାର୍ଯ୍ୟକ୍ଷେତ୍ରରେ କିଛି ସମସ୍ୟା ଆସିବ।

**କନ୍ୟା:** ଘରକୁ ଅତିଥି ଆଗମନ କରିବେ। ସ୍ୱାମୀ-ସ୍ତ୍ରୀ ସୁଖଦ ମୁହୂର୍ତ୍ତ ଅତିବାହିତ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଟକି ରହିଥିବା ଧନ ଆଗମନ ହେବ।

**ତୁଳା:** ବନ୍ଧୁଙ୍କ ସହ କୌଣସି ନୂଆ କାର୍ଯ୍ୟର ଯୋଜନା କରିବେ। ବାପାମାଆଙ୍କ ସହଯୋଗରେ କିଛି ନୂଆ ଦାୟିତ୍ୱ ଗ୍ରହଣ କରିବେ। ଅଟକିଥିବା କାର୍ଯ୍ୟକୁ ପୂରା କରିବେ।

**ବିଛା:** ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ। ବଡ଼ ଭାଇଙ୍କ ପରାମର୍ଶ ନେବେ। କ୍ରୀଡ଼ାବିତ୍‌ଙ୍କୁ ସଫଳତା ପ୍ରାପ୍ତି ହେବ। ଛାତ୍ରଛାତ୍ରୀଙ୍କର ନୂଆ ବିଷୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟରେ ଅର୍ଥ ନିବେଶ କରନ୍ତୁ ନାହିଁ।

**ଧନୁ:** ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ। ବ୍ୟବସାୟକୁ ବିସ୍ତାର କରିବେ ଏବଂ ଏହାକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**ମକର:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ। ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ବାଦବିବାଦଠାରୁ ଦୂରେଇ ରହିବେ।

**କୁମ୍ଭ:** ବ୍ୟବସାୟିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବେ। ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଜାଗାବାଡ଼ି କିଣିବେ।

**ମୀନ:** ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବେ। ରାଜନୀତିରେ ସଫଳତା ମିଳିବ। ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।



# ତ୍ୱଚା ପାଇଁ ତେଲ

ଶୀତ ଦିନେ ତ୍ୱଚା ଶୁଷ୍କ ହୋଇଯାଏ । ଏଥିପାଇଁ ଅନେକେ ବଡିଲୋସନ୍ ଲଗାଇଥାନ୍ତି । ହେଲେ ଏହା ଦୀର୍ଘ ସମୟ ପାଇଁ ପ୍ରଭାବୀ ହୋଇ ନ ଥାଏ । ଏପରିସ୍ଥଳେ ପ୍ରାକୃତିକ ତେଲ ଲଗାଇ ତ୍ୱଚାକୁ ମଏଶ୍ଚରାଇଜ୍ କରିପାରିବେ ।

**ବାଦାମ ତେଲ:** ଶୀତ ଦିନେ ଏହି ତେଲକୁ ଲଗାଇଲେ ତ୍ୱଚା ସୁନ୍ଦର ଓ କୋମଳ ରହେ । ତା'ସହ ଦାଗ ଆଦି ମଧ୍ୟ ଦୂର ହୋଇଥାଏ ।

**ଆଭକାଡୋ ଅଏଲ୍:** ଏହାକୁ ନିତିଦିନ ଲଗାଇବା ଦ୍ୱାରା ତ୍ୱଚା ଉଜ୍ଜ୍ୱଳ ଦିଶେ ।

**କୁମକୁମାଦି ତେଲ:** ଏହି ତେଲକୁ ମୁହଁରେ ଲଗାଇଲେ ମୁହଁ ସୁନ୍ଦର ଦେଖାଯାଏ । ତ୍ୱଚା ଉଜ୍ଜ୍ୱଳ ଦେଖାଯିବା ସହ ତ୍ୱଚା ଜନିତ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଦୂର ହୋଇଥାଏ ।

**ଅଲିଭ୍ ଅଏଲ:** ଅଲିଭ୍ ତେଲକୁ ମୁହଁରେ ମାଲିସ୍ କରିବା ଦ୍ୱାରା ତ୍ୱଚା କୋମଳ ହୋଇଥାଏ । ତା'ସହ ଶୁଷ୍କତା ଦୂର ହୁଏ ।

**ନଡ଼ିଆ ତେଲ:** ତ୍ୱଚାକୁ କୋମଳ ରଖିବାକୁ ଚାହୁଁଥିଲେ ନଡ଼ିଆ ତେଲ ବ୍ୟବହାର କରିବା ଉତ୍ତମ । ତ୍ୱଚା କୁଞ୍ଚନ ସମସ୍ୟା ଦୂର ହୁଏ ।

# ନିମ୍ବ ବଡ଼ିରୁ ବ୍ୟବସାୟ



ସାଧାରଣତଃ ନିମ୍ବ ଫୁଲ ବର୍ଷକେ ଥରେ ଆସିଥାଏ । ତେଣୁ ଏହାର ଚାହିଦା ଅଧିକ ଥାଏ । ଅଧିକାଂଶ ଲୋକେ ଏହାକୁ ତରକାରୀ, ଭଜା ଓ ପିଠଉ କରି ଖାଇଥାନ୍ତି; କିନ୍ତୁ ଛତିଶଗଡ଼ ଜାଂଜଗୀର - ଚାମ୍ପା ଜିଲ୍ଲାର ମହିଳାମାନେ ଏହି ନିମ୍ବଫୁଲକୁ ଉପଯୋଗ କରି ବଡ଼ି ପ୍ରସ୍ତୁତ କରୁଛନ୍ତି । ଏହାକୁ ସ୍ଥାନୀୟ ଅଞ୍ଚଳ ଓ ବଜାରରେ ବିକ୍ରି କରି ଅର୍ଥ ଉପାର୍ଜନ କରିଥାନ୍ତି । ମହିଳାଙ୍କ କହିବାନୁଯାୟୀ, ଏହି ବଡ଼ି ସ୍ୱାସ୍ଥ୍ୟ ପାଇଁ ହିତକର ହେବା ସହ ସ୍ୱାଦିଷ୍ଟ ଲାଗିଥାଏ । ଏଥିସହ ଏହା ଶରୀରରେ ଶର୍କରା ମାତ୍ରା ନିୟନ୍ତ୍ରଣ କରିଥାଏ ।



ଗଙ୍ଗା ମୈୟା ସ୍ୱୟଂ ସହାୟକ ଗୋଷ୍ଠୀର ପୁଷ୍ପା ଯାଦବଙ୍କ କହିବାନୁଯାୟୀ, ବହେରାଡିହ ଗ୍ରାମର ମହିଳାମାନେ ଏକାଠି ହୋଇ ଏହି ବଡ଼ି ପ୍ରସ୍ତୁତ କରିଥାନ୍ତି । ଏଥିପାଇଁ ପ୍ରଥମେ ମହିଳାମାନେ ସ୍ଥାନୀୟ ଅଞ୍ଚଳରୁ ନିମ୍ବଫୁଲ ସଂଗ୍ରହ କରି ଖରାରେ ଶୁଖାନ୍ତି । ଏହାପରେ ଫୁଲକୁ ଧୋଇ ଗରମପାଣିରେ ପକାଇ କିଛି ସମୟ ଫୁଟାନ୍ତି । ଫୁଟିଗଲା ପରେ ପାଣିରୁ ନିମ୍ବ ଫୁଲକୁ ଛାଣି ପୁଣି ଥରେ ଖରାରେ ସୁଖାଇବାକୁ ପଡ଼ିଥାଏ । ଏହାପରେ ବଡ଼ି ପାଇଁ ବିରିଡାଲି ବତୁରାଇ ଗୋଟିଏ ରାତି ରଖନ୍ତି । ପରେ ଡାଲିକୁ ବାଟି ନିମ୍ବଫୁଲ ମିଶାଇ ଲୁଣ, ଲଙ୍କାଗୁଣ୍ଡ, ହେଙ୍ଗୁ, ଜୁଆଣି ଆଦି ପକାଇ ଛୋଟ ଛୋଟ ଗୁଳା କରି ବଡ଼ି ପ୍ରସ୍ତୁତ କରନ୍ତି । ଏହାପରେ ବଡ଼ିକୁ ଟାଣ ଖରାରେ ଦିନେ କିମ୍ବା ଦୁଇ ଦିନ ଶୁଖାନ୍ତି । ଏହାକୁ ଲୋକେ ସେମାନଙ୍କ ପସନ୍ଦ ମୁତାବକ ଖାଇଥାନ୍ତି ।

ଅନେକେ ଏହାକୁ ଲାଉ ବଡ଼ି ଭଳି ତେଲରେ ଭାଜି ଖାଆନ୍ତି । ସ୍ଥାନୀୟ ଅଞ୍ଚଳରେ ଏହି ବଡ଼ିର ବେଶ୍ ଚାହିଦା ରହିଛି । କିଲୋପିଛା ଏହାର ମୂଲ୍ୟ ୧୦୦୦ ଟଙ୍କା । ଏହାକୁ ଖାଲି ପେଟରେ ଖାଇଲେ ଅଧିକ ସୁଫଳ ମିଳେ ବୋଲି ଗୋଷ୍ଠୀର ସଭାପତି ପୁଷ୍ପା କହିଛନ୍ତି । ଏହାକୁ ପିଲାଠୁ ନେଇ ବୟସ୍କ ସମସ୍ତେ ଖାଇପାରିବେ । ହେଲେ ସୁଗାର ଥିବା ଲୋକଙ୍କ ପାଇଁ ଏହା ବେଶ୍ ଲାଭଦାୟକ । ଦୈନିକ ଏହି ବଡ଼ି ଖାଇଲେ ସୁଗାର(ଶର୍କରା) ମାତ୍ରା କମ୍ ହୋଇଥାଏ । ବଜାରରେ ଏହାର ଖୁବ୍ ଚାହିଦା ରହିଛି । ମହିଳାମାନେ ପ୍ରତ୍ୟେକ ବର୍ଷ ନିମ୍ବଫୁଲ ଆସିଲେ ଏହି ବଡ଼ି ପ୍ରସ୍ତୁତ କରିଥାନ୍ତି । ଅନ୍ୟ ଦିନଗୁଡ଼ିକରେ ଲାଉ, ଫୁଲ, ଲିଆ ଭଳି ବିଭିନ୍ନ ବଡ଼ି ପ୍ରସ୍ତୁତ କରନ୍ତି । ଏହାକୁ ପ୍ୟାକେଟ୍ କରି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି । ଘରର ସବୁକାମ ସରିବା ପରେ ଫାଙ୍କା ସମୟକୁ ଉପଯୋଗ କରି ମହିଳାମାନେ ବଡ଼ି ବ୍ୟବସାୟ କରିଥାନ୍ତି । ଗୋଷ୍ଠୀରେ ଏବେ ୨୦ ଜଣ ମହିଳା ଥିବାବେଳେ ଆଗାମୀ ଦିନରେ ଅଧିକ ମହିଳାଙ୍କୁ ଏଥିରେ ସାମିଲ କରିବାକୁ ପୁଷ୍ପା ଆଶା ରଖିଛନ୍ତି ।

# ଅମୃତ ଅଁଳା

ଶୀତଦିନେ କେଶ ରୁକ୍ଷ, ଦୁର୍ବଳ ଓ ନିର୍ଜୀବ ଦେଖାଯାଏ । ଥଣ୍ଡା ଓ ବାୟୁର ଆର୍ଦ୍ରତା କେଶକୁ କ୍ଷତି ପହଞ୍ଚାଇଥାଏ । ଏପରି ସ୍ଥଳେ ଅଁଳା କେଶ ପାଇଁ ଖୁବ୍ ହିତକର ହୋଇଥାଏ । ଏଥିରେ ଭିଟାମିନ୍ ସି, ଆଣ୍ଟିଅକ୍ସିଡାଣ୍ଟ ଓ ଅନ୍ୟ ପୋଷକ ତତ୍ତ୍ୱ ଥାଏ । ଏହା କେଶକୁ ପୋଷଣ ଦେବା ସହ ରୂପି ସମସ୍ୟା ଦୂର କରିଥାଏ । ଏହା ନିୟମିତ ବ୍ୟବହାର କଲେ କେଶ ଘନ, ଉଜ୍ଜ୍ୱଳ ଓ ଭିତରୁ ମଜଭୂତ୍ ରହିଥାଏ ।



### ଅଁଳା ତେଲରେ ମସାଜ୍

ଅଁଳା ତେଲକୁ ନଖଉଷୁମ କରି କେଶରେ ମସାଜ କରନ୍ତୁ । ଏହା କେଶମୂଳକୁ ପୋଷଣ ଦେବା ସହ ରକ୍ତ ସଞ୍ଚାଳନ ବୃଦ୍ଧି କରି କେଶ ବଢ଼ାଇ ଥାଏ. ।

### ଅଁଳା ଓ ନଡ଼ିଆ ତେଲ

ଅଁଳା ପାଉଡରକୁ ନଡ଼ିଆ ତେଲରେ ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ କେଶମୂଳରେ ଲଗାଇ ୩୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ଏହା କେଶକୁ ଆର୍ଦ୍ର ଓ ମଜଭୂତ ରଖିଥାଏ ।

### ଅଁଳା ଓ ଦହି

ଅଁଳା ପାଉଡରରେ ଦହି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହା ରୁକ୍ଷକେଶ ସମସ୍ୟା ଦୂର କରିଥାଏ । କେଶରେ ଚମକ ଆଣିଥାଏ ।

### ଅଁଳା ଓ ହେନା ମାସ୍କ

ଅଳ୍ପ ପାଣି ନେଇ ସେଥିରେ ହେନା ପାଉଡର ମିଶାଇ ହେୟାର ମାସ୍କ ପ୍ରସ୍ତୁତ କରନ୍ତୁ । ଏହାକୁ ତିନି ଚାରି ଘଣ୍ଟା ରଖି ଦିଅନ୍ତୁ । ଏହାପରେ ଭଲରେ ମିକ୍ସ କରି କେଶରେ ଲଗାନ୍ତୁ । ଏକ ଘଣ୍ଟାପରେ କେଶକୁ ଧୋଇ ଦିଅନ୍ତୁ । ଏହାକେଶକୁ ପ୍ରାକୃତିକ ଚମକ ଓ ମଜଭୂତ କରିଥାଏ ।

# ମେକ୍‌ଅପ୍‌ରୁ ବିରତି

ମେକ୍‌ଅପ୍ କରିବାକୁ ସମସ୍ତେ ପସନ୍ଦ କରନ୍ତି । ଏହା ତ୍ୱଚାରେ ଥିବା ଦାଗ, ବ୍ରଣ ଦୂର କରି ପ୍ରାକୃତିକ ଚମକ ଆଣିଥାଏ । କିନ୍ତୁ ଲଗାତାର ମେକ୍‌ଅପ୍ କଲେ ଏହା ତ୍ୱଚାରେ ଅନେକ ସମସ୍ୟା ସୃଷ୍ଟି କରିଥାଏ । ଶରୀରକୁ ସୁସ୍ଥ ରଖିବା ପାଇଁ ଯେପରି ଡିଟକ୍ସ କରାଯାଏ, ସେହିପରି ତ୍ୱଚାକୁ ମଧ୍ୟ ମେକ୍‌ଅପ୍‌ରୁ ବିରତି ଦେବାକୁ ପଡ଼ିଥାଏ । ନଚେତ୍ ତ୍ୱଚାର ପୋର୍ସଗୁଡ଼ିକ ବନ୍ଦ ହୋଇ ପ୍ରାକୃତିକ ଚମକ ହଜିଯାଏ । ତେଣୁ ସମୟେ ସମୟେ ମେକ୍‌ଅପ୍‌ରୁ ବିରତି ନେବା ଆବଶ୍ୟକ ।



### ଚମକ ବିହୀନ ତ୍ୱଚା

ମେକ୍‌ଅପ୍ ପରେ ତ୍ୱଚାରେ ଚମକ ଆସିଥାଏ; କିନ୍ତୁ ହାଇଲାଇଟର୍ ଓ ବ୍ଲଶ୍ ଲଗାଇବା ପରେ ତ୍ୱଚା ରୁକ୍ଷ, ତଥା ନିର୍ଜୀବ ଲାଗୁଥିଲେ, ଏହା ବିପଦର ସଂକେତ ହୋଇପାରେ । ଦୀର୍ଘ ସମୟ ତ୍ୱଚାରେ ମେକ୍‌ଅପ୍ ରହିଲେ, ଏହା ତ୍ୱଚାର ଥିବା କଣିକାକୁ କ୍ଷତି ପହଞ୍ଚାଇଥାଏ । ତେଣୁ ସୁସ୍ଥ ତ୍ୱଚା ପାଇଁ ମଝିରେ ମଝିରେ ମେକ୍‌ଅପ୍‌ରୁ ବିରତି ନେବା ଜରୁରୀ ।

### ଶୁଷ୍କତା

ଦୈନିକ ମେକ୍‌ଅପ୍ କରିବା ଦ୍ୱାରା ତ୍ୱଚାରେ ଥିବା ପ୍ରାକୃତିକ ତେଲ କମିଯାଏ । ତ୍ୱଚାର ସୁରକ୍ଷା ପରସ୍ତ ଦୁର୍ବଳ ହୋଇଯାଏ । ଏହା ଉପରେ ମେକ୍‌ଅପ୍ କଲେ ତ୍ୱଚାରେ ଶୁଷ୍କତା ଓ ଫଟା ଫଟା ଦାଗ ଦେଖିବାକୁ ମିଳିଥାଏ । ତେଣୁ ତ୍ୱଚାରେ ମେକ୍‌ଅପ୍ ନ ଲଗାଇ କ୍ରିମ୍ ମଏଶ୍ଚରାଇଜର୍ ଲଗାଇ ଦେଖାଶୁଣା କରିପାରିବେ ।

### ବାରମ୍ବାର ବ୍ରଣ

ତ୍ୱଚାରେ ଫାଉଣ୍ଡେସନ୍, କନ୍‌ସିଲର୍, ବ୍ଲଶ୍ ଆଦି ବାରମ୍ବାର ଲଗାଇଲେ ତ୍ୱଚାରେ ଏହା ଜମିରହେ । ଫଳରେ ଧୂଳି, ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ମୁହଁରେ ବ୍ରଣ ହୋଇଥାଏ । ତେଣୁ ଏପରି ସ୍ଥିତି ଉପୁଜୁଥିଲେ ତ୍ୱଚାରେ କିଛିଦିନ ପାଇଁ ମେକ୍‌ଅପ୍ ଲଗାଇବା ଛାଡ଼ି ଦିଅନ୍ତୁ ।

# ଶୀତଦିନେ ଘରକୁ ଦିଅନ୍ତୁ ନୂଆ ରଙ୍ଗ

ଋତୁ ଅନୁଯାୟୀ ଲୋକେ ଖାଦ୍ୟ,ପାନୀୟ ତଥା ପୋଷାକ ଆଦିରେ ପରିବର୍ତ୍ତନ କରିଥାନ୍ତି । ସେହିପରି ଘରକୁ ମଧ୍ୟ ଋତୁ ଅନୁସାରେ ରଙ୍ଗ କରିବା ଜରୁରୀ । ଏପରି କରିବା ଦ୍ୱାରା ଘର ସୁନ୍ଦର ଦିଶିବା ସହ ଆରାମଦାୟକ ଅନୁଭୂତି ମିଳିଥାଏ ।

- ଶୀତଦିନେ ହାଲୁକା, ନ୍ୟୁଟ୍ରାଲ୍ ରଙ୍ଗ ଖୁବ୍ ଭଲ ହୋଇଥାଏ । ଅଫ୍‌ହ୍ୱାଇଟ୍, କ୍ରିମ୍ ଭଳି ରଙ୍ଗ ଘରକୁ ବଡ଼ ଦେଖାଇବା ସହ ବିଭିନ୍ନ ସାଜଉପକରଣ ସହ ମେଳ ଖାଇଥାଏ । କାନ୍ଥ ତଥା ଫର୍ଣ୍ଣିଚର ପାଇଁ ଏହି ରଙ୍ଗ ଖୁବ୍ ସୁନ୍ଦର ଦିଶିଥାଏ ।
- ସେହିପରି ଶୀତଦିନେ ଘରକୁ ଟିକେ ଉଷୁମ ରଖିବାକୁ ଚାହୁଁଥିଲେ, ଗାଢ଼ ନାଲି ରଙ୍ଗ କରିପାରିବେ । ଏହା ଘରକୁ ସୁନ୍ଦର କରିଥାଏ । ଏଥିସହ ଚାହିଁଲେ ଘରେ ମେରୁନ୍ ରଙ୍ଗ ଲଗାଇପାରିବେ । ଏହା ଘରକୁ ଏକ ଫେଷ୍ଟିଭ୍ ଲୁକ୍ ଦେଇଥାଏ ।
- ଘରେ ପ୍ରାକୃତିକ ଚମକ ଆଣିବାକୁ ଚାହୁଁଥିଲେ, ବ୍ରାଉନ୍ ଓ କଫିସେଡ୍ ବ୍ୟବହାର କରିପାରିବେ । ଏହି ରଙ୍ଗ କାଠ, ଉଲ୍ ଓ ଲାଇଲେନ୍ ଭଳି ଫାବ୍ରିକ୍‌କୁ ସୁନ୍ଦର ଦିଶିଥାଏ । ଏହାଦ୍ୱାରା ଘରେ ଶାନ୍ତି ଅନୁଭୂତ ହୋଇଥାଏ ।



ମୋ ହାଣ୍ଡିଶାଳରୁ...

# ପିଜ୍ଜା ପରଟା



### ଆବଶ୍ୟକ ସାମଗ୍ରୀ

ଅଟା -୨୫୦ ଗ୍ରାମ୍, କଟା ପିଆଜ - ଅଧା କପ୍, କଟା କ୍ୟାପ୍ସିକମ୍ - ଅଧା କପ୍, ମିଠା ମକ୍କା- ଅଧା କପ୍, ଟମାଟୋ - ଅଧା କପ୍, ମ୍ୟାଗି ମସଲା - ଅଧା ଚାମଚ, ଟମାଟୋ ସସ୍ - ଏକ ଚାମଚ, ଚିଜ୍ - ଅଧା କପ୍ , ଲୁଣ- ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଅଟାରେ ପାଣି ଅଳ୍ପ ଲୁଣ ଦେଇ ଚକଟି ଦିଅନ୍ତୁ । ଏହାକୁ ଗୁଳା କରି ଗୋଲାକାରରେ ବେଲନ୍ତୁ । ଏହାପରେ ରୁଟିରେ ଏକ ଚାମଚ ତେଲ ଓ ମ୍ୟାଗି ମସଲା ଦେଇ ରୁଟିର ଚାରିକଡ଼େ ଲଗାନ୍ତୁ । ଗୋଟିଏ କଣ୍ଟା ଚାମଚ ସାହାଯ୍ୟରେ ମଝିରେ ଦାଗ ଦିଅନ୍ତୁ । ଗ୍ୟାସ୍ ଲଗାଇ ତାୱା ଗରମ କରି ରୁଟିକୁ ସେକନ୍ତୁ । ଦୁଇପାଖ ହାଲୁକା ସେକି ହୋଇଯିବା ପରେ ଏହାକୁ ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ରୁଟି ଉପରେ ପିଜ୍ଜା ସସ୍ ଟମାଟୋ ସସ୍, ଚିଜ୍, ମିଠାମକା ଦେଇ ଏହା ଉପରେ କ୍ୟାପ୍‌ସିକମ୍, ଟମାଟୋ, ପିଆଜ ଦିଅନ୍ତୁ । ଏହାକୁ ଏକ ପ୍ୟାନ୍‌ରେ ବସାଇ ଉପରେ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । ୧୦ ମିନିଟ୍ ପରେ ଢାଙ୍କୁଣି ଖୋଲି ଏହାକୁ ପ୍ଲେଟ୍‌ରେ କାଢ଼ନ୍ତୁ । ପ୍ରସ୍ତୁତ ହୋଇଗଲା 'ପରଟା ପିଜ୍ଜା' ।

# ଟ୍ରେଣ୍ଡରେ ବବଲ୍ ହେମ୍ ଆଉଟଫିଟ୍



ଫେଶନ ଦୁନିଆରେ ଅନେକ ଷ୍ଟାଇଲ୍ ରହିଛି, ଯାହା କେବେ ହେଲେ ପୁରୁଣା ହୁଏନି । ଏହା ସମୟାନୁସାରେ ନୂଆ ରୂପରେ ଦେଖିବାକୁ ମିଳିଥାଏ । ସେମିତି ଏକ ଟ୍ରେଣ୍ଡ ହେଲା ବବଲ୍ ହେମ୍ ଆଉଟଫିଟ୍ । ଏହା ଅଶି ଦଶକରେ ଖୁବ୍ ଲୋକପ୍ରିୟ ଥିଲା । ଏବେର ମହିଳାଙ୍କ ମଧ୍ୟରେ ଏହାର ଚାହିଦା ରହିଛି । ଏହା ପାର୍ଟି, ଫଙ୍କ୍‌ଶନ୍, ଉତ୍ସବ, କାଜୁଆଲ୍ ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।



- ଏ ପ୍ରକାର ଡ୍ରେସ୍‌ରେ କପଡ଼ାକୁ ତଳକୁ ମୋଡ଼ି ସିଲେଇ କରାଯାଇଥାଏ । ଏହାଦ୍ୱାରା ତଳଅଂଶ ଫୁଲି ଏକ ବେଲୁନ୍ ଆକାର ଦେଖାଯାଏ । ଏହା ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଏ ।
- ଏହି ଡିଜାଇନ୍ ମିନି, ମିଡି ଓ ମ୍ୟାକ୍ସି ଆଦି ବିଭିନ୍ନ ଲମ୍ବର ରହିଛି । ତେବେ କୌଣସି ପାର୍ଟି, ଫଙ୍କସନ୍‌ରେ ପିନ୍ଧିବାକୁ ଚାହୁଁଥିଲେ , ସିଲ୍‌କ ବା ସାଟିନ୍ କପଡ଼ାର ପୋଷାକ ପିନ୍ଧିପାରିବେ ।
- ଏହି ଡ୍ରେସ୍ ସବୁ ପ୍ରକାର ଶାରୀରିକ ଗଠନକୁ ଭଲ୍ ମାନିଥାଏ । ତେଣୁ ଏହାର ଲୋକପ୍ରିୟତା ଖୁବ୍ ରହିଛି । ଏହି ବବଲ୍‌ଆକୃତି ଶରୀରକୁ ଏକ ବାଲାନ୍ସ ଲୁକ୍ ଦେଇଥାଏ । ଏହି ପୋଷାକ ଜୁଏଲାରୀ ବିନା ଅଧିକ ଆକର୍ଷଣୀୟ ଦିଶିଥାଏ ।

## କିଟ୍ ରଣଜୀ ଲଢ଼େଇ: ନାଗାଲାଣ୍ଡ ୨୯୯ରେ ପରାସ୍ତ

# ଓଡ଼ିଶାକୁ ସିଜନ୍‌ର ପ୍ରଥମ ବିଜୟ ପଏଣ୍ଟ

ଭୁବନେଶ୍ୱର, ୧୯ ।୧୧ (ସମିସ)

ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଭ୍ରମଣକାରୀ ନାଗାଲାଣ୍ଡ ବିପକ୍ଷରେ ଅନୁଷ୍ଠିତ ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ୨୯୯ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଦୁଇ ସ୍ପିନର ଗୋବିନ୍ଦ ପୋଦ୍ଦାର (୫/୬୯) ଓ ବାଦଲ ସ୍ୱାଇଁ (୩/୩୮) ମିଳିତ ଭାବେ ୮ ୱିକେଟ୍ ନେଇ ଘରୋଇ ଓଡ଼ିଶାକୁ ଚଳିତ ସିଜନରେ ପ୍ରଥମ ବିଜୟ ଭେଟି ଦେଇଥିଲେ। ପୂର୍ବରୁ ବରୋଦା (୭ ୱିକେଟ୍), ଆନ୍ଧ୍ର ପ୍ରଦେଶ (ଇନିଂସ ଓ ୫୦ ରନ) ଓ ବିଦର୍ଭ (୧୦୦ ରନ) ନିକଟରୁ ହାରିଥିବା ଓଡ଼ିଶା କେବଳ ଉତ୍ତର ପ୍ରଦେଶ ବିପକ୍ଷରେ ଡ୍ର ରଖିଥିଲା। ଏବେ ୫ଟି ମ୍ୟାଚ୍ ଖେଳି ଓଡ଼ିଶା ୭ ପଏଣ୍ଟ ସହ ଏଲିଟ୍ ଗ୍ରୁପ୍-ଏ'ରେ ୬ଷ୍ଠ ସ୍ଥାନରେ ରହିଛି।

ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୪୬୫ ରନର କଷ୍ଟସାଧ୍ୟ ଲକ୍ଷ୍ୟକୁ ପିଛା କରିଥିବା ନାଗାଲାଣ୍ଡ ବୁଧବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସରେ ୧୬୫ ରନ କରି ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା। ନାଗାଲାଣ୍ଡକୁ ଅଲ୍‌ଆଉଟ୍ କରିବାକୁ ଓଡ଼ିଶା ବୋଲରଙ୍କୁ ୮୩ ଓଭର ବୋଲିଂ କରିବାକୁ ପଡ଼ିଥିଲା। ଭ୍ରମଣକାରୀ ଦଳ ପକ୍ଷରୁ ଓପନର୍ ଡେଗା ନିଶ୍ଚଳ (୧୨୬ ବଲରେ ୫୨ ରନ) ଓ ହେମ ଛେତ୍ରୀ (୧୦୨ ବଲରେ ୩୭ ରନ) ଧୀମା ବ୍ୟାଟିଂ କରି ମ୍ୟାଚକୁ ଡ୍ର ରଖିବାକୁ ଚେଷ୍ଟା କରିଥିଲେ। କିନ୍ତୁ ପାର୍ଟଟାଇମ ସ୍ପିନର ଗୋବିନ୍ଦ ଉଭୟଙ୍କୁ ଆଉଟ୍ ଓଡ଼ିଶା ଦଳ ପାଇଁ ବିଜୟ ପଥ ପରିଷ୍କାର କରିଦେଇଥିଲେ। ଗୋବିନ୍ଦ ୩୧ ଓଭର ବୋଲିଂ କରି ୧୩ ମେଡେନ ସହ ୬୯ ରନ ବ୍ୟୟରେ ସର୍ବାଧିକ ୫ଟି ୱିକେଟ୍ ନେଇଥିଲେ। ପ୍ରଥମଶ୍ରେଣୀ ଫର୍ମାଟରେ ଏହା ତାଙ୍କର ୩ୟ ୫ ୱିକେଟ ସଫଳତା ଥିଲା। ସେହିଭଳି ବାମହାତୀ ସ୍ପିନର ବାଦଲ ୧୯ ଓଭର ବୋଲିଂ କରି ୧୦ ମେଡେନ ସହ ୩୮ ରନ ଦେଇ ୩ଟି ୱିକେଟ୍ ନେଇଥିଲେ। ସମ୍ବିତ ବରାଳଙ୍କୁ ଗୋଟିଏ ୱିକେଟ୍ ମିଳିଥିବା ବେଳେ ଅଭିଜ୍ଞ ଚେତନ ବିଷ୍ଟ ୧୯ ବଲ ଖେଳିଥିଲେ ମଧ୍ୟ ଖାତା ଖୋଲି ନ ପାରି ରନଆଉଟ୍ ହୋଇଥିଲେ। ପୂର୍ବରୁ ଅନିଲ ପରିଡ଼ା (୧୧୮)ଙ୍କ ଶତକ ବଳରେ ଓଡ଼ିଶା ପ୍ରଥମ ଇନିଂସରେ ୨୭୫ ରନ କରିଥିଲା। ଜବାବରେ ୧୬୧ ରନରେ ସୀମିତ ରହିଥିଲା। ୧୧୪ ରନରେ ଅଗ୍ରଣୀ ଥାଇ ଘରୋଇ ଦଳ ଦ୍ୱିତୀୟ ଇନିଂସରେ ୫ ୱିକେଟରେ ୩୫୦ ରନ କରି ପାଳି ଘୋଷଣା କରିଥିଲା। ଓପନର୍ ସ୍ୱସ୍ତିକ ସାମଲ ୧୬୯ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୩୭ ରନର ଶତକୀୟ ପାଳି ଖେଳିଥିଲେ। ସ୍ୱସ୍ତିକଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସୟଦ ମୁସ୍ତାକ ଅଲି ଟ୍ରଫି ଲାଗି ରଣଜୀ ଟ୍ରଫିରେ ଏବେ ସାମୟିକ ବ୍ରେକ୍ ଲାଗିଛି। ଜାନୁଆରୀ ୨୨ରୁ ୬ଷ୍ଠ ଓ ୨୯ରୁ ଅନ୍ତିମ ତଥା ୭ମ ରାଉଣ୍ଡ ମ୍ୟାଚ୍ ଖେଳାଯିବ। ଏହି ଦୁଇଟି ମ୍ୟାଚରେ ଓଡ଼ିଶା ଯଥାକ୍ରମେ ତାମିଲନାଡୁ ଓ ଝାଡ଼ଖଣ୍ଡକୁ ଭେଟିବ।


ଗୋବିନ୍ଦ ପୋଦ୍ଦାର



ସ୍ୱସ୍ତିକ ସାମଲ

### ସଂକ୍ଷିପ୍ତ ସ୍କୋର

**ଓଡ଼ିଶା ପ୍ରଥମ ଇନିଂସ**: ୨୭୫/୧୦ (ଅନିଲ-୧୧୮, ବିପ୍ଳବ- ୯୨, ଲମଲିୱତି ଲେମତୁର- ୩/୨୬)।
**ନାଗାଲାଣ୍ଡ ପ୍ରଥମ ଇନିଂସ**: ୧୬୧/୧୦ (ଡେଗା- ୭୨, ଗୋବିନ୍ଦ- ୩/୨୨)।
**ଓଡ଼ିଶା ୨ୟ ଇନିଂସ**: ୩୫୦/୫, ୭୧ ଓଭର (ସ୍ୱସ୍ତିକ- ୧୬୯, ଶୁଭ୍ରାଂଶୁ- ୧୩୭, ସମ୍ବିତ- ଅପରାଜିତ ୧୯, ପୋଦ୍ଦାର- ୧୨, ଭିନୋ- ୨/୭୯)।
**ନାଗାଲାଣ୍ଡ ୨ୟ ଇନିଂସ**: ୪୧/୧, ୧୮ ଓଭର (ଟାର୍ଗେଟ- ୪୬୫)।

## ■ ଗୌହାଟୀରେ ଶନିବାରରୁ ଦ୍ୱିତୀୟ ଟେଷ୍ଟ

# ଗିଲ୍‌ଙ୍କ ଖେଳିବା ନେଇ ସନ୍ଦେହ



ଗୌହାଟୀ,୧୯।୧୧(ଏଜେନ୍ସି): ଦକ୍ଷିଣ ଆଫ୍ରିକା ସହ ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଭାରତୀୟ କ୍ରିକେଟ ଦଳ ଏଠାରେ ବୁଧବାର ପହଞ୍ଚିଛି। ଏହି ଟେଷ୍ଟ ଆସନ୍ତା ଶନିବାର ବା ନଭେମ୍ବର ୨୨ରୁ ଆରମ୍ଭ ହେବ। ଇଡେନ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ତୃତୀୟ ଦିନରେ ଶେଷ ହୋଇଥିଲା। ଏହା ଫଳରେ କୋଲକାତାରେ ଭାରତୀୟ ଦଳକୁ ୨ ଦିନ ଛୁଟିରେ ରହିବାକୁ ପଡ଼ିଲା। ଭାରତୀୟ କ୍ରିକେଟ ଦଳର ଟୁର୍ ପ୍ଲାନ୍ ଅନୁଯାୟୀ ଆଜି ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଗୁଆହାଟୀରେ ପହଞ୍ଚିଛନ୍ତି। କିନ୍ତୁ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନ ୩ଟି ବଲ ଖେଳିବା ପରେ ଆହତ ହୋଇ ରିଟାୟର୍ଡ ହୋଇଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍‌ଙ୍କ ଖେଳିବା ନେଇ ସନ୍ଦେହ ଦୂର ହୋଇନାହିଁ। କୋଲକାତାରେ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଉନ୍ନତି ଘଟୁଛି। ଏବେ ସେ ବିସିସିଆଇ ମେଡିକାଲ ଟିମ୍ ତତ୍ତ୍ୱାବଧାନରେ ରହିଛନ୍ତି। କିନ୍ତୁ ବର୍ଷାପଡାରେ ସେ ଖେଳିବେ କି ନାହିଁ ତାହା ଶେଷ ମୁହୂର୍ତ୍ତରେ ଟିମ୍ ମ୍ୟାନେଜ୍‌ମେଣ୍ଟ ନିଷ୍ପତ୍ତି ନେବ ବୋଲି ଜଣାଯାଇଛି।

## ■ ଅଲ୍‌ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକରରେ ବିପର୍ଯ୍ୟୟ

# ଅଗରୱାଲଙ୍କୁ ହରାଇଲେ ସିଂଘାଲ



ଭୁବନେଶ୍ୱର,୧୯।୧୧(ସମିସ): ପୂର୍ବତନ ଜାତୀୟ ବିଲିୟାର୍ଡ୍ସ ରନର୍ସ ଅପ୍ କୁନାଲ ଅଗରୱାଲଙ୍କୁ ହରାଇ ୧୫ ବର୍ଷୀୟ ରାଜ୍ୟ ଜୁନିଅର ଚାମ୍ପିଅନ୍ ବିଶେଷ ସିଂଘାଲ ଏଠାରେ ଚାଲିଥିବା ଅଲଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ର୍‌ୟାଙ୍କିଙ୍ଗ୍ ପ୍ରତିଯୋଗିତାରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଆଜି ଖେଳାଯାଇଥିବା ସିନିଅର ସ୍ନୁକର ଚାମ୍ପିଅନସିପ୍‌ରେ ୧୫ ବର୍ଷୀୟ ବିଶେଷ ୩-୨ ଫ୍ରେମ୍‌ରେ କୁନାଲ ଅଗରୱାଲଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ବିଲିୟାର୍ଡ୍ସ ଚାମ୍ପିଅନ ଆଶୁତୋଷ ପାଢ଼ୀ ଓ ରନର୍ସ ଅପ୍ ସୁବ୍ରତ ଦାସଙ୍କ ଆଜିର ମୁକାବିଲାରେ ୱାକ୍ ଓଭର ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ରାକେଶ ରୋଶନ ପ୍ରଧାନ, ସିଦ୍ଧାର୍ଥ ସେନ୍, ଅନୁଜ ପଣ୍ଡା, ସୁଦୀପ୍ତ ଦାସ ମଧ୍ୟ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।

## ■ ଷ୍ଟେଟ-ଏ ଟ୍ରଫି: ମୁମ୍ବାଇଠାରୁ ହାରିଲା

# ଆନ୍ଧ୍ରଠୁ ଜିତିଲେ କ୍ୱାର୍ଟର ଖେଳିବ ଓଡ଼ିଶା



କଟକ,୧୯।୧୧(ସମିସ): ୨୩ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ ଟ୍ରଫିର ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୮ ୱିକେଟରେ ମୁମ୍ବାଇ ଠାରୁ ପରାସ୍ତ ହୋଇଛି। ବରୋଦାର କୋଟାମ୍ବି ଷ୍ଟାଡିୟମରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଡାକରା ଦେଇଥିଲା। ଦିନେଶ ମାଝୀଙ୍କ ୬୦ରନ୍ ସହାୟତାରେ ଓଡ଼ିଶା ସମସ୍ତ ୱିକେଟ ହରାଇ ୧୯୭ରନ ସଂଗ୍ରହ କରିଥିଲା। ମୁମ୍ବାଇର ହିମାଂଶୁ ସିଂହ ୩ଟି ୱିକେଟ ଦଖଲ କରିଥିଲେ। ୱିକେଟ କିପର ପ୍ରତୀକ ଯାଦବ(୬୩ରନ) ଏବଂ ଜୟ ଜୈନ(୭୭ରନ) ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ମୁମ୍ବାଇକୁ ସହଜ ବିଜୟ ପ୍ରଦାନ କରିଥିଲେ। ୬ଟି ମ୍ୟାଚରୁ ୪ଟି ବିଜୟ ଏବଂ ୨ଟି ପରାଜୟ ବଳରେ ୧୬ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ବି ଟେବଲର ୩ୟ ସ୍ଥାନରେ ରହିଛି। ମୁମ୍ବାଇ(୨୪ପଏଣ୍ଟ) ଏବଂ ଆନ୍ଧ୍ରପ୍ରଦେଶ(୧୬ପଏଣ୍ଟ) ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଆସନ୍ତା ୨୧ରେ ଓଡ଼ିଶା ଅନ୍ତିମ ଲିଗ୍‌ରେ ଆନ୍ଧ୍ରପ୍ରଦେଶକୁ ଭେଟିବ। ଏହି ମ୍ୟାଚ୍ ଜିତିଲେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାର ସୁଯୋଗ

## ● ୨୩ ବର୍ଷରୁ କମ୍ ଜାତୀୟ ମହିଳା ଟି-୨୦

# ଅଲିସ୍ପା ଓଡ଼ିଶା ଦଳର ଅଧିନାୟିକା



ଭୁବନେଶ୍ୱର, ୧୯ ।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଆସନ୍ତା ୨୪ ତାରିଖରୁ ୨୩ ବର୍ଷରୁ କମ୍ ଜାତୀୟ ମହିଳା ଟି-୨୦ ଟ୍ରଫି ଆରମ୍ଭ ହେବ। ଏଥିଲାଗି ବୁଧବାର ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)ର ସିନିୟର ମହିଳା ଚୟନ କମିଟି ଅଧ୍ୟକ୍ଷା ସସ୍ମିତା ପଟ୍ଟନାୟକ ଓ ମୁଖ୍ୟ କୋଚ୍ ସ୍ୱାଗତିକା ରଥ ୧୬ ଜଣିଆ ରାଜ୍ୟ ଦଳ ଘୋଷଣା କରିଥିଲେ। ଅଲିସ୍ପା ବିଶ୍ୱାଳଙ୍କୁ ଦଳର ନେତୃତ୍ୱ ଭାରତ ପ୍ରଦାନ କରାଯାଇଛି। ଓଡ଼ିଶା ନଭେମ୍ବର ୨୪ରେ ସିକ୍କିମ, ୨୫ରେ ଉତ୍ତରାଖଣ୍ଡ, ୨୭ରେ ହରିୟାଣା, ୨୯ରେ ବରୋଦା ଓ ଡିସେମ୍ବର ୧ରେ ମୁମ୍ବାଇ ବିପକ୍ଷରେ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ଓଡ଼ିଶା ଏହାର ସମସ୍ତ ମ୍ୟାଚ୍ କେରଳର ତିରୁଅନନ୍ତପୁରମରେ ଖେଳିବ।

ଓଡ଼ିଶା ୨୩ ବର୍ଷରୁ କମ୍ ମହିଳା ଦଳ: ଅଲିସ୍ପା ବିଶ୍ୱାଳ (ଅଧିନାୟିକା), ତନ୍ମୟୀ ବେହେରା (ଉପ-ଅଧିନାୟିକା), ପୂଜାରାଣୀ ଦାସ, ଦିବ୍ୟା ରାଉତରାୟ, ତନ୍ୱୀ ରଞ୍ଜନା (ଉଭୟ ୱିକେଟ୍‌କିପର), ସୁଚିସ୍ମିତା ପଣ୍ଡା, ଅଙ୍କିତା ଗିରି, ପ୍ରାର୍ଥନା ପ୍ରତିଶ୍ରୁତି, ଶୁଭ୍ରା ସ୍ୱାଇଁ, ଜିଏମ୍ ଅଲକାନନ୍ଦା, ଅନନ୍ୟା ମିଶ୍ର, ସୁଲଗ୍ନା ନାୟକ, ଏସ୍‌ବି ଲରେନ୍ସ, ଶ୍ରେୟା ପ୍ରିୟଦର୍ଶିନୀ, ଜ୍ୟୋତି ପ୍ରସାଦ, କଲାନ୍ସି ଧରିତ୍ରୀ। ଷ୍ଟାଣ୍ଡବାଏ: ଜୟସ ନାୟକ, ରାଣୀ ପ୍ରସାଦ, ଏସ୍. ସ୍ୱାଇଁ ଓ ସୋନାଲିସା ସାହୁ।

## ସୟଦ ମୁସ୍ତାକ ଅଲ୍ଲୀ ଟି-୨୦

# ୫ ବର୍ଷ ପରେ ବିପ୍ଳବଙ୍କୁ ନେତୃତ୍ୱ

କଟକ,୧୯।୧୧(ସମିସ)



**୬ ନୂଆ ମୁହଁ; ୧୭ବର୍ଷୀୟ ରାଜଙ୍କୁ ସୁଯୋଗ**

ବିସିସିଆଇ ଆନୁକୂଲ୍ୟରେ ଆସନ୍ତା ୨୬ ତାରିଖରୁ ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥି ନିମନ୍ତେ ଘୋଷିତ ୨୦ଜଣିଆ ରାଜ୍ୟ ଦଳରେ ବିପ୍ଳବ ସାମନ୍ତରାୟଙ୍କୁ ନେତୃତ୍ୱ ମିଳିଛି। ପାଞ୍ଚବର୍ଷ ପରେ ବିପ୍ଳବ ଟି-୨୦ ଫର୍ମାଟର ଅଧିନାୟକ ପଦକୁ ଫେରିଛନ୍ତି। ସେହିଭଳି ଦଳରେ ୬ ନୂଆ ମୁହଁ ସ୍ଥାନ ପାଇଛନ୍ତି। ଅନିଲ ପରିଡ଼ା, ବାଦଲ ବିଶ୍ୱାଳ ଏବଂ ସୌରଭ ଗୌଡ ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ ମଧ୍ୟ ଟି-୨୦ ଫର୍ମାଟରେ ନୂଆ ଚେହେରା। ଏହାଛଡ଼ା ୧୭ବର୍ଷୀୟ ସ୍ପିନର ରାଜ ଯାଦବ ଏବଂ ପେସ୍ ବୋଲର ଭଗୀଶ ଶର୍ମାଙ୍କ ସମେତ ସୌମ୍ୟରଞ୍ଜନ ଲେଙ୍କା ରାଜ୍ୟ ବରିଷ୍ଠ ଦଳରେ ପ୍ରଥମ ଥର ସୁଯୋଗ ପାଇଛନ୍ତି। ସେହିଭଳି ବାମହାତୀ ସ୍ପିନର ପପୁ ରାୟ ପାଖାପାଖି ୪୪ ମାସ ପରେ ସିନିଅର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଘୋଷିତ ଦଳରେ ଗୌରବ ଚୌଧୁରୀ, ସ୍ୱସ୍ତିକ ସାମଲ, ଆଦିତ୍ୟ ରାଉତ, ଆଶୀର୍ବାଦ ସ୍ୱାଇଁ, ପ୍ରୟାସ କୁମାର ସିଂହ, ସମ୍ବିତ ବରାଳ, ରାଜେଶ ମହାନ୍ତି, ଶୁଭ୍ରାଂଶୁ ସେନାପତି, ଶୁଭମ ଶତ୍ରୁଜିତ, ସନ୍ଦୀପ ପଟ୍ଟନାୟକ, ପପୁ ରାୟ, ଗୋବିନ୍ଦ ପୋଦ୍ଦାର, ସର୍ବେଶ୍ୱର ମହାନ୍ତି ରହିଛନ୍ତି। ଲକ୍ଷ୍ନୌର ଏକନା କ୍ରିକେଟ ଷ୍ଟାଡିୟମରେ କେରଳ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

# ଫିଫା ବିଶ୍ୱକପ୍‌ରେ କ୍ଷୁଦ୍ରତମ ଦେଶ

ଜାମାଇକା, ୧୯ ।୧୧ (ଏଜେନ୍ସି): କାରିବୀୟାନ ଦୀପ ରାଷ୍ଟ୍ର କୁରାକାଓ କ୍ଷୁଦ୍ରତମ ଦେଶ ଭାବେ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାର ସୌଭାଗ୍ୟ ଲାଭ କରିଛି। ବୁଧବାର ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ କୁରାକାଓ ଗୋଲ୍‌ଶୂନ୍ୟ ଭାବେ ଜାମାଇକା ବିପକ୍ଷରେ ଡ୍ର ରଖିଥିଲା। ଫଳରେ ଗ୍ରୁପ୍-ଏଚ୍‌ରେ ୬ ମ୍ୟାଚ୍ ଖେଳି ୩ଟି ଲେଖାଏ ବିଜୟ ଓ ଡ୍ର ସହ କୁରାକାଓ ୨୦୨୬ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରି ଇତିହାସ ରଚିଛି। ୧୭୧ ସ୍କୋୟାର ମାଇଲ୍ସ ବିଶିଷ୍ଟ କୁରାକାଓର ଜନସଂଖ୍ୟା ୧ ଲକ୍ଷ ୫୬ ହଜାର। ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ଏହା ବିଶ୍ୱର କ୍ଷୁଦ୍ରତମ ଦେଶ ହେବାର ରେକର୍ଡ କରିଛି।

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ

ବିତର୍କ ପ୍ରତିଯୋଗିତା ୨୦୨୫

ଭାଷା: ଓଡ଼ିଆ

5th Anniversary

Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

In Association with:
CBSE-XI & XII
SRI VINAYAKA Concept School
BHUBANESWAR

**ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.**

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୭୭ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୬୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୨୧୭୨୯ |
| କଟକ | ସାରଳା ଭବନ ,ବିଜୁ ପଟ୍ଟନାୟକ ଛକ , ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିରିଂ ବୈଷିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧମିକ ବିଦ୍ୟାଳୟ , ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ , ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ , କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ , ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୬୨୫୬୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୭୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ , ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ , ଯାଜପୁର | ସନ୍ଦିପ୍ତ ରାୟ୍ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଢୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୧୧୨୨୦୫୫ |

**୨୩ ନଭେମ୍ବର ୨୦୨୫ । ରବିବାର**

ଜୁନିୟରଃ ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟରଃ କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS